ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 8/2023 Page 16 ₹ 7.00
୪୯ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 46 ମୂଲ୍ୟ ₹୭/-




# Air Connectivity in Odisha gets a major boost under UDAN scheme of Government of India

*"Aviation was once considered as the domain of a select few, but that has changed now with the advent of 'UDAN'. A common man who travels in 'Hawai Chappal' should also be seen in 'Hawai Jahaz'. This is my dream."*

Narendra Modi,
Prime Minister of India

## SAIL's Rourkela Airport operationalised

Flights on Rourkela-Bhubaneswar-Rourkela route have been started by Alliance Air

- The Rourkela Airport has been revived with allocation of more than Rs. 64 Crore through Ministry of Civil Aviation under the *UDAN* scheme
- Rourkela-Kolkata route has also been awarded for operationalisation under *UDAN*
- Rourkela Airport is open for connecting all other cities of the country

## Thank you Shri Narendra Modi, Prime Minister of India for the visionary leadership

SAIL thanks Shri Jyotiraditya M Scindia, Union Minister for Civil Aviation and Steel for operationalization of the airport and guidance and Shri Dharmendra Pradhan, Minister of Education and Minister of Skill Development & Entrepreneurship for the support. SAIL also thanks the Government of Odisha for the help.



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩

**ଛାତ୍ରଙ୍କୁ ୧ କି.ମି. ଘୋଷାଡ଼ିନେଲା କାର୍**

ଉତ୍ତର ପ୍ରଦେଶର ହାର୍ଦୋଇରେ ୧୫ ବର୍ଷର ଛାତ୍ରଙ୍କୁ କାର୍ ୧ କି.ମି. ଦୂର ଘୋଷାଡ଼ି ନେଇଛି। ୯ମ ଶ୍ରେଣୀ ଛାତ୍ର କେତନ କୋଚିଂ ଯାଉଥିବା ବାଟରେ ତାଙ୍କ ସାଇକେଲ ଏକ କାର୍ ସହ ପିଟି ହୋଇଯାଇଥିଲା। ସେ ଖସିପଡ଼ିବାରୁ ଗୋଡ଼ କାର୍‌ରେ ଫସିଯାଇଥିଲା। କାର୍ ଡ୍ରାଇଭର କେତନଙ୍କୁ ପାଖାପାଖି ୧ କି.ମି. ଘୋଷାଡ଼ି ନେଇଥିବାବେଳେ କେତେଜଣ ଲୋକେ କାର୍‌ର ପିଛାକରି ତାକୁ ଅଟକାଇଥିଲେ। ଉତ୍ତେଜିତ ଲୋକେ କାର୍ ଚାଳକଙ୍କୁ ପିଟିଥିବାବେଳେ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ଶାନ୍ତ କରିଥିଲା।



# ମେକାର୍ଥି ହାଉସ୍ ସ୍ପିକର

ୱାଶିଂଟନ,୭।୧


କେଭିନ୍ ମେକାର୍ଥି

■ବିବାଦ ମଧ୍ୟରେ ୧୫ତମ ଭୋଟରେ ଜିତିଲେ

■ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନ ରୋକିବାକୁ ପ୍ରତିଶ୍ରୁତି

ବହୁ ବାଦବିବାଦ ମଧ୍ୟରେ ରିପବ୍ଲିକାନ ସଦସ୍ୟ କେଭିନ୍ ମେକାର୍ଥି ଆମେରିକା ପ୍ରତିନିଧି ସଭାର ୫୫ତମ ସ୍ପିକର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ର ପରେ ଐତିହାସିକ ୧୫ତମ ଭୋଟରେ ମେକାର୍ଥିଙ୍କୁ ଗୃହର ପ୍ରଭାବଶାଳୀ ପଦବୀକୁ ନିର୍ବାଚିତ କରାଯାଇଛି। ଫଳରେ କିଛିଦିନ ହେଲା ଦେଶର ରାଜନୀତିରେ ଦେଖାଦେଇଥିବା ଅଚଳାବସ୍ଥାର ଅବସାନ ହେବା ଆଶା କରାଯାଉଛି।

ଡେମୋକ୍ରାଟିକ୍ ପାର୍ଟିର ୮୨ ବର୍ଷୀୟ ସ୍ପିକର ନାନ୍ସି ପେଲୋସିଙ୍କ ସ୍ଥାନ ନେଇଛନ୍ତି ୫୭ ବର୍ଷୀୟ ରିପବ୍ଲିକାନ୍ ପ୍ରାର୍ଥୀ ମେକାର୍ଥି। ଗତ ନଭେମ୍ବର ୮ରେ ଅନୁଷ୍ଠିତ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ସଂଖ୍ୟାଗରିଷ୍ଠତା ହରାଇଥିଲା। ୪୩୫ ଆସନ ବିଶିଷ୍ଟ ହାଉସ୍‌ରେ ରିପବ୍ଲିକାନ୍ ୨୨୨ ଆସନ ଜିତିଥିବାବେଳେ ଡେମୋକ୍ରାଟିକ୍ ପାର୍ଟିକୁ ୨୧୨ ଆସନ ମିଳିଥିଲା। ଗତ ବିଳମ୍ବିତ ରାତିରେ ୧୫ତମ ପର୍ଯ୍ୟାୟ ଭୋଟରେ ୫୨ ବର୍ଷୀୟ ହାକିମ୍ ସେକୋଉ ଜେଫ୍ରିସ୍‌ଙ୍କୁ ମେକାର୍ଥି ୨୧୬-୨୧୨ ଭୋଟରେ ହରାଇଥିଲେ। ସ୍ପିକର ନିର୍ବାଚନ ପାଇଁ ଏହା ଥିଲା ଦୀର୍ଘତମ ପ୍ରତିଦ୍ୱନ୍ଦ୍ୱିତା। ରିପବ୍ଲିକାନ୍‌ର ୬ ଜଣ ବିଦ୍ରୋହୀ ସଦସ୍ୟ ମେକାର୍ଥିଙ୍କ ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ଲେଖିବାରୁ ମ୍ୟାଜିକ୍ ସଂଖ୍ୟା ୨୧୮ରୁ ୨୧୫କୁ ହ୍ରାସ ପାଇଥିଲା। ଏହା ପୂର୍ବରୁ ଆମେରିକା ଇତିହାସରେ ସବୁଠୁ ଦୀର୍ଘତମ ଭୋଟିଂ ୧୮୫୫ରେ ହୋଇଥିଲା। ସେତେବେଳେ ସ୍ପିକର ନିର୍ବାଚନ ଲାଗି ୨ ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ୧୩୩ ଥର ଭୋଟିଂ କରାଯାଇଥିଲା।

ସ୍ପିକର ଦୌଡ଼ରେ ମେକାର୍ଥି ଆଗରେ ରହିଥିଲେ ମଧ୍ୟ ତାଙ୍କୁ ଦଳ ଭିତରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶୁକ୍ରବାର ମଧ୍ୟରାତ୍ର ପୂର୍ବରୁ ୧୪ତମ ରାଉଣ୍ଡରେ ଜିତିଯିବେ ବୋଲି ମେକାର୍ଥି ଆଶାବାଦୀ ଥିଲେ। ୪୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଭୋଟ ଦେଇଥିଲେ ମଧ୍ୟ ମେକାର୍ଥିଙ୍କର ଗୋଟିଏ ଭୋଟ କମ୍ ହୋଇଥିଲା। ତୀବ୍ର ବିରୋଧୀ ଭାବେ ଜଣାଶୁଣା ମାଟ୍ଟ ଗେଟ୍‌ଜ ତାଙ୍କ ସପକ୍ଷରେ ୧୪ ଓ ୧୫ତମ ରାଉଣ୍ଡରେ ଭୋଟ ଦେବାକୁ ମନା କରିଦେଇଥିଲେ। ସେ କାହା ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ବୋଲି ଲେଖିଥିଲେ। ଅନ୍ୟ ୫ ଜଣ ବିଦ୍ରୋହୀ ସଦସ୍ୟ ମଧ୍ୟ ଅନୁରୂପ ପଦକ୍ଷେପ ନେଇଥିଲେ। ଚତୁର୍ଦ୍ଦଶ ରାଉଣ୍ଡ ଭୋଟିଂ ପରେ ମେକାର୍ଥି ଗେଟ୍‌ଜଙ୍କ ପାଖକୁ ଯାଇ ତାଙ୍କୁ ବୁଝାଶୁଝା କରି ଭୋଟ ଦେବା ଲାଗି ଅନୁରୋଧ କରୁଥିବା ଦେଖାଯାଇଥିଲା। ଏହାକୁ ନେଇ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ପିକର ନିର୍ବାଚିତ ହେବା ପରେ ମେକାର୍ଥି ତାଙ୍କର ପ୍ରଥମ ଅଭିଭାଷଣରେ କହିଛନ୍ତି, ଚାଇନା ସହ ଆର୍ଥିକ ପ୍ରତିଯୋଗିତାରେ ଆମେରିକା ବିଜୟୀ ହେବା ସେ ଚାହାନ୍ତି। ଆମେରିକାର ଦୀର୍ଘମିଆଦୀ ଚ୍ୟାଲେଞ୍ଜ ଯଥା ଋଣ ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନକୁ ରୋକିବା ଲାଗି ଗୃହ କାର୍ଯ୍ୟ କରିବ। ଏହିସବୁ ପ୍ରସଙ୍ଗରେ ଗୃହର ସ୍ୱର ଗୋଟିଏ ହେବ ବୋଲି ସ୍ପିକର କହିଛନ୍ତି। ଚାଇନାକୁ ଚାଲିଯାଉଥିବା ଲକ୍ଷ ଲକ୍ଷ ନିଯୁକ୍ତିକୁ କିପରି ଛଡ଼ାଇ ଅଣାଯାଇପାରିବ, ତାହା ଅନୁଧ୍ୟାନ କରିବାକୁ ଏକ ଦ୍ୱିଦଳୀୟ ଚୟନ କମିଟି ଗଠନ କରାଯିବ। ଏହାଦ୍ୱାରା ଚାଇନା ବିରୋଧରେ ଅର୍ଥନୈତିକ ଲଢ଼େଇ ଜିତାଯାଇପାରିବ ବୋଲି ମେକାର୍ଥି କହିବା ବେଳେ ଗୃହର ସଦସ୍ୟମାନେ ଏହାର ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ପଞ୍ଜାବ ମନ୍ତ୍ରୀ ଫୌଜ ସିଂଙ୍କ ଇସ୍ତଫା

**ବଲବୀର ସିଂ ନୂଆ ମନ୍ତ୍ରୀ**


ଫୌଜ ସିଂ ସରାର

**ଚଣ୍ଡିଗଡ଼,୭।୧:** ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗରେ ପଞ୍ଜାବ ଉଦ୍ୟାନ କୃଷିମନ୍ତ୍ରୀ ଫୌଜ ସିଂ ସରାରି ଶନିବାର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। କିଛି ମାସ ତଳେ ସେ ଏକ ବଟି ଆଦାୟ ଡିଲ୍ ଧାର୍ଯ୍ୟ କରୁଥିବାର ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ବିବାଦ ଘେରକୁ ଆସିଥିଲେ। ଫୌଜ ସିଂଙ୍କ ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ମାନ୍ ଗ୍ରହଣ କରିନେଇଛନ୍ତି। ଫୌଜ ସିଂ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି। ତେବେ ସେ ଦଳର ଜଣେ ଅନୁଗତ ସୈନ୍ୟ ଥିଲେ ଓ ରହିବେ ବୋଲି କହିଛନ୍ତି। ଅବସରପ୍ରାପ୍ତ ପୋଲିସ ଅଫିସର ଫୌଜ ସିଂ ଫିରୋଜପୁରର ଗୁରୁ ହର ସହାଇ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଫୌଜ ସିଂଙ୍କ ଇସ୍ତଫା ପରେ ପଟିଆଲା ଗ୍ରାମାଞ୍ଚଳ ଆସନର ଏଏପି ବିଧାୟକ ଡ. ବଲବୀର ସିଂଙ୍କୁ ଶନିବାର ନୂଆ ମନ୍ତ୍ରୀ ଭାବେ କ୍ୟାବିନେଟରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ଉପସ୍ଥିତିରେ ରାଜ୍ୟପାଳ ଭୱାଁରିଲାଲ ପୁରୋହିତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆଖି ଡାକ୍ତର ବଲବୀର କଂଗ୍ରେସ ନେତା ବ୍ରହ୍ମ ମହିନ୍ଦ୍ରାଙ୍କ ପୁଅ ମୋହିତ ମହିନ୍ଦ୍ରାଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ବିରିୟାନି ଖାଇ ଯୁବତୀଙ୍କ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ

**ଥିରୁଭାନନ୍ତପୁରମ, ୭।୧:** କେରଳ ପେରୁମ୍ବଲାରେ କୁଝିମନ୍ତି (କେରଳରେ ମିଳୁଥିବା ବିରିୟାନି) ଖାଇ ଯୁବତୀଙ୍କ ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୩୧ରେ ଅଞ୍ଜୁ ଶ୍ରୀପାର୍ବତୀ ଅନ୍‌ଲାଇନ୍‌ରେ ରୋମାନ୍ସିଆ ରେଷ୍ଟୁରାଣ୍ଟରୁ ବିରିୟାନି ମଗେଇ ଖାଇଥିବା ପୋଲିସ କହିଛି। ଶନିବାର ସକାଳେ ଅଞ୍ଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ଘର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଅଞ୍ଜୁଙ୍କ ଘରଲୋକ ଥାନାରେ ଅଭିଯୋଗ କରିଥିଲେ। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ରୀଙ୍କୁ ଲଭ୍ ଲେଟର ଦେଇ ଶିକ୍ଷକ ନିଲମ୍ବିତ

**କାନ୍ନୁଜ, ୭।୧:** ଉତ୍ତର ପ୍ରଦେଶ ବଲ୍ଲାରପୁରର ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଲଭ୍ ଲେଟର ଲେଖିଥିବା ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ଶିକ୍ଷକ ହରିଓମ୍ ସିଂଙ୍କ ବିରୋଧରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଡିସେମ୍ବର ୩୦ରେ ହରିଓମ୍ ଛାତ୍ରୀଙ୍କୁ ଏକ ଗ୍ରୀଟିଂସ୍ କାର୍ଡ ଦେଇଥିଲେ। ସେ ଘରକୁ ଯାଇ ଦେଖିଲାବେଳେକୁ ସେଥିରେ ଶିକ୍ଷକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ପରେ ଜିଲା ଶିକ୍ଷା ଅଧିକାରୀ କୌସ୍ତୁଭ ସିଂ ହରିଓମ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ବିଇଓ ଘଟଣାର ତଦନ୍ତ କରୁଛନ୍ତି।

## ସିଜେଆଇଙ୍କୁ ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ,୭।୧

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ହାର୍ଭାର୍ଡ ଲ' ସ୍କୁଲ୍ ସେଣ୍ଟର ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ ପ୍ରଦାନ କରିବାକୁ ଯାଉଛି। ଆସନ୍ତା ୧୧ ତାରିଖରେ ଏକ ଅନ୍‌ଲାଇନ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦେଶ ତଥା ସାରା ବିଶ୍ୱରେ ଆଇନ ଅଧ୍ୟବସାୟ ପ୍ରତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କର ଜୀବନବ୍ୟାପୀ ସେବାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଆମେରିକାର ହାର୍ଭାର୍ଡ ଲ' ସ୍କୁଲ୍‌ରୁ ଜୁରିଡିକାଲ ସାଇନ୍ସେସ୍‌ରେ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ଓ ଡକ୍ଟରେଟ୍ ହାସଲ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଗତବର୍ଷ ନଭେମ୍ବର ୯ରେ ଭାରତର ୫୦ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ।

## ଜୋଷୀମଠରୁ ଲୋକଙ୍କୁ ସ୍ଥାନାନ୍ତର


ଜୋଷୀମଠ ସହରରେ ମାଟି ଦବିଯିବାରୁ ଏକ ଘର ଭୁଶୁଡ଼ି ପଡ଼ିଛି।

ନୂଆଦିଲ୍ଲୀ,୭।୧

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠ ସହର ଦବୁଥିବାରୁ ପାଖାପାଖି ୬୦୦ ଘରେ ଏବଂ ରାସ୍ତାରେ ବିପଜ୍ଜନକ ଫାଟ ସୃଷ୍ଟି ହୋଇଛି। ଗୋଟିଏ ମନ୍ଦିର ଓ କେତେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶନିବାର ଜୋଷୀମଠ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଡେଞ୍ଜର ଜୋନ୍ (ବିପଜ୍ଜନକ ଅଞ୍ଚଳ)ରେ ରହିଥିବା ୬୦୦ ପରିବାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ବିସ୍ଥାପନ କରାଯାଉଛି। ଏଥିପାଇଁ ହେଲିକପ୍ଟରକୁ ଷ୍ଟାଣ୍ଡବାଏ ରଖାଯାଇଛି। ଭୂବିଜ୍ଞାନୀମାନେ ମାଟି ଦବିବା ଘଟଣାର ଅନୁଧ୍ୟାନ କରୁଛନ୍ତି। ବିଶେଷଜ୍ଞ କମିଟି ଜନବସତି ଅଞ୍ଚଳରେ ଭୂମି ଦବିବା, ଘର, ରାସ୍ତାଘାଟରେ ଫାଟ ସୃଷ୍ଟି ହେବାର କାରଣ ଖୋଜିବେ। ସ୍ଥିତି ଅନୁଧ୍ୟାନ ପରେ ଜୋଷୀମଠ ଅଞ୍ଚଳର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବ ବୋଲି ଧାମି କହିଛନ୍ତି।

## ଇରାନରେ ଆଉ ୨ ଜଣଙ୍କୁ ଫାଶୀ

ଦୁବାଇ,୭।୧

**ସରକାର ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଅଟକଥିଲେ**

ଇରାନରେ ହିଜାବ ବିବାଦ ପରେ ଦେଶର ଧର୍ମତନ୍ତ୍ରକୁ ଚ୍ୟାଲେଞ୍ଜ କରି ଚାଲିଥିବା ସରକାର ବିରୋଧୀ ଆନ୍ଦୋଳନକୁ ଚପାଇଦେବା ପାଇଁ ଶନିବାର ଆଉ ୨ ଜଣଙ୍କୁ ଫାଶୀ ଦିଆଯାଇଛି। ସେମାନେ ସରକାର ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ସୁରକ୍ଷା ବଳ ଦ୍ୱାରା ଅଟକ ରହିଥିଲେ। ବିକ୍ଷୋଭ ବେଳେ ଅର୍ଦ୍ଧସାମରିକ ସ୍ୱେଚ୍ଛାସେବୀଙ୍କୁ ହତ୍ୟା କରିବା ଅଭିଯୋଗରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା ବୋଲି ଇରାନ କହିଛି। ଫାଶୀ ପାଇଥିବା ୨ ଜଣ ହେଲେ ମହମ୍ମଦ ମେହଦି କରାମି ଏବଂ ମହମ୍ମଦ ହୋସେଇନି। ଏମାନଙ୍କୁ ମିଶାଇ ସରକାରଙ୍କ ବିରୋଧରେ ଆନ୍ଦୋଳନରେ ସମ୍ପୃକ୍ତ ମୋଟ ୪ ଜଣଙ୍କୁ ଫାଶୀ ଦିଆଗଲାଣି। ମହସା ଅମିନିଙ୍କ ମୃତ୍ୟୁ ପରେ ଗତବର୍ଷ ସେପ୍ଟେମ୍ବରରେ ଇରାନରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ତ୍ରୁଟିପୂର୍ଣ୍ଣ ଅଦାଲତରେ ବିଚାର କରାଯାଇ ଆନ୍ଦୋଳନକାରୀଙ୍କୁ ଫାଶୀଦେବା ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି।

## ବିମାନରେ ପରିସ୍ରା କରିଥିବା ଅଭିଯୁକ୍ତ ଜେଲ ଗଲେ

ନୂଆଦିଲ୍ଲୀ,୭।୧


ଶଙ୍କର ମିଶ୍ର

ଏୟାର ଇଣ୍ଡିଆ ବିମାନରେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରି ଦିଲ୍ଲୀ ଆଣିବା ପରେ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ୩ ଦିନ ରିମାଣ୍ଡରେ ନେଇ ଜେରା କରିବାକୁ ଦିଲ୍ଲୀ ପୋଲିସ ଆବେଦନ କରିଥିଲା। ତେବେ ଅଦାଲତ ପୋଲିସର ନିବେଦନକୁ ଅଗ୍ରାହ୍ୟ କରିଦେଇ ଶଙ୍କରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଗତ ନଭେମ୍ବର ୨୬ରେ ଏୟାର ଇଣ୍ଡିଆ ବିମାନର ବିଜ୍‌ନେସ କ୍ଲାସ୍‌ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଶଙ୍କର ନିଶାସକ୍ତ ଅବସ୍ଥାରେ ଜଣେ ବୟସ୍କା ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଗତ ୪ ତାରିଖରେ ପୋଲିସ ତାଙ୍କ ନାମରେ ମାମଲା ଦାଏର କରିଥିଲା। ପରିସ୍ରା କରିବା ମାମଲାରେ ଡିଜିସିଏ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାବେଳେ ଇତିମଧ୍ୟରେ ଉକ୍ତ ଏୟାରଲାଇନ୍ସର ୩ ଜଣ କ୍ରିଉ ସଦସ୍ୟ ଜେରାର ସମ୍ମୁଖୀନ ହୋଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଗୁଳିକଲେ ୬ ବର୍ଷୀୟ ଛାତ୍ର

**ନରଫକ୍,୭।୧:** ଆମେରିକାର ଭର୍ଜିନିଆସ୍ଥିତ ରିଚ୍‌ନେକ୍ ଏଲିମେଣ୍ଟାରି ସ୍କୁଲ୍‌ରେ ଜଣେ ୬ ବର୍ଷର ଛାତ୍ର ଶୁକ୍ରବାର ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଆହତ ଶିକ୍ଷୟିତ୍ରୀ ଏବେ ଚିକିତ୍ସାଧୀନ ଅଛନ୍ତି। ଫାଷ୍ଟ ଗ୍ରେଡ୍ ଶ୍ରେଣୀରେ ଶିକ୍ଷୟିତ୍ରୀଙ୍କ ସହ ବଚସା ପରେ ଛାତ୍ର ଜଣକ ଗୁଳି ଚଳାଇଥିଲେ ବୋଲି ପୋଲିସ ଓ ସ୍କୁଲ୍ କର୍ମଚାରୀ କହିଛନ୍ତି। ଗୁଳିମାଡ଼ରେ କୌଣସି ପିଲା ଆହତ ହୋଇନାହାନ୍ତି। ଛାତ୍ର ଜଣକ ସ୍କୁଲ୍‌କୁ ହ୍ୟାଣ୍ଡଗନ୍ ଆଣି ଆସିଥିଲେ। ତେବେ ସେ କେଉଁଠୁ ବନ୍ଧୁକ ପାଇଲେ, ତାହା ଉପରେ ପୋଲିସ ତଦନ୍ତ କରୁଛି।

## ବିହାରରେ ଜାତିଭିତ୍ତିକ ଜନଗଣନା ଆରମ୍ଭ


ପାଟନାରେ ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

■ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ଏହାର ଉଦ୍ଦେଶ୍ୟ: ନୀତୀଶ

■ଐତିହାସିକ ପଦକ୍ଷେପ କହିଲେ ତେଜସ୍ୱୀ

ପାଟନା,୭।୧

ବିହାରରେ ଶନିବାରଠାରୁ ବହୁପ୍ରତୀକ୍ଷିତ ଜାତିଭିତ୍ତିକ ଜନଗଣନା ଆରମ୍ଭ ହୋଇଛି। ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ସହିତ ବିକାଶମୂଳକ କାର୍ଯ୍ୟରେ ସହାୟତା କରିବା ଏହି ଜନଗଣନାର ଉଦ୍ଦେଶ୍ୟ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦୋହରାଇଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ ଆରମ୍ଭରୁ ଆମେ ଦାବି କରିଆସୁଛୁ। ୨୦୧୧ ଜନଗଣନା ପରେ ସରକାର ଜାତିଭିତ୍ତିକ ଗଣନା ଆରମ୍ଭ କରିଥିଲେ ହେଁ ତାହା ଠିକ୍ ଭାବେ ହୋଇପାରି ନ ଥିଲା। ବିହାରର ସମସ୍ତ ଦଳ ଏକାଠି ବସି ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହାନ୍ତି ନାହିଁ। ତେବେ କୌଣସି ରାଜ୍ୟ ଏହା କରିବାକୁ ଚାହିଁଲେ କରିପାରିବ ବୋଲି କେନ୍ଦ୍ର କହିଥିଲା। ବିହାରରେ ଜାତିଭିତ୍ତିକ ଜନଗଣନା ଏକ ଐତିହାସିକ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି। ସମାଜର ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଏଥିରୁ ବିଜ୍ଞାନସମ୍ମତ ତଥ୍ୟ ମିଳିପାରିବ ବୋଲି ଆରଜେଡି ନେତା ମତ ଦେଇଛନ୍ତି।

DSPL-404

କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱରର ବହିର୍ବିଭାଗ (ଅପରାହ୍ନ) ଚିକିତ୍ସା ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ
(ଆସନ୍ତା ତା.୯.୧.୨୦୨୩ ରିଖ ଠାରୁ ଉପଲବ୍ଧ)

ପ୍ରତିଦିନ ରାତ୍ରି ୧୨ ଘଟିକା ଠାରୁ ଦିବା ୩.୦୦ ଘଟିକା ମଧ୍ୟରେ ପଞ୍ଜିକରଣ କରିହେବ। ଦିବା ୩ଟାରୁ ୫ଟା ମଧ୍ୟରେ ଉପଲବ୍ଧ ବହିର୍ବିଭାଗ ସେବା ପାଇଁ ପ୍ରଯୁଜ୍ୟ।

କିପରି କରିବେ :

୧. କମ୍ପ୍ୟୁଟର କିମ୍ବା ମୋବାଇଲ୍ ଫୋନ୍‌ରେ **https://eswasthya.odisha.gov.in** ୱେବ୍‌ସାଇଟ୍ ଖୋଲନ୍ତୁ।
୨. ଏହାପରେ "Online Registration" ଉପରେ କ୍ଲିକ୍ କରନ୍ତୁ।
୩. ଯଦି ଆପଣ ପୂର୍ବରୁ କେବେ ଅନ୍‌ଲାଇନ୍ ପଞ୍ଜିକରଣ କରିଛନ୍ତି ତେବେ "Do you have Central Registration Number" ଉପରେ କ୍ଲିକ୍ କରନ୍ତୁ, ନଚେତ୍ "New Registration" ଉପରେ କ୍ଲିକ୍ କରନ୍ତୁ।
୪. ଏହା ପରେ ହସ୍ପିଟାଲ୍‌ର ନାମ, କେଉଁ ବିଭାଗର ଚିକିତ୍ସା ଚାହୁଁଛନ୍ତି ଓ କେଉଁ ତାରିଖରେ ଚାହୁଁଛନ୍ତି ଚୟନ କରନ୍ତୁ ଓ କ୍ଲିକ୍ କରନ୍ତୁ।
୫. ତା'ପରେ ଆପଣଙ୍କର ନାମ, ବୟସ, ଠିକଣା ଆଦି ପୂରଣ କରନ୍ତୁ ଏବଂ "Register" ଉପରେ କ୍ଲିକ୍ କରନ୍ତୁ। ବର୍ତ୍ତମାନ ଆପଣଙ୍କ ପାଇଁ ଉଦ୍ଦିଷ୍ଟ Appointment Slip ଏବଂ Print option ସ୍କ୍ରିନ୍‌ରେ ଆସିଯିବ।
୬. "Appointment Slip" ର ଗୋଟିଏ ପ୍ରିଣ୍ଟ୍ ବାହାର କରି ଆପଣ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ଚିକିତ୍ସା ପାଇଁ ଯାଇପାରିବେ। ଯଦି ଆପଣଙ୍କ ପାଖରେ ପ୍ରିଣ୍ଟର ସୁବିଧା ନାହିଁ ତେବେ ଆପଣଙ୍କ QR Code କୁ ମୋବାଇଲ୍‌ରେ ସ୍କାନିଂ କରି ନେଇ ଯାଆନ୍ତୁ ଓ ହସ୍ପିଟାଲ୍‌ରେ ଥିବା କିଓସ୍କ ମେସିନ୍‌ରେ ପ୍ରିଣ୍ଟ୍ ବାହାର କରନ୍ତୁ।
୭. ସମ୍ପୃକ୍ତ ବିଭାଗରେ ଚିକିତ୍ସା ପାଇଁ ଆପଣଙ୍କୁ Appointment Slip ସହ **ବହିର୍ବିଭାଗ ବନ୍ଦ ହେବାର ଅନ୍ତତଃ ୧ ଘଣ୍ଟା ପୂର୍ବରୁ ପହଞ୍ଚିବାକୁ ହେବ।**

ମନେରଖନ୍ତୁ :
ପୁନର୍ବାର ଚିକିତ୍ସା ପାଇଁ ଆପଣଙ୍କୁ ପ୍ରଥମେ ପାଇଥିବା CR Number ସହ ଆଉଥରେ ପଞ୍ଜିକରଣ ମାଧ୍ୟମରେ ଆଉ ଏକ Appointment Slip ବାହାର କରିବାକୁ ପଡ଼ିବ।




OIPR-10003/13/0130/2223

ପୁରୁଷ ହକି ବିଶ୍ୱ କପ୍ ୨୦୨୩ - ଓଡ଼ିଶା ପାଇଁ ଗର୍ବ ଓ ଗୌରବ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ | Bhubaneswar, Sunday, January 8/2023 | ପୃଷ୍ଠା-୧

୧୪ ୦୯




## ସାନିଆ ମିର୍ଜାଙ୍କ ଅବସର ନିଷ୍ପତ୍ତି

ଭାରତର ଭେଟେରାନ ମହିଳା ଡବଲ୍ସ ଖେଳାଳି ସାନିଆ ମିର୍ଜା ଟେନିସ୍‌ରୁ ଅବସର ନେବା ଲାଗି ନିଷ୍ପତ୍ତି ନେଇଛନ୍ତି।

## ରାହା ମାନେ ଖୁସି: ଆଲିଆ

ଝିଅ ରାହାଙ୍କ ନାଁ'ର ମାନେ ଖୁସି ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କହିଛନ୍ତି।





ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପରିବହନ ମନ୍ତ୍ରୀ ଟୁକୁନି ସାହୁ ରାଉରକେଲାକୁ ବିମାନ ସେବାର ଶୁଭାରମ୍ଭ କରୁଛନ୍ତି।

# ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ

- ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- ୧୨ରୁ ଦୈନିକ ଉଡ଼ାଣ କରିବ

**ଭୁବନେଶ୍ୱର, (ବ୍ୟୁରୋ)/ ରାଉରକେଲା ଅଫିସ, ୭।୧**

କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନାରେ ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ ହୋଇଛି। ଶନିବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ☞ପୃଷ୍ଠା-୨

# ୪ ଜଣଙ୍କୁ ଦଳିଦେଲା ହାତୀ

**ଶୀତୁଆ ସକାଳ। ଅନ୍ଧାର ମଧ୍ୟ ଛାଡ଼ି ନ ଥିଲା ଭଲଭାବେ। ୪ଟି ଗାଁର ୪ଜଣଙ୍କ ମୃତ୍ୟୁ ଦୂତ ସାଜି ପହଞ୍ଚିଯାଇଥିଲା ଏକ ମାଇହାତୀ। ସମ୍ମୁଖକୁ ଆସିବା ମାତ୍ରେ କରିଥିଲା ଆକ୍ରମଣ। କାହାକୁ ଗୋଡ଼ରେ ଦଳି ଫୋପାଡ଼ି ଦେଇଥିଲା ତ ଆଉ କାହାକୁ ମାରି ଅଧା ଶରୀରକୁ ପୂରାଇ ଦେଇଥିଲା ମାଟିରେ। ମାତ୍ର ୨ ଘଣ୍ଟା ମଧ୍ୟରେ ଅନୁଗୋଳ ବନଖଣ୍ଡର ୪ ଗ୍ରାମରେ ଏପରି ଆତଙ୍କ ଖେଳାଇଥିଲା ଦଳରୁ ଅଲଗା ହୋଇଯାଇଥିବା ୨୦ ବର୍ଷୀୟା ମାଇହାତୀ।**

- ୪ ଗାଁରେ ପଶି ଜୀବନ ନେଲା
- ଅନୁଗୋଳ ବନଖଣ୍ଡରେ ଆତଙ୍କ
- ଚାକିରି, କ୍ଷତିପୂରଣ ଦାବିରେ ଆନ୍ଦୋଳନ
- ବନ ବିଭାଗ ଅବହେଳାକୁ ଦାୟୀ କଲେ ଲୋକେ

**ଅନୁଗୋଳ ଅଫିସ, ୭।୧**

ଅନୁଗୋଳ ବନଖଣ୍ଡରେ ହାତୀକୁ ନେଇ ଶନିବାର ଖେଳିଯାଇଛି ଭୟର ବାତାବରଣ। ଜିଲାର ସଦର ଥାନା ଓ ବଅଁରପାଳ ଥାନା ଅଞ୍ଚଳରେ ପଶି ୪ ଜଣଙ୍କ ଜୀବନ ନେଇଛି ଏକ ମାଈ ହାତୀ। ମୃତକ ହେଲେ ଅନୁଗୋଳ ସଦର ଥାନା ଛେଳିଆପଡ଼ାର ସୁବାସ ସାହୁ(୫୫), ଅଙ୍ଗାରବନ୍ଧର ଅନିରୁଦ୍ଧ ସାହୁ(୫୫), ବାରସିଂହା ଅଞ୍ଚଳର ରମେଶ ଚନ୍ଦ୍ର ସ୍ୱାଇଁ(୬୦) ଓ ବଅଁରପାଳ ଥାନା ଗଡ଼ସନ୍ତ୍ରୀ ଗାଁର ଅଜୟ ସାମଲ(୫୫)। ସକାଳ ୬ଟାରୁ ୮ଟା ମଧ୍ୟରେ ଘଟିଥିବା ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଛି ତୀବ୍ର ଉତ୍ତେଜନା। ହାତୀ ଉପଦ୍ରବରୁ ଗାଁକୁ ସୁରକ୍ଷା ସହ ଉପଯୁକ୍ତ କ୍ଷତିପୂରଣ, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦେବା ଆଦି ଦାବି ନେଇ ଅପରାହ୍ନରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଲୋକେ। ତେବେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇ ରେଡ୍‌କ୍ରସ୍, ବନ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ୫୫ ହଜାର ଟଙ୍କା ଏବଂ ସରକାରଙ୍କ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ମଧ୍ୟରୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଢେଙ୍କାନାଳରୁ ଚାଲି ଆସିଥିବା ୨୫ଟି ହାତୀ ଅନୁଗୋଳ ବନଖଣ୍ଡର ମନ୍ଦରଗିରି ନିକଟରେ ଶୁକ୍ରବାର ରାତିରେ ରହିଥିଲେ। ସେଥିରୁ ଏକ ମାଈ ହାତୀ ଅଲଗା ହୋଇ ଶନିବାର ଭୋର ସାଢ଼େ ୫ଟାରେ ଢେଙ୍କାନାଳ ସୀମାନ୍ତ କଣ୍ଟିଗାଡ଼ିଆ ମୁହାଁ ହୋଇଥିଲା। ତେବେ ମନ୍ଦରଗିରିଠାରୁ ☞ପୃଷ୍ଠା-୨

## ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ମୃତ୍ୟୁ

**ନୂଆଦିଲ୍ଲୀ,୭।୧**

**ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ**

ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ ଓଡ଼ିଶା ସମେତ ସାରା ଦେଶରେ ଅନୁଭୂତ ହୋଇଛି। ଜଙ୍ଗଲ ହ୍ରାସ ପାଇବା ଯୋଗୁ ହାତୀଗୁଡ଼ିକ ଜନବସତିମୁହାଁ ହୋଇଛନ୍ତି। ଫଳରେ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇର ଅନ୍ତ ହେବା ଭଳି ଦେଖାଯାଉନାହିଁ। ପରିସଂଖ୍ୟାନ ଅନୁଯାୟୀ ଗତ ୩ ବର୍ଷରେ ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ଭାରତରେ ହାତୀ ଆକ୍ରମଣରେ ମୋଟ ୧,୫୭୮ ଜୀବନ ଯାଇଛି, ଯହିଁରୁ ଓଡ଼ିଶାରେ ସର୍ବାଧିକ ୩୨୨ ଜଣଙ୍କ ମୃତ୍ୟୁ ହୋଇଛି। ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଗୃହକୁ ଏହି ସୂଚନା ଦେଇଥିଲେ। ତାଙ୍କ କହିବା ଅନୁଯାୟୀ ଓଡ଼ିଶାରେ ୨୦୧୯-୨୦ ବର୍ଷରେ ୧୧୭ ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବାବେଳେ ୨୦୨୦-୨୧ରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ମାନସିକତା ବଦଳିନି

## ଶିମିଳିପାଳରେ ତୁଷାରପାତ

୩

# ଶିବସୁନ୍ଦର ଜାତୀୟ ଦଳର ଚୟନକର୍ତ୍ତା

**ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବିସିସିଆଇ କ୍ରିକେଟ ଉପଦେଷ୍ଟା କମିଟି ପକ୍ଷରୁ ଶନିବାର ୫ ଜଣିଆ ଜାତୀୟ ଚୟନକର୍ତ୍ତା ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ତଥା ଓଡ଼ିଶା ଖେଳାଳି ଶିବସୁନ୍ଦର ଦାସଙ୍କୁ ସିନିୟର ଦଳର ଚୟନକର୍ତ୍ତା ଭାବରେ ମନୋନୀତ କରାଯାଇଛି। ଚେତନ ଶର୍ମାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ଶିବସୁନ୍ଦରଙ୍କୁ କେନ୍ଦ୍ରାଞ୍ଚଳ ଜୋନ୍‌ରୁ ମନୋନୀତ କରାଯାଇଛି। ଶିବସୁନ୍ଦରଙ୍କ ବ୍ୟତୀତ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ସିଦ୍ଧାର୍ଥ ଶରଥ ଏହି କମିଟିର ସଦସ୍ୟ ରହିଛନ୍ତି। ଶିବସୁନ୍ଦର ବର୍ତ୍ତମାନ ଭାରତୀୟ ମହିଳା ଦଳର ବ୍ୟାଟିଂ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୦୨ରେ ଅନ୍ତର୍ଜାତୀୟ ପଦାର୍ପଣ ☞ପୃଷ୍ଠା-୨



ଶିବସୁନ୍ଦର ଦାସ










# ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଫୁଲ୍ଲ କୁମାର ଦାସଙ୍କ ପରଲୋକ

ଭୁବନେଶ୍ୱର,୭।୧ (ବ୍ୟୁରୋ)


ଡ. ପ୍ରଫୁଲ୍ଲ କୁମାର ଦାସ

୧୯୬୫ ବ୍ୟାଚ୍‌ର ଆଏଏସ୍ ଅଫିସର ତଥା ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରଫୁଲ୍ଲ କୁମାର ଦାସଙ୍କ ଶୁକ୍ରବାର ଗାନ୍ଧୀନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ଡ. ଦାସ ୧୯୪୧ମସିହା ଜୁନ୍ ୧୧ରେ ସୁନ୍ଦରଗଡ଼ ସହରରେ ଜନ୍ମଗ୍ରହଣକରିଥିଲେ। ସେ ସୁନ୍ଦରଗଡ଼ ଜିଲାର ପ୍ରଥମ ଆଇଏଏସ୍ ଅଫିସର ଥିଲେ। ତାଙ୍କ ପିତା ହେଉଛନ୍ତି ଜଣାଶୁଣା ଚିକିତ୍ସକ ସ୍ୱର୍ଗତ ଡାକ୍ତର ନିରଞ୍ଜନ ଦାସ। ମୃତ୍ୟୁ ପୂର୍ବରୁ ଡ. ଦାସ ସୁନ୍ଦରଗଡ଼ ସହର ଅନ୍ତର୍ଗତ ମହାନ୍ତିପଡ଼ାସ୍ଥିତ ପୈତୃକ ଘରକୁ ଆସିବାକୁ ଚାହିଁଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ସେ ଗୁଜରାଟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବାବେଳେ ୧୯୯୯ ମହାବାତ୍ୟା କବଳିତ ଓଡିଶାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ରିଲିଫ ଓ ଅନ୍ୟାନ୍ୟ ସହାୟତା ବ୍ୟବସ୍ଥା କରିଥିଲେ। ଏଥିସହ ସେ ୨୦୦୫-୦୬ ପର୍ଯ୍ୟନ୍ତ ଗୁଜରାଟର ପ୍ରଥମ ମୁଖ୍ୟ ସୂଚନା ଆୟୁକ୍ତ ଭାବେ କାର୍ଯ୍ୟ କରିଥିଲେ। ଡ. ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ପଦପଦବୀ ଓ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସଂସ୍ଥାଗତ ପାଣ୍ଠି ଯୋଗାଣ ଏବଂ ଶକ୍ତି କ୍ଷେତ୍ରରେ ତାଙ୍କର ସବିଶେଷ ଯୋଗଦାନ ରହିଥିଲା। ଗୁଜରାଟ ଇଲେକ୍ଟ୍ରିସିଟି ବୋର୍ଡ (ଜିଇବି)ରେ ତାଙ୍କ ସହ କାର୍ଯ୍ୟ କରିବାର ସମୟକୁ ଡ. ମିଶ୍ର ସ୍ମରଣ କରିବା ସହ ଦାସଙ୍କ ପରଲୋକ ତାଙ୍କ ପାଇଁ ବ୍ୟକ୍ତିଗତ ବଡ଼ କ୍ଷତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ତଳେ ଡ. ଦାସଙ୍କ ସ୍ତ୍ରୀ ବିନ୍ଦୁଦେବୀଙ୍କ ପରଲୋକ ହୋଇଥିଲା।

### ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

# ଶିମିଳିପାଳରେ ତୁଷାରପାତ

### ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ

ବାରିପଦା ଅଫିସ, ୭।୧




ଦିନକୁ ଦିନ ଶୀତ ଲହରୀ ବୃଦ୍ଧି ପାଉଥିବାବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଜୈବମଣ୍ଡଳ ଶିମିଳିପାଳରେ ପାରଦ ଖସୁଛି। ଜିଲାରେ ସର୍ବନିମ୍ନ ୮ଡିଗ୍ରୀ ତାପମାତ୍ରା ଥିବାବେଳେ ଶିମିଳିପାଳରେ ୫ ଡିଗ୍ରୀ ସେଲସିୟସ ରହିଛି। ଅଭୟାରଣ୍ୟର ଉପର ବାରହାକାମୁଡା, ଦେବସ୍ଥଳୀ, ଜେନାବିଲ, ତାରାଣୀବିଲା ଓ କୁମ୍ଭାରୀଠାରେ ସ୍ଥାନେ ସ୍ଥାନେ ତୁଷାରପାତ ଜାରି ରହିଛି, ଯାହାକି ଚଳିତବର୍ଷର ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳା ଘେରା ଜିଲାରେ ଥିବା ୨୬ ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ୪ ଦିନ ଧରି ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଗତ ୨୪ଘଣ୍ଟା ମଧ୍ୟରେ ସର୍ବନିମ୍ନ ୮.୨ଡିଗ୍ରୀ ତଳକୁ ଖସି ୮.୫ ଡିଗ୍ରୀ ସେଲସିୟସ ଥିବା ରେକର୍ଡ ହୋଇଛି। ବିଗତ ବର୍ଷଗୁଡ଼ିକରେ ଏହି ଅଭୟାରଣ୍ୟରେ ଶୂନ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ତାପମାତ୍ରା ଆହୁରି ଖସିବ ବୋଲି ଆକଳନ କରାଯାଇଛି। ଶିମିଳିପାଳ ଭିତରେ ରହୁଥିବା ପର୍ଯ୍ୟଟକଙ୍କ ଗାଡ଼ି, ନେଚର କ୍ୟାମ୍ପ ଓ ଘାସ ଗାଲିଚା ଉପରେ ତୁଷାରପାତ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ମଜା ଉଠାଇଛନ୍ତି। ରାତି ହେଲେ ଗାଁ ଗଣ୍ଡା ଲୋକେ ଚୁଲି ମୂଳେ କିମ୍ବା ଖୋଲା ସ୍ଥାନରେ ନିଆଁ ଜାଳି ବସିରହୁଛନ୍ତି। ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଶୀତ ବଢ଼ିବାରେ ଲାଗିଛି। ସପ୍ତାହେ ପର୍ଯ୍ୟନ୍ତ ଏହି ଶୀତ ଜାରି ରହିବ ବୋଲି ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଆଉ ୨ ଦିନ ଥରାଇବ ଶୀତ

### ୩ରୁ ୫ ଡିଗ୍ରୀ ପାରଦ ଖସିବ

- ଝାରସୁଗୁଡ଼ାରେ ୫.୬ ଡିଗ୍ରୀ
- ୧୦ ଡିଗ୍ରୀ ତଳେ ୧୭ ସହର

ଭୁବନେଶ୍ୱର,୭।୧(ବ୍ୟୁରୋ)

ସଞ୍ଜ ନଇଁଲେ ମାଡ଼ିଆସୁଛି କାଠୁଆ ଜାଡ଼। ଗାଁଗଣ୍ଡା, ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଗତ ଦୁଇଦିନ ହେବ ପ୍ରବଳ ଶୀତରେ ସାରା ରାଜ୍ୟ ଥରୁଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ବାୟୁ ପରିବେଶକୁ ଆହୁରି କାଲୁଆ କରିଦେଇଛି। ଡିସେମ୍ବରରେ ଶୀତ ଗାଏବ ହୋଇଗଲା। ୧୨୨ ବର୍ଷର ଉତ୍ତପ୍ତ ମାସରେ ପରିଣତ ହେଲା। ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଲା। ତେବେ ଗତ ଦୁଇଦିନ ହେବ ଅଚାନକ ପ୍ରବଳ ଶୀତ ସମଗ୍ର ରାଜ୍ୟକୁ କବଳିତ କରିଛି। ମଣିଷଠାରୁ ଆରମ୍ଭ କରି ଜୀବଜନ୍ତୁ ଶୀତ ପ୍ରକୋପରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଆକାଶ ମେଘମୁକ୍ତ ରହିବା ସହ ଉତ୍ତର-ପୂର୍ବ ଦିଗରୁ ଶୁଷ୍କ ଥଣ୍ଡାବାୟୁ ରାଜ୍ୟକୁ ପ୍ରବାହିତ ହେଉଛି। ଫଳରେ ସାରା ରାଜ୍ୟରେ ଶୀତର ପ୍ରକୋପ ବଢ଼ିଯାଇଛି। ଆହୁରି ଦୁଇ ଦିନ ରାଜ୍ୟର ଅଧିକାଂଶ ଜିଲାରେ ଶୀତଲହରି ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ରାତିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ତଳକୁ ଖସିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଓ ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ଅନୁଭୂତ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ପ୍ରବଳ ଜାଡ଼ ଯୋଗୁ ଜ୍ୱର, ଥଣ୍ଡା, କାଶ, ନାକରୁ ପାଣି ବାହାରିବା, ଛିଙ୍କ ପ୍ରଭୃତି ହେବାର ସମ୍ଭାବନା ରହିଛି। ବୟସ୍କ ଓ ଛୋଟ ପିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ସହ ଯଥାସମ୍ଭବ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଶନିବାର ରାଜ୍ୟର ୧୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫.୬ ଏବଂ କଟକରେ ସର୍ବାଧିକ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡିପିଆଇସି ସେଣ୍ଟର



### ଶିକାଗୋ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡାଟା, ପଲିସି ଆଣ୍ଡ୍ ଇନୋଭେଶନ୍ ସେଣ୍ଟର (ଡିପିଆଇସି)। ଏଥିପାଇଁ ଶନିବାର ଓଡ଼ିଶା ସରକାର ଭାରତର ଶିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହା ଇକୋନୋମେଟ୍ରିକ୍ସ, ଡାଟା ସାଇନ୍ସ ଏବଂ ମେସିନ୍ ଲର୍ନିଂ ପରି ନୂତନ ଜ୍ଞାନକୌଶଳ ଉପଯୋଗରେ ପ୍ରମାଣଭିତ୍ତିକ ଶାସନକୁ ସକ୍ଷମ କରିବ। ଏହି ସହଭାଗୀତାରେ ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନୀମାନେ ରାଜ୍ୟ, ଜିଲା ଓ ବ୍ଲକସ୍ତରରୁ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ନୀତି ସମ୍ବନ୍ଧରେ ବିଶ୍ଳେଷଣାତ୍ମକ ତଥା ମୂଲ୍ୟାଙ୍କନ ଭିତ୍ତିକ ତଥ୍ୟ ପ୍ରଦାନ କରିବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା, ଯୁବସେବା ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଓକାକ୍‌ର ଏମ୍.ଡି. ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ସିଇଓ ମନୋଜ ପଟ୍ଟନାୟକ ଓ ଶିକାଗୋ ବିଶ୍ୱବିଦ୍ୟାଳୟ ସେଣ୍ଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସିଇଓ ପଟ୍ଟନାୟକ କହିଛନ୍ତି, ଓଡ଼ିଶାକୁ ଏକ ଅଗ୍ରଣୀ ଡାଟା ସେଣ୍ଟର ହବ୍‌ରେ ପରିଣତ କରିବାକୁ ଆମେ ଉତ୍ସାହିତ। ପ୍ରମାଣ ସମର୍ଥିତ ଅନୁସନ୍ଧାନ ବ୍ୟବହାର କରି ଆମେ ଆଶା କରୁଛୁ ଡିପିଆଇସି ଅନେକ ଉତ୍ସରୁ ବଡ ତଥ୍ୟ ସଂଗ୍ରହ କରିବ, ସମସାମୟିକ ଅର୍ଥନୀତି ଏବଂ ପରିସଂଖ୍ୟାନ ମଡେଲ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ ଓ ଆବଶ୍ୟକ ସୃଜନଶୀଳ ନୀତି ଉତ୍ପାଦନ ସହ ଏହା ଉତ୍କର୍ଷର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ, ପରିମଳ ଆଦି କ୍ଷେତ୍ରରେ ଅନୁସନ୍ଧାନ, ମନିଟରିଂ, ପ୍ରଭାବ ମୂଲ୍ୟାଙ୍କନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବେ। ଶିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତି ନୀତି ପ୍ରତିଷ୍ଠାନର ବରିଷ୍ଠ ତଥା ଏହି ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ପରାମର୍ଶଦାତା ଡ. ଅନନ୍ତ ସୁଦର୍ଶନ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରମାଣ ଭିତ୍ତିକ ଶାସନକୁ ସକ୍ଷମ କରିବାକୁ ଆମେ ବିଶ୍ଳେଷଣ କରିଥିବା ତିନି-ପ୍ରଗତିଶୀଳ ରଣନୀତି ବେଶ ସହାୟକ ହେବ। ଏହା ସାମର୍ଥ୍ୟ ବୃଦ୍ଧି ତଥା ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାକୁ ହ୍ରାସ କରିବ। ଡ. ଲେନି ଚୌଧୁରୀ କହିଛନ୍ତି, ଆମେ ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଭିନବ ଷ୍ଟାର୍ ରେଟିଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ସହ ହାତ ମିଶାଇ ଥିଲୁ। ବର୍ତ୍ତମାନର ସହଭାଗିତା ମାଧ୍ୟମରେ ବୃହତ ଡାଟା ବ୍ୟବହାରରେ ନୂଆ ତଥା ଅଭିନବ ସମାଧାନ ଆଣିବା ନେଇ ବହୁତ ଉତ୍ସାହିତ ଅଛୁ।

# ଏସ୍ଏସ୍‌ବିରେ କିସ୍‌ର ୨୬ ଛାତ୍ରୀଛାତ୍ର କୃତକାର୍ଯ୍ୟ



ଭୁବନେଶ୍ୱର, ୭।୧(ବ୍ୟୁରୋ)

ଚଳିତବର୍ଷ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍‌ବି) ପରୀକ୍ଷାରେ କିସ୍‌ର ୨୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅଧ୍ୟାପନା ପାଇଁ ମନୋନୀତ ହୋଇଛନ୍ତି। ଶନିବାର କିସ୍ ପରିସରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ରାଜ୍ୟର ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଇତିହାସ, ବାଣିଜ୍ୟ, ଶିକ୍ଷା, ଅର୍ଥନୀତି, ଦର୍ଶନ ଓ ଗଣିତ ଆଦି ବିଷୟରେ ଅଧ୍ୟାପନା କରିବେ। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ମଧ୍ୟ ରହିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଶୈକ୍ଷିକ ପରିବେଶ ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରୀଛାତ୍ରମାନେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇ ପ୍ରତିଷ୍ଠିତ ହୋଇପାରୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ଡାକ୍ତର, ଇଞ୍ଜିନିୟର, ଫରେଷ୍ଟ ରେଞ୍ଜର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ସିଭିଲ ଜଜ୍, ବ୍ୟାଙ୍କ, ଓପିଟିସିଏଲ୍, ପୋଲିସ୍ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସଫଳତାର ସହ ଅବସ୍ଥାପିତ ହୋଇପାରିଛନ୍ତି। ପ୍ରତିଷ୍ଠାତା ଡ. ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିସ୍‌ରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଯତ୍ନ ଯୋଗୁ କିସ୍‌ର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇପାରୁଛନ୍ତି ବୋଲି କହିଛନ୍ତି।

# ଶ୍ରୀକ୍ଷେତ୍ର ଆସି କ୍ଷମା ମାଗିଲେ କଂସ

- ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ
- ସମୁଦ୍ରରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ କଲେ

ପୁରୀ ଅଫିସ,୭।୧



ବରଗଡ଼ରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶୁକ୍ରବାର ପୌଷ ପୂର୍ଣ୍ଣିମା ଅବସରରେ କଂସ ବଧ ସହ ଯାତ୍ରା ଶେଷ ହୋଇଛି। କଂସ ବଧ ପରେ କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁଙ୍କୁ ଗାଳି କରିଥିବାରୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶରଣରେ କ୍ଷମା ପ୍ରାର୍ଥନା କରିଛନ୍ତି। କୃଷ୍ଣ ଭଗବାନ କଟୁ କଥା କହିଥିବାରୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷୀକେଶ ଭୋଇ। ଯାତ୍ରା ସରିବା ପରେ ଶନିବାର ସେ ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ୧୧ଦିନ ଧରି କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ କଟୁ କଥା କହିବା ସହ ମାରିବା ପାଇଁ ଉଦ୍ୟମ କରି ମହାପାପ କରିଥିବାରୁ ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଆସି କ୍ଷମା ମାଗିଛନ୍ତି ହୃଷୀକେଶ। ପ୍ରଥମେ ସେ ଗୋବର୍ଦ୍ଧନ ମଠ ଯାଇ ଶଙ୍କରାଚାର୍ଯ୍ୟଙ୍କୁ କ୍ଷମା ପ୍ରାର୍ଥନା କରିବା ପରେ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅଭିନୟରେ କରିଥିବା ପାପ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ।

କଂସ ଭୂମିକାରେ ଅଭିନୟ କରିଥିବା ଭୋଇଙ୍କ କହିବା ଅନୁଯାୟୀ, ଅଧର୍ମ ଉପରେ ଧର୍ମର ଜୟ ହୋଇଛି। ଅଧର୍ମର ବିନାଶ ଲାଗି କୃଷ୍ଣଙ୍କ ରୂପରେ ଆସି ଭଗବାନ ବିଷ୍ଣୁ ମଥୁରା ନରେଶ କଂସ ମହାରାଜାଙ୍କୁ ନିଧନ କରିଛନ୍ତି। ଏହାସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶେଷ ହୋଇଛି। ଧନୁଯାତ୍ରାରେ ପରମ୍ପରା ଅନୁଯାୟୀ, ଯେତେବେଳେ ୧୧ଦିନ ଧରି ଯାତ୍ରା ଚାଲିଥାଏ ସେତେବେଳେ କଂସ ମହାରାଜା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ କ୍ରୋଧାନ୍ୱିତ ହୋଇଥାନ୍ତି। ଭଗବାନ କୃଷ୍ଣଙ୍କୁ ହତ୍ୟା କରିବା ଲାଗି ସେ ଯୋଜନା କରିଥାନ୍ତି। କୃଷ୍ଣ ନାମ ଉଚ୍ଚାରଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତ୍ୟାଚାର କରିଥାନ୍ତି। ଯେତେବେଳେ ଧନୁଯାତ୍ରାର ଯବନିକା ଘଟେ, ଏହାପରେ ଶ୍ରୀକ୍ଷେତ୍ର ଆସିଥାନ୍ତି ମହାରାଜା କଂସଙ୍କ ଭୂମିକାରେ ଅଭିନୟ କରିଥିବା କଳାକାର। ଏଥିଲାଗି ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ କ୍ଷମା ମାଗିଥାନ୍ତି। ତେବେ ଭୋଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ଅବସରରେ ସେ କହିଛନ୍ତି, ଲୋକ ପରମ୍ପରାର ଆଦର କରିବା ଉଚିତ। ୧୧ ଦିନରେ ତାଙ୍କର ମହାରାଜ କଂସଙ୍କ ଅଭିନୟ ଶେଷ ହୋଇଛି। ଏବେ ତାଙ୍କ ଦାୟିତ୍ୱ ହେଉଛି ତାଙ୍କ ଅଞ୍ଚଳରେ ଗୋ ବଂଶର ସୁରକ୍ଷା, ଗୋ ବଂଶର ହତ୍ୟା ଉପରେ ରୋକ ଲଗାଇବା, ହିନ୍ଦୁଙ୍କୁ ଯେପରି ଖ୍ରୀଷ୍ଟିଆନ ନ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି।



## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

କୁଜଙ୍ଗ, ୭ା୧(ଡି.ଏନ୍.ଏ.): ଚଳିତ ଖରିଫ୍ ଋତୁରେ ଧାନ ସଂଗ୍ରହ ନିମନ୍ତେ କୁଜଙ୍ଗ ବ୍ଲକରେ ରାହାମା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ସାଇଲୋ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ରାହାମା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି, ସାଇଲୋ ସରପଞ୍ଚ ସରୋଜ ସେଠୀ, ତାଳପଡ଼ା ସରପଞ୍ଚ ଦମୟନ୍ତୀ ଲେଙ୍କା, ସାଇଲୋ ସେବା ସମବାୟ ସମିତିର ସମ୍ପାଦକ ସଚ୍ଚିଦ୍ରନାଥ ବୈଶାଖ, ସଭାପତି ପ୍ରଦିପ୍ତ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ଚାଷୀଭାବେ ସଂଗ୍ରାମ ମହାପାତ୍ରଙ୍କ ଧାନ କ୍ରୟ କରାଯାଇଥିଲା।

### 'କେନ୍ଦ୍ର ଯୋଗାଇଥିବା ଚାଉଳକୁ ନେଇ ରାଜ୍ୟ ସରକାର ରାଜନୀତି କରୁଛନ୍ତି'

ଏରସମା,୭ା୧(ସ୍ୱ.ପ୍ର.): ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସୁଭଦ୍ରା ମଣ୍ଡପରେ ଶନିବାର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ନୃସିଂହ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ଯୋଗାଇଥିବା ଚାଉଳକୁ ନେଇ ରାଜ୍ୟ ସରକାର ରାଜନୀତି କରୁଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିନା ସୁଧରେ ପ୍ରଦାନ କରାଯାଉଥିବା ଋଣକୁ ରାଜ୍ୟ ସରକାର ସାଧାରଣ ହିତାଧିକାରୀଙ୍କୁ ଦେଇ ପ୍ରଲୋଭିତ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏଥିରେ କୃଷକ ମୋର୍ଚ୍ଚାର ଜିଲା ସଭାପତି ତପନ କୁମାର ବେହେରା ଉପସ୍ଥିତ ହୋଇ ଗାଁର ରାସ୍ତା ଖାଲଖମାରେ ପରିଣତ ହେଲାଣି ବୋଲି କହିଥିଲେ। ଭାଜପା ଯୁବନେତା ଅମୀର ମହାପାତ୍ର ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ପକ୍କା ଘର ଯୋଜନାକୁ ନେଇ ରାଜ୍ୟ ସରକାର ଦଳୀୟ ଭିତ୍ତିରେ ପ୍ରଦାନ କରୁଛନ୍ତ ବୋଲି ଦୋଷାରୋପ କରିଥିଲେ।

ଏହି ଖବରଦାତା ସମ୍ମିଳନୀରେ ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁ, ନେତ୍ରାନନ୍ଦ ବେହେରା, ଜିତେନ କୁମାର ଜେନା, ଅମରେନ୍ଦ୍ର ଦଳାଇ, ସୁଦର୍ଶନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛି ମାଛଚାଷ

କେନ୍ଦ୍ରାପଡ଼ା ଅଫିସ, ୭ା୧

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ କୃଷିକୁ ଗୁରୁତ୍ୱ ଦିଆଯାଏ। ତେବେ ସାଧାରଣ ଧାନ ଫସଲ ପରିବାରର ଅର୍ଥନୀତିକୁ ସମ୍ଭାଳି ପାରୁନାହିଁ। ଫଳରେ ଜିଲାର ଯୁବ ମାନବସମ୍ବଳ ବିଦେଶମୁହାଁ ହେଉଥିବା ବେଳେ ମହିଳାମାନେ ମାଛଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲା ମତ୍ସ୍ୟ ବିଭାଗ ସହାୟତାରେ ମାଛ ଚାଷରୁ ଆୟ କରି ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ଭାଗିଦାର ହୋଇଛନ୍ତି।

ଜିଲାର ୩୮୯ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୪ ହଜାର ସଦସ୍ୟା ଏହି ଚାଷରେ ମନୋନିବେଶ କରି ମାସକୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ପାଇଁ ସକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ରାଜକନିକା ବ୍ଲକ ପେଗରପଡ଼ା ଗ୍ରାମର ଅଞ୍ଜଳୀ ସେଠୀ କୁହନ୍ତି, ନଦୀନାଳରୁ ଧରା ହୋଇ ଆସୁଥିବା ମାଛକୁ ବିକିବା ପ୍ରାଥମିକ ବେଉସା ଥିଲା। ବିଭିନ୍ନ ସମୟରେ ଏହି ପ୍ରାକୃତିକ ଉତ୍ସରୁ ମାଛ ସଂଗ୍ରହ ହୋଇ ନ ପାରିଲେ ପରିବାର ସଦସ୍ୟଙ୍କ ଭରଣପୋଷଣରେ ସମସ୍ୟା ହେଉଥିଲା। ଗତ ୨ ବର୍ଷ ପୂର୍ବେ ବାବା ଜଳେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ସହିତ ପଞ୍ଚାୟତ ଓ ସ୍ଥାନୀୟ ୨ଟି ପୋଖରୀକୁ ମାଛ ଚାଷ ପାଇଁ ଲିଜ୍ ନିଆଯାଇଥିଲା। ଏହି ୧୦ ଜଣିଆ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟା ପୋଖରୀ ନିକଟକୁ ଯିବା, ମାଛ ଓ ପୋଖରୀର ତତ୍ତ୍ୱାବଧାନରେ ପ୍ରଥମ ବର୍ଷର ଆୟ ଆମକୁ ଏହି ଚାଷ ପାଇଁ ଉତ୍ସାହିତ କରିଥିଲା। ଗତବର୍ଷର ଆୟକୁ ଦେଖି ଗୋଷ୍ଠୀ ସଦସ୍ୟାଙ୍କ ସଂଖ୍ୟା ବୃଦ୍ଧି ସହିତ ଆଖପାଖ ୧୨ଟି ପୋଖରୀକୁ ଲିଜ୍ ନିଆଯାଇଥିବା ଗୋଷ୍ଠୀର ସମ୍ପାଦିକା ସେଠୀ ପ୍ରକାଶ କରିଛନ୍ତି। ଗରଦପୁର ବ୍ଲକ ଏନ୍ତାଳପୁରର ସିଦ୍ଧ ମହାବୀର ଏସ୍ଏସ୍‌ଜି ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଲ୍ଲିକ କହିଛନ୍ତି, କରୋନା ସଂକ୍ରମଣ ସମୟରେ ମାଛଚାଷ ବଞ୍ଚିବାର ନୂଆ ରାହା ଦେଖାଇଛି। ଗରିବ ପରିବାର ପାଇଁ ଏହି ଚାଷ ବେଶ୍ ଉପଯୋଗୀ। ଗ୍ରାମରେ ଥିବା ପୋଖରୀକୁ ବ୍ୟବହାର କରି ମାସକୁ ୫ ହଜାରରୁ ଅଧିକ ଟଙ୍କା ରୋଜଗାର ହୋଇପାରୁଛି। ରାଜନଗର ବ୍ଲକ ବସନ୍ତପୁର ଗ୍ରାମର ଜୟନ୍ତୀ ରାଉତ କୁହନ୍ତି, ଅଲିଭରିଡ୍‌ଲେ କଇଁଛଙ୍କ ପ୍ରଜନନ ପାଇଁ ବର୍ଷକରେ ୭ ମାସ ସାମୁଦ୍ରିକ ମାଛଧରା କଟକଣା ରହୁଛି। ଏହି ସମୟରେ ପରିବାର ସଦସ୍ୟମାନେ ସମୁଦ୍ରକୁ ଯାଇ ପାରୁ ନ ଥିବାରୁ ବହୁ ସମୟରେ ଭୋକ ଉପାସରେ ରହିବାକୁ ପଡୁଥିଲା। ତେବେ ଜିଲା ମତ୍ସ୍ୟ ବିଭାଗ ପ୍ରୋତ୍ସାହନ ପରେ ଆମ ମହିଳା ଗୋଷ୍ଠୀ ମାଛ ଚାଷ ପାଇଁ ମନ ବଳାଇଥିଲେ। ଏଥିରେ ପରିବାରର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରୁ ନ ଥିଲେ ମଧ୍ୟ ପିଲାଙ୍କ ମୁହଁରେ ଗଣ୍ଡେ ଖାଇବାକୁ ଦେଇହେଉଛି। ଏହା କେବଳ ମାଛ ଚାଷ ଯୋଗୁ ସମ୍ଭବ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହି ବ୍ଲକ ଭେକ୍ଟାକୋଲାର ଶ୍ରୀଶମ୍ଭୁ ମହିଳା ଗୋଷ୍ଠୀ ସଦସ୍ୟା ମମତାରାଣୀ ସାମଲ କହିଛନ୍ତି, ସେମାନେ ରୋହି, ଭାକୁର, ମୀରକାଳି ଆଦି ମାଛଚାଷ କରୁଛନ୍ତି। ବ୍ୟବସାୟୀମାନେ ପୋଖରୀ ନିକଟରୁ ମାଛ ନେଇ ଟଙ୍କା ଦେଉଛନ୍ତି। ନଗଦ ଟଙ୍କା ମିଳୁ ଥିବାରୁ ମାଛ ଚାଷରୁ ଲାଭ ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର କହିଛନ୍ତି, ଜିଲାର ବିଭିନ୍ନ ଗୋଷ୍ଠୀ ଦ୍ୱାରା ପ୍ରାୟ ୧୬୦ ହେକ୍ଟର ପୋଖରୀ ଅଞ୍ଚଳରେ ମାଛ ଚାଷ ହେଉଛି। ପ୍ରତି ଗୋଷ୍ଠୀକୁ ୬୦ ପ୍ରତିଶତ ରିହାତିରେ ହେକ୍ଟର ପ୍ରତି ୯୦ ହଜାର ଟଙ୍କାର ଋଣ ସହାୟତା ବିଭାଗ ପକ୍ଷରୁ ଦିଆଯାଉଛି। ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳରେ ମାଛ ଚାଷକୁ ଗୁରୁତ୍ୱ ଦିଆଯାଉଥିବା ସେ ମତ ଦେଇଛନ୍ତି।


ରାଜନଗର ବ୍ଲକ ଭେକ୍ଟାକୋଲା ପଞ୍ଚାୟତର ଏସ୍ଏଚ୍‌ଜି ସଦସ୍ୟଙ୍କ ମାଛଚାଷ।

- ମାସକୁ ୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେଉଛି ଆୟ
- ୧୬୦ ହେକ୍ଟର ପୋଖରୀ ଅଞ୍ଚଳକୁ ସହାୟତା ପ୍ରଦାନ

### ମାଟିଆମଙ୍ଗଳା ଉନ୍ନୟନ କମିଟି ସଭାପତିଙ୍କ ପରଲୋକ



ରାଜନଗର, ୭ା୧ (ଡି.ଏନ.ଏ.)

ରାଜନଗର ବ୍ଲକର ବାରଗାଁସ୍ଥିତ ମା' ମାଟିଆ ମଙ୍ଗଳା ଉନ୍ନୟନ କମିଟିର ସଭାପତି ବାସୁଦେବ ମିଶ୍ରଙ୍କ ଶନିବାର ଭୋରୁ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ଶୁକ୍ରବାର ରାତିରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକ ଯିବା ବାଟରେ ଆଜି ଭୋର ସମୟରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମରଶରୀର ଜରିମୂଳଠାରେ ପହଞ୍ଚିବା ପରେ ଶତାଧିକ ଲୋକେ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ବ୍ୟାଙ୍କ ମ୍ୟାନେଜର ଭାବେ ଅବସର ନେବା ପରେ ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଉଦ୍ୟମରେ ମା' ମାଟିଆ ମଙ୍ଗଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ ହୋଇପାରିଛି। ସେ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ଥିଲେ। ତାଙ୍କ ପରଲୋକ ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଭାଜପା ଯୁବନେତା ଅଜୟ କୁମାର ବେହେରା, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ପୂର୍ବତନ ସରପଞ୍ଚ ମୋହନ କୁମାର ଦାସ, ପୁଷ୍ପଲତା ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଛନ୍ତି। ଜରିମୂଳ, ଚାନ୍ଦିବାଉଁଶମୂଳ ବଜାର ପରିକ୍ରମା କରିବା ସହ କଲୋନୀ ବାହାରଗଡ ଦେଇ ପୁରା ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଯଦୁଚନ୍ଦ୍ରପୁର ଘର ବାଡିରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଚନ୍ଦନ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ।



କୋଷ୍ଟଗାର୍ଡ ପକ୍ଷରୁ ସାମୁଦ୍ରିକ କଳା ପ୍ରଦର୍ଶନ କରାଯାଉଛି।

### କୋଷ୍ଟଗାର୍ଡର 'ସମୁଦ୍ରରେ ଦିନେ' କାର୍ଯ୍ୟକ୍ରମ

ପାରାଦୀପ,୭ା୧(ସ୍ୱ.ପ୍ର.)

କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ଶନିବାର ଡେ ଆଟ୍ ସି (ସମୁଦ୍ରରେ ଦିନେ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କେତେଜଣ ଛାତ୍ରୀଛାତ୍ର ଓ ନିମନ୍ତ୍ରିତ ଅତିଥିଙ୍କୁ ନେଇ ସମୁଦ୍ରରେ ସୁରକ୍ଷାଜନିତ ଅଭ୍ୟାସ କରାଯାଇଥିଲା। ୪ଟି ପାଟ୍ରୋଲିଂ ଜାହାଜ ଓ ଡୋନିୟର ଏୟାରକ୍ରାଫ୍ଟ ଏଥିରେ ସାମିଲ ହୋଇଥିଲେ। ପ୍ରାୟ ୫ ଘଣ୍ଟା ଧରି କଳାକୌଶଳ ଅଭ୍ୟାସ ହେବା ପରେ ଅପରାହ୍ନରେ ଜାହାଜଗୁଡିକ କୂଳକୁ ଫେରିଥିଲେ।

# ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ୫–ଟି ଟିମ୍

ପଟ୍ଟାମୁଣ୍ଡାଇ,୭ା୧(ସ୍ୱ.ପ୍ର.)

ରାଜ୍ୟ ସରକାର ଶିକ୍ଷା ଭଳି ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱାରୋପ କରି ମୋ ସରକାର ଓ ୫–ଟିରେ ସାମିଲ କରିଛନ୍ତି। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୫–ଟିରେ ପରିକଳ୍ପନା କରାଯାଇଛି। ଶନିବାର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ୫–ଟି କମିଟି ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିବା ସହିତ ଭିତ୍ତିଭୂମି ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଉଚ୍ଚକ୍ଷମତା ସମ୍ପନ୍ନ କମିଟିରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ପିତାମ୍ବର ସାମଲ,ଅତିରିକ୍ତ ଜନସ୍ୱାସ୍ଥ୍ୟପରିବାର କଲ୍ୟାଣ ଅଧିକାରୀ ଡା.ସଚ୍ଚିଦାନନ୍ଦ ମିଶ୍ର,ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଅଶୋକ ଜେନା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁଦାମ ସାହୁ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ସ୍ମୃତି ରଞ୍ଜନ ରଥ ପ୍ରମୁଖ ସାମିଲ ହୋଇ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏଥି ସହିତ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟଚିକିତ୍ସାଧିକାରୀ ଡା.ନିରାକାର ପରିଡା,ବିପିଏମ ପ୍ରଶାନ୍ତ ଜେନା, ପିଏଚଓ ନୃସିଂହ ଚରଣ ଦାସ, ସୟ ଦାସ, ଦୀପକ ମହାରଣା, ଶୁଭରନ୍ ଖୁଣ୍ଟିଆ,ସନ୍ତୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ଟିମ୍‌କୁ ସହଯୋଗ କରିଥିଲେ।


ପଟ୍ଟାମୁଣ୍ଡାଇ ଡାକ୍ତରଖାନା ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ଟିମ୍।

# ମହିଳା ସରପଞ୍ଚ, ସଭ୍ୟା ଖେଳିଲେ ମ୍ୟୁଜିକ୍ ଚେୟାର

ରାଜନଗର,୭ା୧(ଡି.ଏନ.ଏ.)

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ମହିଳା ସରପଞ୍ଚ ଓ ସମିତିସଭ୍ୟାମାନେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଭାଗନେଇ ଗ୍ରାମାଞ୍ଚଳରେ ନୂଆ ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଶନିବାର ଅପରାହ୍ନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଜଣ ମହିଳା ସମିତି ସଭ୍ୟା ଓ ସରପଞ୍ଚଙ୍କ ସମେତ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ ଓ ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ରଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ମହିଳା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।



# ଅମୃତମଣୋହି ଟିମ୍ ଚାମ୍ପିୟନ

ରାଜନଗର,୭ା୧(ଡି.ଏନ.ଏ.)

### ପେଣ୍ଠ ସି'ବିଚ୍‌ରେ ଭଲିବଲ ଟୁର୍ନାମେଣ୍ଟ

ରାଜନଗର ବ୍ଲକ ପେଣ୍ଠସ୍ଥିତ ବେଳାଭୂମିରେ ଶନିବାର ସି'ବିଚ୍ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଶ୍ୱକପ୍ ହକି ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ସାରା ରାଜ୍ୟରେ କ୍ରୀଡ଼ା ବାତାବରଣ ସୃଷ୍ଟି ପାଇଁ ବ୍ଲକ, ପଞ୍ଚାୟତ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ ଚାଲିଥିବାରୁ ପର୍ଯ୍ୟଟନ ସହିତ କ୍ରୀଡ଼ାକୁ ଯୋଡିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସି'ବିଚ୍ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ, ରାଜନଗର ବ୍ଲକ ପ୍ରଶାସନ , କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ଟିମ୍ ସମେତ ରାଜନଗର ବ୍ଲକର ବାଲିସାହିପାଟଣା ଓ ପଟ୍ଟାମୁଣ୍ଡାଇ ବ୍ଲକର ଅମୃତମଣୋହି ଏବଂ ତରଡିପାଳ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷଙ୍କ ଟିମ୍ ଓ ଅମୃତମଣୋହି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅମୃତମଣୋହି ଟିମ୍ ୨୫–୧୮ ଓ ୨୬–୨୪ ସେଟ୍‌ରେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷଙ୍କ ଟିମ୍‌କୁ ହରାଇ ଚମ୍ପିୟାନ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ସେଠାକୁ ଆସିଥିବା ପର୍ଯ୍ୟଟକ ଓ ଖେଳାଳିଙ୍କ ସହ ଦିନତମାମ ରହିଥିଲେ। ବିଧାୟକ ଚମ୍ପିୟାନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା, ରାଜନଗର ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ପଟ୍ଟାମୁଣ୍ଡାଇ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ରଞ୍ଜନ ପ୍ରଧାନଙ୍କ ସମେତ ୨୯ଟି ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ସମସ୍ତ ହାଇସ୍କୁଲର ଖେଳ ଶିକ୍ଷକମାନେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀକାନ୍ତ ନାୟକ, ଚିତ୍ତରଞ୍ଜନ ଓ ଜ୍ଞାନ ରଞ୍ଜନ ଖେଳ ପରିଚାଳନା କରିଥିବା ବେଳେ ରୋହିତ ରାଉତ ଓ ପ୍ରମୋଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ଦେଖିବାକୁ ଦର୍ଶକ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।


ଚାମ୍ପିୟନ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# 'ଲୋକମାନଙ୍କ ସହ ବିଜେଡି ରହିଛି'


ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଅନ୍ୟମାନେ।


ସମାବେଶରେ ଯୋଗଦେଇଥିବା ବିଜେଡି ସମର୍ଥକ।

### ରାମଚଣ୍ଡୀ ପୀଠରେ ବିଜେଡିର ପ୍ରତିଷ୍ଠା ଦିବସ

ମହାକାଳପଡ଼ା,୭ା୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ମା'ଦରିଆ ରାମଚଣ୍ଡୀ ମନ୍ଦିର ମେଳଣ ପଡ଼ିଆରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ସମାବେଶ ପ୍ରାରମ୍ଭରେ ମାର୍ଶାଘାଇ କେନାଲ ବ୍ରିଜ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ମା'ଦରିଆ ରାମଚଣ୍ଡୀ ପୀଠରେ ପହଞ୍ଚି ଥିଲା। ଏଥିରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉକ୍ତ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାୟକ କହିଲେ, ମହାକାଳପଡ଼ା ଅଞ୍ଚଳର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ୧୯୭୧ ସାମୁଦ୍ରିକ ବାତ୍ୟାରେ ଏହି ଅଞ୍ଚଳର ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଜୁ ପଟ୍ଟନାୟକ ସେ ସମୟରେ ଲୋକଙ୍କ ଦୁର୍ଦ୍ଦଶା ଦେଖି ସହାୟତାର ହାତ ବଢ଼ାଇଥିଲେ। ସେହିପରି ୧୯୯୯ ମହାବାତ୍ୟାରେ ଉକ୍ତ ଅଞ୍ଚଳର ଚିତ୍ର ବଦଳି ଯାଇଥିଲା। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ସମସ୍ୟା ବୁଝି ସହାୟତା ପ୍ରଦାନ କରିଥିଲେ। ଲୋକଙ୍କ ସହ ବିଜେଡି ରହିଛି। ତୃଣମୂଳସ୍ତରରେ ମହିଳା ସଶକ୍ତିକରଣ , କର୍ମ ନିଯୁକ୍ତି , ଶିଳ୍ପ ପ୍ରତିଷ୍ଠା , ଖାଦ୍ୟ ସୁରକ୍ଷା ଯୋଜନା, ଗରିବ ହିତାଧିକାରୀଙ୍କୁ ମୋ କୁଡିଆ , ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ବସୁନ୍ଧରା ପରି ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି। ମହିଳାମାନଙ୍କୁ ସ୍ଥାନ ସଂରକ୍ଷଣରେ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଥିବା ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଆମ୍ବା ଅଧ୍ୟକ୍ଷ ବିଜୟ ଜେନା, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳ , ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସସ୍ମିତା ସ୍ୱାଇଁ, ଅପୁ ପରିଡ଼ା , ଅନୁରାଧା ସ୍ୱାଇଁ , ଦୁର୍ଗାବତୀ ପ୍ରଧାନ , ପ୍ରତାପ ମଲ୍ଲିକ , ସରପଞ୍ଚ ମିଳନ ଦେବନାଥ , ଅରବିନ୍ଦ ଜେନା , ବିଶ୍ୱଜିତ୍ ବସୁ , ରତିକାନ୍ତ ପଣ୍ଡା , ସାଲବେଗ ମାହାଳି , ପ୍ରସନ୍ନ ବେହେରା , ରଞ୍ଜନ ଦାସଙ୍କ ସମେତ ବରିଷ୍ଠ ନେତା ଗଙ୍ଗାଧର ପରିଡ଼ା, ସଞ୍ଜୟ ଲେଙ୍କା , ଅଶୋକ ମହାପାତ୍ର , ଶ୍ରୀମନ୍ତ ପାହାଡି , ନାରୀନେତ୍ରୀ ସୁରଭି ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରାୟ ୧୦ ହଜାର ମହିଳା ପୁରୁଷ ଉକ୍ତ ସମାବେଶରେ ସାମିଲ ହୋଇଥିଲେ।

# ମଣିପୁରୀ, କଥକ ନୃତ୍ୟରେ ଦର୍ଶକ ବିଭୋର

## ରଣପୁର ମହୋତ୍ସବ 'ଅର୍ଜୁନ'ର ତୃତୀୟ ସନ୍ଧ୍ୟା

ରଣପୁର, ୭।୧(ସ୍ୱ.ପ୍ର.)

ଶନିବାର ଥିଲା ରଣପୁର ମହୋତ୍ସବ 'ଅର୍ଜୁନ'ର ତୃତୀୟ ସନ୍ଧ୍ୟା । ଶୀତୁଆ ସନ୍ଧ୍ୟାରେ ଭରପୁର ଦର୍ଶକ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରଙ୍କ ଲୋକନୃତ୍ୟର ମଜା ଉଠାଇଥିଲେ । ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ବହୁ ସମୟ ଧରି ମଞ୍ଚ ପାଖରେ ଅଟକ ରହିଥିଲେ । କଟକର ସିଙ୍ଗମ ଡ୍ୟାନ୍ସ, କୋରାପୁଟର ଢୁରୁମା, ମଣିପୁରୀ, କଥକ, ଗୁଜୁରାଟ ଦାଣ୍ଡିଆ ନୃତ୍ୟକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୁରୀ ଏମ୍ପି ପିନାକୀ ମିଶ୍ର, ମୁଖ୍ୟବକ୍ତା ଭାବେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ, ରଣପୁର ତହସିଲଦାର ପ୍ରଭାକର ପଣ୍ଡା, ମହୋତ୍ସବ କମିଟିର ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ, ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର, ଆବାହକ ପୂର୍ଣ୍ଣଚନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ତଥା ମହୋତ୍ସବ କମିଟିର ସଂଯୋଜକ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ରଣପୁର ଅଞ୍ଚଳର ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ଅବସରରେ ଅତିଥିମାନେ ସମ୍ମାନିତ କରିଥିଲେ ।

ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷକ ବିରୂପାକ୍ଷ ମହାପାତ୍ର, ଚିତ୍ତରଞ୍ଜନ ଦାଶ, ଜ୍ୟୋତି ରଞ୍ଜନ ଦାଶ, ପ୍ରଭାତ କୁମାର ପଣ୍ଡା, ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହା ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ । ସୌମ୍ୟ ରଞ୍ଜନ ରଣା, ଶାଶ୍ୱତ ବେହେରା, ସତ୍ୟଜିତ୍ ମହାରଣାଙ୍କ ନେତୃତ୍ୱରେ କରାଯାଇଥିବା 'ଓଡ଼ିଆ ପୁଅ' ଦଳଗତ ନୃତ୍ୟ ଆକର୍ଷଣୀୟ ଥିଲା । ଓଟିଭିର ଗ୍ରେଟ୍ ପାଲିଟିକାଲ ସର୍କସ ଟିମ୍ ଓ କଳାହାଣ୍ଡି ଘୁମୁରା ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ସତ୍ୟ ନାରାୟଣ ମହାପାତ୍ର ଓ ଅମ୍ରିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରଣପୁର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି , ଏମ୍ପି ପ୍ରତିନିଧି ସ୍ୱରାଜ ମହାନ୍ତି, ସାମାଜିକ କର୍ମୀ ସୁଶାନ୍ତ ମିଶ୍ର, ସୁଶାନ୍ତ କୁମାର ମାନସିଂ ଓ କାଉନସିଲରମାନେ ଉପସ୍ଥିତ ଥିଲେ।


ତୃତୀୟ ସନ୍ଧ୍ୟାରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।


ମହୋତ୍ସବର ମଜା ଉଠାଉଛନ୍ତି ଦର୍ଶକ।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୫ ଗିରଫ

ଆସିକା, ୭।୧(ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ସାମାନ୍ୟ କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି । ଗୋଟିଏ ଗୋଷ୍ଠୀର ଦିଲୀପ କୁମାର ନାୟକ ଆହତ ହୋଇଥିଲା ବେଳେ ପୋଲିସ ଉଭୟ ପକ୍ଷର ୫ଜଣଙ୍କୁ ଗିରଫ କରିଛି । ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରିଛି । ଗୋଟିଏ ପକ୍ଷର ଦିଲ୍ଲୀପ କୁମାର ନାୟକଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମଣ ବିଷୋୟୀ ଓ ନାରାୟଣ ବିଷୋୟୀଙ୍କୁ ଗିରଫ କରାଯାଇଥିଲା ବେଳେ ଅପରପକ୍ଷର ଲକ୍ଷ୍ମଣ ବିଷୋୟୀଙ୍କ ଅଭିଯୋଗ କ୍ରମେ ଦାମୋଦର ନାୟକ, ସୂର୍ଯ୍ୟ ଗୌଡ ଓ ଦିଲ୍ଲୀପ କୁମାର ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

### ବିପିନ ବିହାରୀଙ୍କ ସ୍ମୃତିସଭା

ବେଗୁନିଆପଡ଼ା,୭।୧: ଗଞ୍ଜାମ ଜିଲା କୋଦଳା ଏନ୍ଏସି ଅଞ୍ଚଳର ସାମାଜିକ କର୍ମୀ ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର କୋଦଳା ପୂର୍ତ୍ତ ବିଭାଗ ଡାକବଙ୍ଗଳା ସାହିରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ପବନ ତନୟା ଗ୍ରୁପ ଯୋଗଦେଇ ହନୁମାନ ଚାଳିଶା ପଠନ କରିଥିଲେ। ଏହି ଅବସରରେ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ପୂର୍ବତନ ଅଧ୍ୟକ୍ଷା ସୁନୀତାପ୍ରଭା ସାହୁ, ବିଜେଡି ନେତା ସୀତାରାମ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

### ନିଖୋଜ ବୃଦ୍ଧା ପାହାଡ଼ ଉପରୁ ଉଦ୍ଧାର



ଦିଗପହଣ୍ଡି, ୭।୧(ଡି.ଏନ୍.ଏ.): ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ଗ୍ରାମ ନିକଟ ପାହାଡ଼ରୁ ଚିକିଟି ଅଗ୍ନିଶମବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ବୃଦ୍ଧାଙ୍କୁ ଶନିବାର ସକାଳେ ଉଦ୍ଧାର କରିଛି। ଶୁକ୍ରବାର ସକାଳେ ବଡ଼ଡୁମ୍ବୁଲା ଗ୍ରାମର ଚଞ୍ଚଳା ଦଳେଇ (୭୦) ନିଖୋଜ ହୋଇଯାଇଥିଲେ। ତାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ସନ୍ଧାନ ପାଇନଥିଲେ। କିଛି ଗ୍ରାମବାସୀ ବୃଦ୍ଧାଙ୍କୁ ପାହାଡ଼ ପାଦ ଦେଶରେ ଦେଖିଥିବା ନେଇ ସନ୍ଧ୍ୟାରେ ସୂଚନା ମିଳିଥିଲା। ଗ୍ରାମର ୪ ଯୁବକ ବୃଦ୍ଧାଙ୍କୁ ଉଦ୍ଧାର ପାଇଁ ପାହାଡ଼ ଚଢ଼ିଥିଲେ। ହେଲେ ସେମାନେ ବାଟବଣା ହୋଇଯାଇଥିଲେ। ଏନେଇ ଚିକିଟି ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ପରେ ଅଗ୍ନିଶମ ବାହିନୀ ରାତି ପ୍ରାୟ ୨ଟାରେ ଘଟଣା ସ୍ଥଳରେ ପହଞ୍ଚି ପାହାଡ଼ ଚଢ଼ିଥିଲେ। କେରାଣ୍ଡି ମାଳ ପାହାଡ଼ର ଢ଼ାମଣା ପଦର ଆଦିବାସୀ ଗାଁ ନିକଟ ଜୟଗୁମ୍ଫାରେ ବୃଦ୍ଧା ଜଣକ ଅସହାୟ ଅବସ୍ଥାରେ ବସି ରହିଥିଲେ। ବୃଦ୍ଧା ଚଞ୍ଚଳାଙ୍କ ଚାଲିବାକୁ ବଳ ନଥିଲା ବେଳେ ସେ କିପରି ପାହାଡ଼ ଚଢ଼ିଗଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ପ୍ରତିଶ୍ରୁତିରେ ଅଟକିଛି ଶୀତଳଭଣ୍ଡାର

ଶରଣକୁଳ,୭।୧(ଡି.ଏନ୍.ଏ.)

ପୁରୀ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଏବଂ କଟକ ଜିଲାକୁ ପନିପରିବା ଯୋଗାଉଥିବା ନୟାଗଡ଼ ଜିଲା 'ତିଅଣ ହାଣ୍ଡି' କୁହାଯାଉଥିବା ଶରଣକୁଳ ନିକଟବର୍ତ୍ତୀ ଗୋଡ଼ିପଲ୍ଲୀ ଗ୍ରାମରେ ଅଦ୍ୟାବଧି ଶୀତଳ ଭଣ୍ଡାରଟିଏ ପ୍ରତିଷ୍ଠା ହୋଇପାରିନାହିଁ। ପୂର୍ବରୁ ବହୁ ପ୍ରଶାସନିକ ଅଧିକାରୀ, ଜିଲାପାଳ, ରାଜନୈତିକ ନେତା ଏହି ଗ୍ରାମକୁ ଆସି ନାନା ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ପ୍ରତିଶ୍ରୁତିରେ ଚାଷୀମାନେ ବହୁ ସ୍ୱପ୍ନ ଦେଖିଥିଲେ । ହେଲେ ସେହି ସ୍ୱପ୍ନ ଏବେ ପ୍ରତାରଣାରେ ପରିଣତ ହୋଇଛି ବୋଲି ଅଭିଯୋଗ ହୋଇଛି ।

ଦିନଥିଲା ସାତଖଣ୍ଡ ନିକଟବର୍ତ୍ତୀ ଗ୍ରାମର ଦିନମଜୁରିଆମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ସେମାନେ ଦାଦନ ଖଟିବାକୁ ଆଉ ଅନ୍ୟ ରାଜ୍ୟକୁ ଯାଇ ନ ଥିଲେ । ମାତ୍ର ଏବେ ସେମାନଙ୍କ ଅବସ୍ଥା କହିଲେ ନ ସରେ। ସେମାନେ କୃଷି ପାଇଁ ଆବଶ୍ୟକ ଅର୍ଥ ସ୍ଥାନୀୟ ବ୍ୟାଙ୍କ ଓ ଗାଁ ସାହୁକାରଙ୍କଠାରୁ ଧାରକରଜ କରି ଫସଲରେ ବିନିଯୋଗ କରିଥିଲେ। ଅମଳ ସମୟରେ ପନିପରିବାର ସଂରକ୍ଷଣ ପାଇଁ ସେମାନେ ଦାବି କରିଥିଲେ । ଗ୍ରାମକୁ ଆସୁଥିବା ନେତା, ମନ୍ତ୍ରୀ ଓ ଅଫିସରମାନେ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଗ୍ରାମରେ ଶୀତଳ ଭଣ୍ଡାରଟିଏ ନିର୍ମାଣ ହୋଇପାରି ନ ଥିବାରୁ ଚାଷୀମାନେ ପନିପରିବା ସଂରକ୍ଷଣ କରି ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କେବଳ ଏହି ଗ୍ରାମରେ ଫୁଲକୋବି ୧୦୦ ଏକର, ବନ୍ଧାକୋବି ୧୦୦ ଏକର, ବାଇଗଣ ୫୦ ଏକର, ଟମାଟୋ ୧୫୦ ଏକର, କାକୁଡ଼ି ୫୦ ଏକର, କଖାରୁ ୧୦୦ ଏକର ଓ କଞ୍ଚାଲଙ୍କା ୨୦ ଏକର ଜମିରେ ଚାଷ ହୋଇଛି । ବର୍ତ୍ତମାନ ଦଣ୍ଡିଆ ଓ ଗଦିବାଲାମାନେ ଟ୍ରକ ଲଗାଇ ଗ୍ରାମରୁ ଫୁଲକୋବି କେଜି ୩ଟଙ୍କା, ବାଇଗଣ ୨ଟଙ୍କା, ବନ୍ଧାକୋବି ୨ଟଙ୍କା, ଟମାଟୋ ୪ ଟଙ୍କା, କାକୁଡ଼ି ୪ ଟଙ୍କା, କଞ୍ଚାଲଙ୍କା କେଜି ୧୦ଟଙ୍କାରେ ଚାଷୀମାନଙ୍କଠାରୁ ନେଇଯାଉଛନ୍ତି ବୋଲି ଗ୍ରାମର ଚାଷୀ ଭାସ୍କର ସ୍ୱାଇଁ, ଦିଗାମ୍ବର ସ୍ୱାଇଁ, ନବୀନ ରାଉତ, ତ୍ରିଲୋଚନ ରାଉତ, ବୁଲି ପ୍ରଧାନ, ରବୀନ୍ଦ୍ର ପାଳ ପ୍ରମୁଖ କହିଛନ୍ତି। ଗୋଟିଏ କୋବି ଗଛ ପାଇଁ ଅନ୍ୟୁନ୍ ୧୦ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ତା'ପରିଶ୍ରମର ପାଉଣା ଦୂରେ ଥାଉ ଚାଷୀକୁ ୫ ଟଙ୍କା ମଧ୍ୟ ମିଳୁ ନାହିଁ। ଚଳିତ ବର୍ଷ ଯେତିକି ଅର୍ଥ ସେମାନେ ଖର୍ଚ୍ଚ କରିଛନ୍ତି, ଏହି ଅଭାବୀ ବିକ୍ରି ଯୋଗୁ ତା'ର ଅଧା ପଇସା ମଧ୍ୟ ସେମାନଙ୍କୁ ମିଳିବ ନାହିଁ ବୋଲି କହି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସାହୁକାର ଓ ବ୍ୟାଙ୍କ ଟଙ୍କା ସୁଝିବା ପାଇଁ ସେମାନେ ବାଧ ହୋଇ ଫସଲ ଅମଳ ପରେ ଦାଦନ ଖଟିବାକୁ ଜାମ୍ମୁ ବା ସୁରଟ ଆଦି ସ୍ଥାନକୁ ଯିବେ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଅଞ୍ଚଳରେ ଗୋଟିଏ ଶୀତଳ ଭଣ୍ଡାର ସରକାରଙ୍କ ତରଫରୁ ସ୍ଥାପନ କରିବା ପାଇଁ କୃଷକ, ବୁଦ୍ଧିଜୀବୀ ଏବଂ ସାମାଜିକକର୍ମୀମାନେ ଦାବି କରିଛନ୍ତି।


ଶରଣକୁଳରେ ହୋଇଥିବା କୋବି ଫସଲ ।


ବାହାର ବ୍ୟବସାୟୀଙ୍କୁ କୋବି ବିକ୍ରି କରାଯାଉଛି ।

**ପରିବା ଚାଷୀ ବି ଅଭାବୀ ବିକ୍ରିରେ ତଳିତଳାନ୍ତ**

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଗୋପାଳପୁର,୭।୧(ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ଅଧିକ ଯୌତୁକ ଆଣିବାକୁ କହି ମାଡ଼ମାରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଶନିବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତାରିଣୀପେଣ୍ଠ ଗ୍ରାମର ବାସୁଦେବ ପ୍ରଧାନ (୨୫)। ଏହି ଥାନା ଅନ୍ତର୍ଗତ କଦରପଲ୍ଲି ଗ୍ରାମର ପଞ୍ଚୁ ସେଠୀଙ୍କ ଝିଅ ସ୍ୱପ୍ନା ସେଠୀଙ୍କ ସହିତ ବାସୁଦେବଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୯ରେ ଉଭୟଙ୍କ ପ୍ରେମ ବିବାହ ହୋଇଥିଲା। ୮ରୁ ୯ ମାସ ଖୁସିରେ ରହିବା ପରେ ସେମାନଙ୍କ ବୈବାହିକ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ବାସୁଦେବ ସ୍ୱପ୍ନାଙ୍କ ୩ ଥର ଗର୍ଭ ନଷ୍ଟ କରିଥିଲେ। ପରେ ଅଧିକ ଯୌତୁକ ଦାବି କରି ତାଙ୍କୁ ବିଭିନ୍ନ ସମୟରେ ନିସ୍ତୁକ ମାଡ଼ ମାରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା, ଜାତିଆଣ ମନ୍ତବ୍ୟ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। ପୁଣି ଚତୁର୍ଥଥର ଗର୍ଭ ନଷ୍ଟ କରିବା ପାଇଁ ମଧ୍ୟ ମେଡିସିନ ଖୁଆଇଥିଲେ। ସୌଭାଗ୍ୟ ବଶତଃ ଗର୍ଭ ନଷ୍ଟ ନହୋଇ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ସ୍ୱପ୍ନା ଗୋପାଳପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

# ନୀଳମାଧବ ମହାବିଦ୍ୟାଳୟରେ ଶ୍ରୀଅରବିନ୍ଦ ପାଠଚକ୍ର

ଖଣ୍ଡପଡ଼ା, ୭।୧(ସ୍ୱ.ପ୍ର.)

କଣ୍ଟିଲେ ନୀଳମାଧବ ମହାବିଦ୍ୟାଳୟରେ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜନ୍ମ ବାର୍ଷିକ ପାଳନ ଅବସରରେ ଏକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ୍ କୁମାର ତ୍ରିପାଠୀ ପ୍ରାରମ୍ଭରେ ଶ୍ରୀମା, ଶ୍ରୀ ଅରବିନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସମବେତ ଧ୍ୟାନ, ଗୁରୁବନ୍ଦନା ଓ ମନ୍ତ୍ର ଆବୃତ୍ତି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜସୁନାଖଳା ଦିବ୍ୟ ଚେତନା ଆଶ୍ରମର ସାଧକ ସୁନୀଲ କୁମାର ପୃଷ୍ଟି, ସାଧକ ପୁଷ୍ପାଞ୍ଜଳୀ ସାହୁ, ନୟାଗଡ଼ ଜିଲା ଆବାହକ ସନାତନ ଲେଙ୍କା, ବିଜୟ କୁମାର ଦଳବେହେରା, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ବିକାଶ,ପରିବାର ଓ ସମାଜରେ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠା ଦିଗରେ ଶ୍ରୀଅରବିନ୍ଦ ପାଠଚକ୍ର ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଡ.ପବିତ୍ର କୁମାର ସୁବୁଦ୍ଧି ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ଦିବ୍ୟ ଆଧ୍ୟାତ୍ମିକ ପରିବେଶକୁ ସଫଳ ରୂପାୟନ ଦେଇଥିଲେ।


ପାଠଚକ୍ରରେ ଯୋଗଦେଇଥିବା ଅତିଥି।

# ରଣପୁର ପଥର ଖଣିରେ ଜିଲାପାଳଙ୍କ ଚଢ଼ାଉ

ନୟାଗଡ଼ ଅଫିସ,୭।୧

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶନିବାର ରଣପୁର ତହସିଲ ଅଞ୍ଚଳର ୨ଟି କଳାମଗୁନି ପଥର ଖଣି ଓ ୧ଟି ମାଙ୍କଡା ପଥର ଖଣି ଉପରେ ଚଢ଼ାଉ କରିଛନ୍ତି । ପଟିଆ ଅଞ୍ଚଳରେ ହୋଇଥିବା କୁସୁପଲ୍ଲା ମାଙ୍କଡା ଖଣି ବେଆଇନ ଭାବେ ଖନନ ହେଉଥିଲା । ଏଣୁ ସଂପୃକ୍ତ ଅଞ୍ଚଳର ଆରଆଇ ସନ୍ଦେହ ଘେରକୁ ଆସିଛନ୍ତି । ଅନ୍ୟପକ୍ଷେ କୋଟଗଡ ଓ କୋଇଲିକୁମ୍ପା କଳାମୁଗୁନି ପଥର ଖଣି ଉପରେ ଅନୁରୂପ ଭାବେ ଚଢ଼ାଉ ହୋଇଥିଲା । ଏହି ଦୁଇ ଖଣିରେ ଅନୁମତିଠାରୁ ୪ରୁ ଗୁଣରୁ ଅଧିକ ଖନନ ହୋଇଥିବା ଜଣାପଡିଛି । ୫ ବର୍ଷ ପାଇଁ ଉର୍ଦ୍ଧ୍ୱଷ୍ଟ କ୍ୟୁବିକ ମିଟରକୁ ୬ମାସରେ ଶେଷ କରି ତା'ଠାରୁ ଅଧିକ ଖନନ କରାଯାଇଥିବା କୁହାଯାଉଛି । ଅନିୟମିତତା ଜଣାପଡିବା ପରେ ଖନନ ହୋଇଥିବା ଅଞ୍ଚଳକୁ ମାପଚୁପ୍ କରାଯାଇଛି । ଏହାର ହିସାବ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ତେବେ ସ୍ଥାନୀୟ ଆରଆଇ ଓ ତହସିଲଦାରଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ଚଢ଼ାଉରେ ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ତହସିଲଦାର ଭିକାରୀ ଚରଣ ସାହୁ, ଅମିନ ଓ ଆରଆଇ ସାମିଲ ଥିଲେ । ଏନେଇ ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, କୁସୁପଲ୍ଲା ମାଙ୍କଡ଼ା ପଥର ଖଣି ବେଆଇନ ଭାବେ ଚାଲୁଥିଲା । କଳାମୁଗୁନି ପଥର ଖଣିରେ ଅନିୟମିତତା ହୋଇଥିବା ଜଣାପଡିବା ପରେ ମାପଚୁପ ହୋଇଛି । ଅନିୟମିତତାର ପ୍ରମାଣ ମିଳିଲେ ଡିମାଣ୍ଡ ନୋଟିସ୍ ଯାଇ କାର୍ଯ୍ୟାନୁଷ୍ଠାନ ହେବ । ସରକାର ରାଜସ୍ୱ ହରାଉଥିବାରୁ ଚଢ଼ାଉ ଜାରି ରହିବ ।


ଖଣି ଅଞ୍ଚଳରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ ।

- ପଟିଆ ମାଙ୍କଡା ପଥର ଖଣି ବେଆଇନ ଭାବେ ଚାଲିଥିଲା
- ଅନୁମତିଠାରୁ ୪ଗୁଣା ଅଧିକ କଳାମୁଗୁନି ପଥର ହେଉଥିଲା ଖନନ
- ସନ୍ଦେହରେ ଆରଆଇ,ତହସିଲଦାରଙ୍କ ଭୂମିକା

### ପୁଆଣିଆଁରେ କ୍ରଶର ଖାଉଛି ଜଙ୍ଗଲ

ଓଡ଼ଗାଁ ତହସିଲ ଗୋତିସାହି ଆରଆଇ ଅଫିସର ପୁଆଁଣିଆଁ ଅଞ୍ଚଳରେ କ୍ରସର ଜଙ୍ଗଲକୁ ନଷ୍ଟ କରି ଚାଲିଲି ବୋଲି ଅଭିଯୋଗ ହେଉଛି । ଏଠାରେ ଯେତିକି ଖଣି ନିଲାମ ହୋଇଛି ତା ଠାରୁ ୧୦୦ ଗୁଣା ଅଧିକ ଖଣି ଖନନ ଶେଷ ହୋଇଛି ବୋଲି ଅଭିଯୋଗ ଉଠିଛି । ହେଲେ ଏହାର ତଦନ୍ତ କରାଯାଉନି । ଏଭଳିସ୍ଥଳେ ପୁଆଣିଆଁ ମୁଣ୍ଡିଆକୁ ରକ୍ଷା କର ବୋଲି ଏକ ଚିଠି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଣୁ ଜିଲାପାଳଙ୍କ ନଜର ପୁଆଣିଆଁ ଉପରେ ପଡୁ ବୋଲି ସାଧାରଣରେ ଦାବି ଉଠିଛି।

# ସମସ୍ତ ଦ୍ରୁତଗାମୀ ଟ୍ରେନ୍ ରହଣି ଦାବି

ଯାଜପୁର ଅଫିସ,୭।୧



**ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ**

- ବଜେଟରେ ସୀମିତ ଫ୍ଲାଏଓଭର, ଗଳିପୋଲ ନିର୍ମାଣ
- ଗୁଡ୍ସ ସେଡ୍ ସ୍ଥାନାନ୍ତର ଦାବିକୁ ଅଣଦେଖା

ପ୍ରମୁଖ ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ସବୁ କ୍ଷେତ୍ରରେ ଅବହେଳିତ। ୧୨୭ ବର୍ଷ ପୁରୁଣା ଏହି ଷ୍ଟେଶନରେ ଏବେ ବି ହମ୍‌ସଫର, ଦୁରୋନ୍ତ, ରାଜଧାନୀ ଆଦି ସୁପରଫାଷ୍ଟ ଓ ସ୍ପେଶାଲ ଟ୍ରେନ ରହଣି ନ ଥିବାରୁ ଚାକିରିଆ, ଛାତ୍ରୀଛାତ୍ର, ବ୍ୟବସାୟୀ, ରୋଗୀ, ଶିଳ୍ପ କାରଖାନା କର୍ମଚାରୀ ପ୍ରମୁଖ ରେଳସେବାରୁ ବଞ୍ଚିତ ରହୁଛନ୍ତି। ଉପରୋକ୍ତ ସମସ୍ତ ଦ୍ରୁତଗାମୀ ଟ୍ରେନ ସେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବାଧ ହୋଇ କଟକ, ଭୁବନେଶ୍ୱର ଓ ଭଦ୍ରକ ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ତେଣୁ ଏହି ଷ୍ଟେଶନ ଦେଇ ଚଳାଚଳ କରୁଥିବା ସମସ୍ତ ଟ୍ରେନ ରହଣି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଏହି ଷ୍ଟେଶନର ନାମକରଣ ଯାଜପୁର-କେନ୍ଦୁଝର ରୋଡ୍ ଥିବାବେଳେ ଏଠାରୁ କେନ୍ଦୁଝର ଜିଲାକୁ ଗୋଟିଏ ବି ଟ୍ରେନ ଚଳାଚଳ କରୁନାହିଁ। ପ୍ରଧାନମନ୍ତ୍ରୀ ଭାରତରେ ବୁଲେଟ ଟ୍ରେନ ଚଳାଚଳ କରିବାକୁ ଯୋଜନା କରୁଥିବାବେଳେ ଅଧିକ ରାଜସ୍ୱ ଆଦାୟ ହେଉଥିବା ଏହି ରେଳଷ୍ଟେଶନକୁ ସର୍ବଦା ଅଣଦେଖା କରାଯାଉଛି। ତେଣୁ ସୁକିନ୍ଦା ରୋଡ୍ ଦେଇ ଚଳାଚଳ କରୁଥିବା କେନ୍ଦୁଝର-ଖୋର୍ଦ୍ଧାରୋଡ ମେମୁ ଟ୍ରେନକୁ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଦେଇ ଚଳାଚଳ କଲେ ଏହି ସମସ୍ୟା ଦୂର ହୋଇପାରିବ। ପରାମର୍ଶଦାତା କମିଟିର ପୂର୍ବ ବୈଠକର ନିଷ୍ପତ୍ତିଗୁଡ଼ିକୁ ରେଳ କର୍ତ୍ତୃପକ୍ଷ ସେତେଟା ଗୁରୁତ୍ୱ ଦେଉ ନ ଥିବା ମନେହେଉଛି। ଗତ ବୈଠକରେ ଏହି ଷ୍ଟେଶନ ଦେଇ ଚଳାଚଳ କରୁଥିବା ସମସ୍ତ ଟ୍ରେନ ରହଣି କରିବାକୁ ଦାବି ହୋଇଥିଲା। ଏହାସହ କେନ୍ଦୁଝରଗଡ଼-ଖୋର୍ଦ୍ଧାରୋଡ ଏବଂ ଖୋର୍ଦ୍ଧାରୋଡ-କେନ୍ଦୁଝରଗଡ଼ ମେମୁ ଟ୍ରେନ କେନ୍ଦୁଝର-ଯାଜପୁର ରୋଡ୍ ଷ୍ଟେଶନ ଦେଇ ଚଳାଚଳ କରିବାକୁ ପୂର୍ବରୁ ଦାବି ହୋଇଛି। ଏନେଇ ସମ୍ପୃକ୍ତ ରେଳ ଅଧିକାରୀଙ୍କ ନିକଟରେ ୨୬।୭।୨୦୧୮ରୁ ପ୍ରସ୍ତାବ ପଡ଼ିରହିଛି। କିନ୍ତୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରସ୍ତାବରେ ଏହା ସୀମିତ ରହିଛି। ଷ୍ଟେଶନ ପରିସରରେ ନୂତନ କରି ନିର୍ମିତ ଫୁଟ୍‌ଓଭରବ୍ରିଜ ଉପରେ ପ୍ରାୟ ୯୦% ଯାତ୍ରୀ ନିର୍ଭର କରୁଛନ୍ତି। ହେଲେ ଏଯାଏ ଲିଫ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଭିନ୍ନକ୍ଷମ, ବୟସ୍କ ବ୍ୟକ୍ତି, ରୋଗୀ ପ୍ରମୁଖ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆର୍‌ଏମ୍‌ଏସ୍ କାଉଣ୍ଟର ଷ୍ଟେଶନ ଭିତରେ ରହିଛି। ଏହାର ବ୍ୟବହାର ପାଇଁ ଜଣେ ଯାତ୍ରୀ ପ୍ରଥମେ ପ୍ଲାଟ୍‌ଫର୍ମ ଟିକେଟ କିଣି ଆର୍‌ଏମ୍‌ଏସ୍ କାଉଣ୍ଟରକୁ ଯିବାକୁ ପଡୁଛି। ଏପରି କି ଅଧିକାଂଶ ଯାତ୍ରୀ ଏହି ଆର୍‌ଏମ୍‌ଏସ ସମ୍ପର୍କରେ ଅବଗତ ନାହାନ୍ତି। ତେଣୁ ଏହି କାଉଣ୍ଟରକୁ ଷ୍ଟେଶନ ବାହାରେ ସ୍ଥାପନ କରିବାକୁ ଦାବି ହେଉଛି। ଭାରତ ସରକାର ସ୍ୱଚ୍ଛତା ଅଭିଯାନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅଥଚ ଏହି ରେଳଷ୍ଟେଶନ ଉପରେ ସ୍ୱଚ୍ଛ ଭାରତ ଅଭିଯାନ ଏକ ହାସ୍ୟାସ୍ପଦ ହୋଇ ରହିଛି। ଷ୍ଟେଶନକୁ ଲାଗି ରହିଥିବା ଗୁଡ୍ସ ସେଡ୍ ଯୋଗୁ ଯାତ୍ରୀ ଓ ସହରବାସୀ ସିମେଣ୍ଟ ଏବଂ ସାର ଗୁଣ୍ଡରେ ଅଣନିଃଶ୍ୱାସୀ ହେଉଥିବାବେଳେ ଟ୍ରାଫିକ ସମସ୍ୟା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଏହି ଗୁଡ୍ସ ସେଡ୍ ସ୍ଥାନାନ୍ତର ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ବିଗତ ବୈଠକଗୁଡ଼ିକରେ ଏନେଇ ଆଲୋଚନା ହୋଇଛି। କିନ୍ତୁ ଏହି ସମସ୍ୟାକୁ ସମାଧାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇ ଦାବିକୁ ଅଗ୍ରାହ୍ୟ କରି ଦିଆଯାଉଛି। ଯେଉଁଦିନ ସିମେଣ୍ଟ ଅନ୍‌ଲୋଡିଂ ହେଉଛି ସେହିଦିନ ଦଳା ଓ ଡାକବଙ୍ଗଳା ଛକଠାରୁ ଗଣେଶବଜାର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯିବାଆସିବା କଷ୍ଟକର ହେଉଛି। ଏପରିକି ଦୁର୍ଘଟଣା ଘଟି ଲୋକେ ପ୍ରାଣ ହରାଉଥିବା ନଜିର ରହିଛି। ଏହାସହ ଷ୍ଟେସନର ପଶ୍ଚିମ ଦିଗରେ ପ୍ରସ୍ତାବିତ ଶୌଚାଳୟ, ଦକ୍ଷିଣରେ ଏକ ଟିକେଟ କାଉଣ୍ଟର ଓ ଗାଡି ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହେଉଛି। କିନ୍ତୁ ଏହି ସବୁ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ପରାମର୍ଶଦାତା କମିଟି ଗଠନ କରିବାର କୌଣସି ମୂଲ୍ୟ ନାହିଁ ବୋଲି ମତପ୍ରକାଶ ପାଇଛି। ସାଇ ମନ୍ଦିର ନିକଟରେ ଫ୍ଲାଏ ଓଭର ବ୍ରିଜ କିମ୍ବା ଗଳି ପୋଲ ନିର୍ମାଣ କେନ୍ଦ୍ର ସରକାରଙ୍କ ବଜେଟରେ ସୀମିତ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଗାମୀ ଦିନରେ ଏନେଇ ବ୍ୟାପକ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ସର୍ବଭାରତୀୟ ଟାଏକେରଣ୍ଡୋରେ ପ୍ରତୀକ୍ଷାଙ୍କୁ ୩ ପଦକ
### ରାଜ୍ୟ ପାଇଁ ଗୌରବ

ବାଲିଚନ୍ଦ୍ରପୁର,୭।୧(ସ୍ୱ.ପ୍ର.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମର ଝିଅ ପ୍ରତୀକ୍ଷା ସାମଲ ସର୍ବଭାରତୀୟ ଟେକୋଫେଷ୍ଟ (ଟାଇକୋଣ୍ଡ) ପ୍ରତିଯୋଗିତାରେ ୩ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କଲିକତା(ପଶ୍ଚିମବଙ୍ଗ)ଠାରେ ଗତ ମାସ ୨୭ରେ ଅନୁଷ୍ଠିତ ହୋଇଥିବା ୨ ଦିନିଆ ଏହି ପ୍ରତିଯୋଗିତାରେ ଭାରତର ୧୭ ରାଜ୍ୟରୁ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ଓଡ଼ିଶାର ପ୍ରତୀକ୍ଷା ଭାଗନେଇ ଗୋଟିଏ ବିଭାଗରେ ସ୍ୱର୍ଣ୍ଣ ଓ ଦୁଇଟି ବିଭାଗରେ ବ୍ରୋଞ୍ଜ ଜିତିଥିଲେ। ପ୍ରତୀକ୍ଷା ହେଉଛନ୍ତି ବାହାଦୁରନଗର ଗ୍ରାମର ଉମେଶ ଚନ୍ଦ୍ର ସାମଲ ଓ ଜେନିଭାରାଣୀ ଜେନାଙ୍କ ଝିଅ। ସେ ବର୍ତ୍ତମାନ କଟକ ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ



ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ। ଏହି ସଫଳତା ପାଇଁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଭାଜପା ନେତା ଅମର ନାୟକ, କଂଗ୍ରେସ ନେତା ଅମୟ କୁମାର ସାମଲ, ଚାରିନଙ୍ଗଳ ସରପଞ୍ଚ ନୁରଜାନ୍ ବେଗମ୍, ସମିତିସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସମିତିସଭ୍ୟ ଧର୍ମଜିତ୍ ବଳ, ଆଇନଜୀବୀ ପ୍ରତାପ ନାୟକ, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ଖବରଦାତା ଉତ୍କଳ କେଶରୀ ସାମଲ, ସେକ୍ ମୋଇନ ଅହେମଦ୍, ଗୋଲମକିବିରିଆ ଖାଁ, ଦିଲୀପ କୁମାର ସାମଲ ଓ ମହାବାହୁ ଗ୍ରୁପ୍ ଓଡ଼ିଶା ସମାଜସେବା ସଂଗଠନ ପକ୍ଷରୁ ପ୍ରତୀକ୍ଷାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ତାଙ୍କ ଉତ୍ତରୋତ୍ତର କାମନା କରାଯାଇଛି।

### ସ୍କୁଲ୍ ଛାତ୍ରୀଙ୍କୁ କମେଣ୍ଟ୍ ମାରି ୨ ଯୁବକ ଗିରଫ

ଧର୍ମଶାଳା,୭।୧(ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳର ଜଣେ ସ୍କୁଲ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ବରହମପୁର ଗ୍ରାମର ବିଜୟ ରଞ୍ଜନ ସାହୁ (୨୧) ଓ ଅରିମୂଳ ଗ୍ରାମର ରଞ୍ଜିତ ଭୂୟାଁ (୧୯)। ଛାତ୍ରୀ ଜଣକ ସ୍କୁଲ୍ ଯିବା ବାଟରେ ସମ୍ପୃକ୍ତ ୨ ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ କମେଣ୍ଟ୍ ପାସ କରିଥିଲେ। ଏନେଇ ଛାତ୍ରୀ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦।୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।




ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଚାମ୍ପିୟନ୍ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଚାମ୍ପିୟନ

ଯାଜପୁର ଟାଉନ୍,୭।୧(ଡି.ଏନ.ଏ.):

**ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍**

ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ଶନିବାର ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଓ ବୋକାରୋ ଇଲେଭେନ୍ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଚାମ୍ପିୟନ ହୋଇଛି।
ଯାଜପୁର ବ୍ଲକ୍ ଅନ୍ତର୍ଗତ ଚଇନପୁର ପଞ୍ଚାୟତର ସୁଦର୍ଶନ ପାଢ଼ୀ ହାଇସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ବୋକାରୋ ଇଲେଭେନ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ କଟକ ନିର୍ଦ୍ଧାରିତ ୨୫ ଓଭର ଖେଳି ୮ ଉଇକେଟ୍ ହରାଇ ୩୪୧ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିପ୍ଳବ ସାମନ୍ତରାୟ ୨୭ବଲ୍ ଖେଳି ୯୦ରନ୍ ଓ ଗିରିଜା ବାରିକ ୪୨ ବଲ୍ ଖେଳି ୮୩ ରନ୍ ସଂଗ୍ରହ କରିଥିଲେ। ବୋକାରୋ ଇଲେଭେନ୍‌ର ବୋଲର ବିକାଶ କୁମାର ୫ ଓଭର ବୋଲିଂ କରି ୩୧ରନ୍ ଦେଇ ୨ ଉଇକେଟ୍ ଓ ସୁରଜ ଯାଦବ ୫ ଓଭର ବୋଲିଂ କରି ୪୦ ରନ୍ ଦେଇ ୨ ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବରେ ବୋକାରୋ ଇଲେଭେନ୍ ୨୨ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୨୪୪ ରନ୍ ସଂଗ୍ରହ କରି ରାଇଜିଂ ଷ୍ଟୁଡେଣ୍ଟ କଟକଠାରୁ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ରାଜୁ ଯାଦବ ୭୧ ଓ ଶୁଭମ୍ କୁମାର ୭୩ ରନ୍ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ କଟକର ବୋଲର ତାରାକାନ୍ତ ସାମଲ ୫ ଓଭର ବୋଲିଂ କରି ୩ ଉଇକେଟ୍ ଓ ଦୀପକ ବେହୁରା ୫ ଓଭର ବୋଲିଂ ୪ ଉଇକେଟ୍ ଅକ୍ତିୟାର କରିଥିଲେ। ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟର ବିପ୍ଳବ ସାମନ୍ତରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବୋକାରୋ ଇଲେଭନ୍‌ର ରାଜୁ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରଯାଇଥିଲା।
ଜିଲା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ଜ୍ଞାନଚାନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଅଶୋକ ଦାସ ଫାଉଣ୍ଡେଶନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଜିଲା କ୍ରିକେଟ୍ ଆସୋସିଏଶନ ଉପସଭାପତି ପଦାରବିନ୍ଦ ପରିଡ଼ା, ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଅଭୟ ବଲ୍ଲଭ ପଣ୍ଡା ଓ ଶ୍ରୀଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସ୍ଥାନୀୟ ସରପଞ୍ଚ ବୈଷ୍ଣବ ରାଉତ, ବିଜୟ ପାଣି, କାଶୀନାଥ ମିଶ୍ର, ସଞ୍ଜୟ ବେହେରା, ବିଶ୍ୱଜିତ୍ ଦାସ, ଯୁବନେତା ମନୋଜ ସାହୁ, ପାର୍ଥ ସାରଥୀ ବେହେରା ଓ ଅଜିତ୍ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅମ୍ପାୟାର୍ ଭାବେ ଶାରଦା ପ୍ରସନ୍ନ ମହାପାତ୍ର, ଲଲାଟ କେଶରୀ ନନ୍ଦ ଏବଂ ସ୍କୋରରେ ଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ, ଜଗନ୍ନାଥ ସାମଲ ଓ ବିବେକାନନ୍ଦ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

## ଶିଶୁ ମୃତ୍ୟୁ ନେଇ ଉତ୍ତେଜନା

କଳିଙ୍ଗନଗର,୭।୧(ଡି.ଏନ.ଏ.):

୧ ବର୍ଷର ଶିଶୁ ମୃତ୍ୟୁକୁ ନେଇ ଯାଜପୁର ରୋଡ୍ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତଣ୍ଡରା ଗ୍ରାମର ଉଜ୍ୱଳା ପ୍ରଧାନ ଓ ଆନନ୍ଦ ପ୍ରଧାନଙ୍କ ବର୍ଷକର ଶିଶୁପୁତ୍ର ଅସୁସ୍ଥ ହେବରୁ ସେମାନେ ତାଙ୍କୁ ଶନିବାର ପୂର୍ବାହ୍ନରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ହୋମିଓ ପାଥି କ୍ଲିନିକ୍‌କୁ ଆଣିଥିଲେ। ସେଠାରେ ଡାକ୍ତର ଦେଇଥିବା ୧ ପାନ ଔଷଧ ଶିଶୁଟିକୁ ଖୁଆଇବାର କିଛି ମିନିଟ ପରେ ଶିଶୁଟି ରକ୍ତ ବାନ୍ତି କରିଥିଲା। ଏନେଇ ଶିଶୁର ମା'ଡାକ୍ତରଙ୍କୁ ପଚାରିବାରୁ ଡାକ୍ତର ତାଙ୍କୁ ତୁରନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯିବାକୁ କହିଥିଲେ। ତେଣୁ ସେମାନେ ସଙ୍ଗେସଙ୍ଗେ ଶିଶୁଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଶିଶୁଟିର ଚିକିତ୍ସା ଆରମ୍ଭ କରିବା ସମୟରେ ତା'ର ମୃତ୍ୟୁ ହୋଇଥିଲା। ଏହି ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଚିକିତ୍ସା କରିଥିବା ହୋମିଓ ପାଥି ଡାକ୍ତର ତାଜମୁଲ ହକ କ୍ଲିନିକ ବନ୍ଦ କରି ପଳାଇ ଯାଇଥିଲେ। ଯାଜପୁର ରୋଡ୍ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଉଜ୍ୱଳା ଓ ଆନନ୍ଦଙ୍କର କୌଣସି ସନ୍ତାନ ନଥିବାରୁ ସେମାନେ ତାଙ୍କ ସମ୍ପର୍କୀୟଙ୍କଠାରୁ ଶିଶୁ ଟିକୁ ଆଣି ଲାଳନ ପାଳନ କରୁଥିଲେ।

# ଶିଶୁମେଳା ଅନ୍ତର୍ନିହିତ ଗୁଣ ବିକାଶରେ ସହାୟକ ହୁଏ

**ରସୁଲପୁର ମଣ୍ଡଳ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ଜିଲାସ୍ତରୀୟ ଶିଶୁ ମେଳା**

ରସୁଲପୁର,୭।୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୋଲଥଳ ଗ୍ରାମସ୍ଥିତ କ୍ଷେତ୍ରପାଳ ସରକାରୀ ରୂପାନ୍ତରିକରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସନ୍ଧ୍ୟାରେ ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ୨୭ତମ ଯାଜପୁର ଜିଲାସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ଓଷ୍ଟାର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିଶୁ ମେଳା-୨୦୨୩ରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ମୁଖ୍ୟବକ୍ତା ଶିକ୍ଷକନେତା ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ବିଡିଓ ଅବନିକାନ୍ତ ସାହୁ, ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ପରିଡା, ରସୁଲପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ଭିକାରି ଚରଣ କବି, ଅନୁଷ୍ଠାନ ପ୍ରତିଷ୍ଠାତା ବୈରାଗୀ ଚରଣ ଘଡେଇ, ବ୍ରଜକିଶୋର ବିଶ୍ୱାଳ, ହୃଷୀକେଶ ସାମଲ, ଦିବାକର ସାହୁ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଗୋଲକ



ଜିଲାସ୍ତରୀୟ ଶିଶୁମେଳାରେ ଯୋଗଦେଇଥିବା ଅତିଥି।

ବିହାରୀ ରାଉତ, ସୁବାସ ଚନ୍ଦ୍ର ପାଢୀ, ଶ୍ୟାମସୁନ୍ଦର ଦାଶ ପ୍ରମୁଖ ଯୋଗଦେଇ ଶିଶୁ ମେଳାର ଆବଶ୍ୟକତା ଓ ତା'ର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିଶୁମେଳା ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣ ଓ ପ୍ରତିଭା ବିକାଶ କରୁଛି ବୋଲି ବକ୍ତାମାନେ କହିବା ସହ ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ୨ଟି ଅଧିବେଶନ ଜରିଆରେ ଶିଶୁ ମେଳାକୁ ପରିଚାଳନା କରାଯାଇଥିଲା। ଜିଲାର ୯୨ ବିଦ୍ୟାଳୟରୁ ୮୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ନେଇ ତର୍କ, ବକ୍ତୃତା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ଏକକ ଅଭିନୟ, ପ୍ରବନ୍ଧ ଲିଖନ, ସାହିତ୍ୟ, ହସ୍ତାକ୍ଷର ଭଳି ୨୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୭୫ଜଣ କୃତୀ ପ୍ରତିଯୋଗୀ, ୩ୟ, ୫ମ ଓ ୭ମ ଶ୍ରେଣୀରେ ବୃତ୍ତି ପାଉଥିବା, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲା ଓ ବ୍ଲକରେ ସର୍ବାଧିକ ନମ୍ବର ରଖିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଚାମ୍ପିୟନ ବିଦ୍ୟାଳୟଗୁଡିକୁ ରନିଙ୍ଗ ଟ୍ରଫି ପ୍ରଦାନ କରାଯାଇଥିଲା। ରବୀନ୍ଦ୍ର ଦାସରଥି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଟ୍ରଫି ଓ ପରୁସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ଶିକ୍ଷକ ପ୍ରଦୀପ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅବିନାଶ ଆଏଚ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିମ୍ନ ମାଧ୍ୟମିକ ରାଜ୍ୟ ସଂଘର ସଭାପତି ବିକ୍ରମ କେଶରୀ ଦାସଙ୍କୁ ଅତିଥି ସମ୍ମାନିତ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ରଣା ଧନ୍ୟବାଦ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଜୟଲକ୍ଷ୍ମୀ



@ ଚନ୍ଦନ



@ ଗୀତାଞ୍ଜଳୀ



@ ପ୍ରତିକ୍ ଅନୁରାଗ



@ ସୁଦାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୂଅରୁ ମିଳିଲା ଅବସରପ୍ରାପ୍ତ ସୈନିକଙ୍କ ମୃତଦେହ

ଝୁମ୍ପୁରୀ,୭।୧(ଡି.ଏନ୍.ଏ.):
ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ବିରିପଟା ଗ୍ରାମର ଅବସରପ୍ରାପ୍ତ ସୈନିକ ଶଶିଭୂଷଣ ସ୍ୱାଇଁଙ୍କ ମୃତଦେହ ଶନିବାର ତାଙ୍କ କୂଅରୁ ଜବତ କରାଯାଇଛି। ଶୁକ୍ରବାର ରାତିରେ ସେ କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମାତ୍ର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମଙ୍ଗଳପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ସଦର ମହକୁମା ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।
ସ୍ୱାଇଁ ଭାରତୀୟ ସେନା ବାହିନୀରେ ଅଫିସରଭାବେ କାର୍ଯ୍ୟକରି ଅବସର ନେବାପରେ ନିଜ ଗ୍ରାମ ବିରିପଟାରେ ରହିଆସୁଥିଲେ। ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ଯାଜପୁର ଟାଉନରେ ରହୁଛନ୍ତି। ଶୁକ୍ରବାର ରାତିରେ ସେ ଘରେ ଥିବାବେଳେ କିପରି କୂଅରେ ପଡ଼ିଲେ ଓ ତାଙ୍କର ମୃତ୍ୟୁ ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ୱାଇଁଙ୍କ ଗାଈଗୁଡ଼ିକ ଗୁହାଳରେ ବନ୍ଧା ହୋଇ ନ ଥିବା ଦେଖି ରାତିରେ ତାଙ୍କର ଜଣେ ପଡ଼ୋଶୀ ଦାଦା ତାଙ୍କୁ ଡାକ ପକାଇଥିଲେ। ହେଲେ ସେ ଜବାବ ନ ଦେବାରୁ ଦାଦା ଆସି ଘର, ବାଡ଼ି, ଦାଣ୍ଡ, ପଡ଼ୋଶୀଙ୍କ ଘରେ ଖୋଜିଥିଲେ। ଏହି ସମୟରେ ସ୍ୱାଇଁ ବାଡ଼ିପଟ କୂଅରେ ପଡ଼ିଥିବା ଦେଖି ଦାଦା ସମସ୍ତଙ୍କୁ ଡାକ ପକାଇଥିଲେ। ପରେ ଗ୍ରାମବାସୀ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦଶରଥପୁର ଦମକଳ ବାହିନୀ ପହଞ୍ଚି ସ୍ୱାଇଁଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଳୁଚପ୍‌ରେ ନିଶା ଦେଇ ମହିଳାଙ୍କୁ ଅପହରଣ

**ନୟାଗଡ଼ ଅଫିସ,୭।୧:** ନୟାଗଡ଼ ଜିଲା ସଦର ଥାନା ଅଧୀନ ଦୁର୍ଦ୍ଦୁରା ପଞ୍ଚାୟତ କିରିଆଲାଞ୍ଜି ଗାଁ ଜଣେ ମହିଳାଙ୍କୁ ନିଶା ଔଷଧ ମିଶା ଆଳୁଚପ୍ ଖାଇବାକୁ ଦେଇ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ଆଳୁଚପ୍ ଖାଇବା ପରେ ସେ ଅଚେତ ହୋଇପଡିଥିଲେ। ଏହି ସୁଯୋଗରେ ତାଙ୍କୁ ଅପହରଣ କରାଯାଇଥିଲା। ସେ ନିଖୋଜ ହୋଇଯାଇଥିବା ଖବର ପ୍ରଚାରିତ ପରେ ପରିବାର ଓ ଗାଁ ଲୋକ ବିଭିନ୍ନ ସ୍ଥାନ ଖୋଜି ଥିଲେ । ନିଖୋଜର ପ୍ରାୟ ୧୩ ଘଣ୍ଟା ପରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି। ଅନ୍ୟପକ୍ଷେ ବାକି ଟଙ୍କା ମାଗିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ଜଣାପଡିବା ପରେ କିରିଆଲାଞ୍ଜିରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ଥାନାରେ ଅଭିଯୋଗ ହୋଇଥିବା ମହିଳାଙ୍କ ସ୍ୱାମୀ କହୁଥିବାବେଳେ ପୋଲିସ ଏହାକୁ ଅସ୍ୱୀକାର କରିଛି।

ଏ ନେଇ କିରିଆଲାଞ୍ଜି ଗାଁର ରମେଶ ପ୍ରଧାନ କୁହନ୍ତି, ଗତ ୫ ତାରିଖ ସନ୍ଧ୍ୟାରୁ ମୋର ସ୍ତ୍ରୀ ରୀନା ପ୍ରଧାନ ନିଖୋଜ ହୋଇଯାଇଥିଲେ। ନିଖୋଜର କାରଣ ଜଣାପଡ଼ି ନ ଥିଲେ ହେଁ ଜଣେ ଆଶାକର୍ମୀଙ୍କ ସହ ସେ ଯାଇଥିବା ଜଣାପଡ଼ିଥିଲା। ରୀନାଙ୍କ ନିଖୋଜ ନେଇ ସମ୍ପୃକ୍ତ ଆଶାକର୍ମୀଙ୍କୁ ପଚାରିବାରୁ ସେ ବାପ ଘରକୁ ଚାଲି ଯାଇଥିବା କହିଥିଲେ। ବନ୍ଧୁ ବାନ୍ଧବ, ଶ୍ୱଶୁର ଘର, ଗାଁର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ଟେର ମିଳି ନ ଥିଲା । ତଥାପି ଆମେ ଆଶା ନ ଛାଡି ଖୋଜାଖୋଜି ଜାରି ରଖିଥିଲୁ । ୬ ତାରିଖ ଶୁକ୍ରବାର ୧୦ଟାରେ ଶ୍ୱଶୁର ଘର ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ପରିତ୍ୟକ୍ତ ଘରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ସେହି ଘରକୁ ପୂର୍ବରୁ ୨ଥର ତନଖି କରାଯାଇଥିଲା । ହେଲେ ସେଠାରେ ରୀନା ନ ଥିଲେ । ଏ ସଂକ୍ରାନ୍ତରେ ରୀନା କୁହନ୍ତି, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ୨ ବର୍ଷ ତଳେ ମୁଁ ୩୦ ହଜାର ଋଣ କରିଥିଲି। ବିଭିନ୍ନ ଅସୁବିଧା ଦେଖାଇ ସମ୍ପୃକ୍ତ ଆଶାକର୍ମୀ ୪ଦିନ ପାଇଁ ୩୦ ହଜାର ଟଙ୍କା ଧାର ନେଇଥିଲେ । ପରେ ମୂଳ କି ସୁଧ ପରିଶୋଧ କରି ନ ଥିଲେ । ମୁଁ ଯେଉଁ କାମ ପାଇଁ ଋଣ କରିଥିଲି ମୋର କାମ ତ ହେଲାନି ବରଂ ପ୍ରତିମାସରେ ସୁଧ ଦେଇ ଚାଲିଲି । ବାରମ୍ବାର ଟଙ୍କା ମାଗିବା ପରେ ମୋ କଥାକୁ ସେ ଶୁଣି ନ ଥିଲେ । ଗତ ୫ ତାରିଖ ସନ୍ଧ୍ୟାରେ ଟଙ୍କା ମାଗିବାରୁ ଦେବାକୁ ହଁ କରି ମୋତେ ଅପେକ୍ଷା କରିବାକୁ କହି ସମୟ ଗଡାଇ ଚାଲିଲେ। ଗାଁର ବିଭିନ୍ନ ଲୋକଙ୍କ ଦୁଆରକୁ ନେଇ ବୁଲାଇଲେ । ପରେ ଜଣେ ଅଙ୍ଗନୱାଡି ପାଚିକାଙ୍କ ଘର ନିକଟରେ ମୋତେ ଆଳୁଚପ୍ ଖାଇବାକୁ ଦେଇଥିଲେ । ଆଳୁଚପ୍ ଖାଇବା ପରେ ମୋର କ'ଣ ହେଲା ମୁଁ ଜାଣିନି । ୬ ତାରିଖ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋର ଚେତା ଫେରିଲା । ମୁଁ କେବଳ ଆଳୁଚପ୍ ଖାଇବା କଥାକୁ ଛାଡିଦେଲେ ଅନ୍ୟ କିଛି ଜାଣି ନାହିଁ । ଅନୁମାନ କରୁଛି ସେ ମୋତେ ଆଳୁଚପ୍‌ରେ ନିଶା ଦେଇ ପରିତ୍ୟକ୍ତ ଘରେ ଲୁଚାଇ ରଖିଥିଲେ । ଏନେଇ ମୋର ସ୍ୱାମୀ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଛନ୍ତି । ହେଲେ ପୋଲିସ ଏଯାବତ ଘଟଣାର ତଦନ୍ତ କରି ନାହିଁ । ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି, ୬ ତାରିଖରେ ମୁଁ ଥାନାରେ ଅନୁପସ୍ଥିତ ଥିଲି। ତେବେ କିରିଆଲାଞ୍ଜିର ଜଣେ ମହିଳାଙ୍କୁ ଆଳୁଚପ୍ ଖୁଆଇ ଅପହରଣ କରିବା ଖବର ଅଭିଯୋଗ ମିଳିନି । ଅଭିଯୋଗ ମିଳିଲେ ଘଟଣାର ତଦନ୍ତ କରାଯିବ।


ଡାକ୍ତରଖାନାରେ ରୀନା ପ୍ରଧାନ।

- ପରିତ୍ୟକ୍ତ ଘରେ ଲୁଚାଇ ରଖିଥିଲେ ଜଣେ ଆଶାକର୍ମୀ
- ୧୩ ଘଣ୍ଟା ପରେ ଅଚେତ ଅବସ୍ଥାରେ ଉଦ୍ଧାର
- କିରିଆଲାଞ୍ଜିରେ ଉତ୍ତେଜନା
- ବାକି ଟଙ୍କା ମାଗିବାରୁ ଅପହରଣ ଅଭିଯୋଗ

## ସଂକ୍ଷେପରେ

### ନୂଆଗାଁ ଥାନା ଅଞ୍ଚଳରେ ବଢୁଛି ନିଶା କାରବାର

**ନୂଆଗାଁ,୭।୧(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ନୂଆଗାଁ ଥାନା ଅଞ୍ଚଳରେ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି । ଗୋଟିଏ ମଦ ଦୋକାନ ରହିଥିଲେ ମଧ୍ୟ ନୂଆଗାଁ ଥାନା ଅଧୀନ ମହିପୁର , ପଥରପାଟଣା, ଡମୁଣୀ, ମହିତମା, କୋରଡା, ସୋରଡା, ସିକ୍ରିଡା ଆଦି ଅଞ୍ଚଳରେ ଅବାଧରେ ଦେଶୀ,ବିଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହେଉଛି । ଅବକାରୀ ବିଭାଗ ଓ ପୋଲିସ ତରଫରୁ କାଁ ଭାଁ ଛୋଟ ବେପାରୀଙ୍କୁ ଗିରଫ କରାଯାଉଛି । ହେଲେ ଚୋରା ମାଦକ ଦ୍ରବ୍ୟ ଯୋଗାଉଥିବା ପ୍ରକୃତ ନିଶା ମାଫିଆଙ୍କୁ ଧରିବାରେ ବିଫଳ ହେଉଛି ଅବକାରୀ ଓ ପୋଲିସ ପ୍ରଶାସନ । ଅବାଧ ନିଶା କାରବାର ଫଳରେ ନୂଆଗାଁ ଥାନା ଅଞ୍ଚଳରେ ଦୁର୍ଘଟଣା, ଚୋରି ଓ ଡକାୟତି ଆଦି ବୃଦ୍ଧି ପାଇବାରେ ଲାଗିଛି । ତେଣୁ ନିଶା କାରବାରକୁ ରୋକିବା ପାଇଁ ନୂଆଗାଁ ଥାନା ଅଞ୍ଚଳବାସୀ ଦାବି କରିଛନ୍ତି। ଅବାଧ ନିଶା କାରବାର ରୋକିବା ବାବଦରେ ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ନିଶା ବେପାର ବିଷୟରେ ସଠିକ୍ ଖବର ପାଇଲେ ନିଶ୍ଚୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ନିର୍ଦ୍ଦୋଷ

**ଛାତ୍ରୀଙ୍କୁ ବଳାତ୍କାର ମାମଲା**

**ବ୍ରହ୍ମପୁର ଅଫିସ,୭।୧:** ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ପୋକ୍ସୋ ଜଜ ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ନ ମିଳିବାରୁ ସେ ବଳାତ୍କାରୀଙ୍କ ସମେତ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଚମାଖଣ୍ଡି ଥାନା ଅଞ୍ଚଳର ଜୟକୃଷ୍ଣ ସେଠୀ ଯିଏକି ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିଲେ। ଅପହରଣରେ ସହଯୋଗ କରିଥିବା ଏନ. ସନ୍ନ୍ୟାସୀ ରେଡ୍ଡୀ ଓ ଆର. ଭୀମ ରେଡ୍ଡୀ। ପ୍ରକାଶ ଯେ, ୨୦୧୫ ଡିସେମ୍ବର ୭ରେ ଚମାଖଣ୍ଡି ଅଞ୍ଚଳରୁ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ ହୋଇଥିଲା। ଏନେଇ ପୀଡ଼ିତାଙ୍କ ବାପା ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.ରେ ୧୩୩/୧୫ ରେ ଏକ ମାମଲା ରୁଜୁ କରିଥିଲା। ୨୦୧୬ରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଛାତ୍ରୀ ଜଣଙ୍କ କଲେଜ ଯାଉଥିବା ବେଳେ ରାସ୍ତାରୁ ତାଙ୍କୁ ଜଣେ ଯୁବକ ଅପହରଣ କରି ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଜଣଙ୍କ ପୋଲିସକୁ ତାଙ୍କ ବୟାନରେ କହିଥିଲେ। କୋର୍ଟରେ ଉକ୍ତ ମାମଲାର ବିଚାର ଚାଲିଥିବା ବେଳେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଶୁଣାଣି ବେଳେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ବାଲ୍ୟ ବିବାହ ମୁକ୍ତ ପାଇଁ ସଚେତନତା


ବାଲ୍ୟ ବିବାହ ମୁକ୍ତ ସଚେତନତା ସଭାରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀ ।

**ଦଶପଲ୍ଲା,୭।୧(ଡି.ଏନ.ଏ.)**

ସେଣ୍ଟର ଫର୍ କାଟାଲାଇଜିଙ୍ଗ ଚେଞ୍ଜ (ସି୩) ଆନୁକୂଲ୍ୟରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ଅଙ୍ଗନାୱାଡ଼ି କର୍ମୀମାନଙ୍କୁ ନେଇ ଶନିବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାଗତିକା ସାଗର ତନୟ, ରେଖାଞ୍ଜଳି କହଁର ଓ ପ୍ରଭାକର ଦାସ ଯୋଗଦେଇଥିଲେ। ବୈଠକରେ ବାଲ୍ୟ ବିବାହର କାରଣ, ନିରାକରଣ ଓ କୁପରିଣାମ ଉପରେ ଆଲୋଚନା କରାଯାଇଥିଲା। ଆଇନ ଦ୍ୱାରା ପ୍ରଣିତ ଦଣ୍ଡବିଧାନ ସହିତ ଗ୍ରାମାଞ୍ଚଳରେ ହେଉଥିବା ବାଲ୍ୟବିବାହକୁ ରୋକିବା ଦିଗରେ ପିଲାଟିଏ ସଚେତନ ହେବା ପ୍ରଥମେ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଅଙ୍ଗନାୱାଡ଼ି କର୍ମୀଙ୍କ ଭୂମିକା ଏବଂ ସି–୩ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କଲେ ଦଶପଲ୍ଲା ଅଞ୍ଚଳକୁ ବାଲ୍ୟବିବାହ ମୁକ୍ତ କରାଯାଇ ପାରିବ ବୋଲି ବକ୍ତାମାନେ କହିଥିଲେ । ଉକ୍ତ ବୈଠକରେ ୪୦ ଜଣ ଅଙ୍ଗନୱାଡି କର୍ମୀଙ୍କ ସହ ୪ ବ୍ଲକ୍ କର୍ମଚାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସି–୩ ଜିଲା ସଂଯୋଜକ ସୁବ୍ରତ କୁମାର ବିଶୋଇ ଆୟୋଜନ କରିଥିଲେ । ସହଯୋଗୀ ନିକି ପ୍ରଧାନ, ଶୁଭାଶିଷ ମିଶ୍ର, ପ୍ରସନ୍ନ ବାଘସିଂ, ପ୍ରିୟଙ୍କା ବରାଡ, ଚିନ୍ମୁୟ ପ୍ରଧାନ, ସ୍ୱାତିରେଖା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଦଶପଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ କରିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା।

# ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

**୫ ଆହତ, ପୋଖରୀଗୋଛାରେ ଉତ୍ତେଜନା**

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ଜିଲା ଦଶପଲ୍ଲା ଥାନାର ପୋଖରୀଗୋଛାରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ଗୋଷ୍ଠୀର ୫ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ପୋଖରୀଗୋଛାରେ ଉତ୍ତେଜନା ପ୍ରକାଶ ପାଇଛି । ଆହତଙ୍କ ମଧ୍ୟରୁ ପୋଖରୀଗୋଛା ସମିତି ସଭ୍ୟ ବାପୁଜୀ ସାହୁଙ୍କ ଅବସ୍ଥା ଗୁରୁତର ରହିଛି । ବାପୁଜୀଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଶାସକ ଦଳରେ ବିଧାୟକ ରମେଶ ବେହେରା ଓ ଶ୍ରୀହରି ନାୟକଙ୍କ ମଧ୍ୟରେ ବଳ କଷାକଷି ଲାଗି ରହିଛି । ପ୍ରତି ଗାଁରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି । ଏଭଳିସ୍ଥଳେ ଶନିବାର ପୋଖରଗୋଛାରେ ଶାସକ ଦଳର ଦୁଇ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏହି ରିପୋର୍ଟ ଲେଖା ହେବା ଯାଏ ଜଣେ ଆହତ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି । ଦଶପଲ୍ଲା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଯୁବକଙ୍କ ଗଳିତ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ, ୭।୧**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଶନିବାର ଏମ୍‌କେସିଜି ମେଡିକାଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି । ମୃତକ ହେଲେ ଗଜପତି ନଗରରେ ରହୁଥିବା ନୃସିଂହ ଚରଣ ମହାନ୍ତି (୪୦)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନୃସିଂହ କାହିଁକି ଆତ୍ମହତ୍ୟା କଲେ ତାହା ଏବେ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଗୋଚର ଜମିରେ ଖେଳ ପଡ଼ିଆ ନିର୍ମାଣ

**ନୂଆଗାଁ,୭।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ଲୁଣିସରା ଗ୍ରାମରେ ସଂରକ୍ଷିତ ଥିବା ଜମିରେ ଖେଳ ପଡ଼ିଆ ନ କରି ଗୋଚର ଜମିରେ ନିର୍ମାଣ କରାଯାଉଛି । ଗୋଚର ଜମିରେ ଖେଳ ପଡ଼ିଆ ନିର୍ମାଣକୁ ଲୁଣିସରା ଗ୍ରାମବାସୀ ବିରୋଧ କରି ନୂଆଗାଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ତଥ୍ୟ ପ୍ରଦାନ ପର୍ଯ୍ୟନ୍ତ ନିର୍ମାଣ ବନ୍ଦ ରହିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ସୋରଡ଼ା ପଞ୍ଚାୟତ ଲୁଣିସରା ଗ୍ରାମରେ ଖେଳ ପଡ଼ିଆ ନିର୍ମାଣ କରିବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ଖେଳପଡ଼ିଆ ନିର୍ମାଣ କରିବା ପାଇଁ ଲୁଣିସରା ଗ୍ରାମର ଖାତା ନଂ. ୩୮, ପ୍ଲଟ ନଂ. ୨୧୪ରେ ଏ୧.୨୫ ଡିସିମିଲ ଜାଗା ସଂରକ୍ଷିତ ରହିଛି। ଉକ୍ତ କାମ କରିବା ଦାୟିତ୍ୱ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ହାତରେ ରହିଥିବା ବେଳେ ସେ କେତେଜଣ ମୁଷ୍ଟିମେୟ ଲୋକଙ୍କ କଥାରେ ପରିଚାଳିତ ହେଉଛନ୍ତି । ଫଳରେ ଲୁଣିସରା ଗ୍ରାମର ଅଳ୍ପ ଦୂରରେ ବେଲପା ନଦୀ ଓ ଶାଳବଣି ଜଙ୍ଗଲ ପାର୍ଶ୍ୱରେ ଥିବା ଗୋଚର ଜମିରେ ଖେଳ ପଡ଼ିଆ ନିର୍ମାଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସେହି ସ୍ଥାନରେ ଖେଳ ପଡ଼ିଆ ନିର୍ମାଣ କରାଗଲେ ବିଭିନ୍ନ ସମସ୍ୟା ଦେଖା ଦେବ । ପଡ଼ିଆକୁ ଯିବା ଆସିବା କରିବାରେ ବେଲପା ନଦୀ ବାଧକ ସାଜିବ । ତେଣୁ ଗୋରୁଗାଈ ଚରିବା ପାଇଁ ସଂରକ୍ଷିତ ଥିବା ଗୋଚର ଜମିରେ ଖେଳ ପଡ଼ିଆ ନିର୍ମାଣ ନ କରି ସେପାଇଁ ଉର୍ଦ୍ଦିଷ୍ଟ ଥିବା ଜମିରେ ତାହା ନିର୍ମାଣ କରାଯାଉ ବୋଲି ଗ୍ରାମାବସୀ ଦାବି କରିଛନ୍ତି ।

ଏ ବାବଦରେ ଲୁଣିସରା ଗ୍ରାମର କାଳିନ୍ଦୀ ଚରଣ ସାହୁ, ବିନୋଦ କୁମାର ସାହୁ, ମନ ମୋହନ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, ଯୋଗେନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନୂଆଗାଁ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏ ବାବଦରେ ନୂଆଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ସରୋଜିନୀ ବେହେରାଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଯେଉଁ ସ୍ଥାନରେ ଖେଳ ପଡ଼ିଆ କାମ ହେଉଛି ତାହା ଆବାଦ ଯୋଗ୍ୟ ଆନାବାଦୀ କିସମ । କାମ ଆରମ୍ଭ କରିବା ପୂର୍ବରୁ ଉକ୍ତ ଜମିର ସମସ୍ତ ବିବରଣୀ ଆମେ ଫାଇଲରେ ସଂଲଗ୍ନ କରିଛୁ ବୋଲି କହିଛନ୍ତି। ତେବେ ଏ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ନିର୍ମାଣଧୀନ ଜାଗାର ସଠିକ୍ ତଥ୍ୟ ଦେବା ପାଇଁ ଆମେ ନୂଆଗାଁ ତହସିଲଦାରଙ୍କୁ ଚିଠି କରିଛୁ । ତେଣୁ ତଥ୍ୟ ଆସିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରି ଦିଆଯାଇଥିବା ସେ କହିଛନ୍ତି ।


ଗୋଚର ଜମିରେ ନିର୍ମାଣ ଚାଲିଥିବା ଖେଳପଡ଼ିଆ ।

- ଗ୍ରାମବାସୀଙ୍କ ବିରୋଧ ପରେ କାମ ବନ୍ଦ
- ଯନ୍ତ୍ରୀ କହିଲେ ଅଭିଯୋଗ ଭିତ୍ତିହୀନ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଜୟଲକ୍ଷ୍ମୀ


@ ଚନ୍ଦନ


@ ଗୀତାଞ୍ଜଳି


@ ପ୍ରତୀକ୍ ଅନୁରାଗ


@ ସୁଦାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହକି ବିଶ୍ୱକପ୍ ପାଇଁ ବ୍ଲକ୍ ପକ୍ଷରୁ କ୍ରିକେଟ୍ ଟୁର୍ନାମେଣ୍ଟ

**ନୂଆଗାଁ,୭।୧(ଡି.ଏନ.ଏ.)**

ରାଜ୍ୟରେ ଆୟୋଜିତ ହକି ବିଶ୍ୱ କପ୍ –୨୦୨୩କୁ ଉତ୍ସାହିତ କରିବା ନିମନ୍ତେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ତରଫରୁ ଆସନ୍ତା ୧୦ ତାରିଖରେ ଏକ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ନୂଆଗାଁ କଲେଜ ସମ୍ମୁଖ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୪ ଦଳ ୧୦ ଓଭର ଲେଖାଏଁ ଖେଳିବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ମ୍ୟାଚ୍ ବ୍ଲକ ପ୍ରଶାସନ ବନାମ ସାମ୍ବାଦିକ ସଂଘ ଓ ଦ୍ୱିତୀୟ ମ୍ୟାଚ ଶିକ୍ଷକ ସଂଘ ବନାମ ପଞ୍ଚାୟତିରାଜ ଜନ ପ୍ରତିନିଧି ଟିମ୍ ମଧ୍ୟରେ ମୁକାବିଲା ହେବ । ଏହି ଟୁର୍ନାମେଣ୍ଟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଜୟ ଲକ୍ଷ୍ୟ ନେଇ ସମସ୍ତ ଟିମ୍ ଅଭ୍ୟାସ ଜାରି ରଖିଛନ୍ତି।


ବ୍ଲକ ପ୍ରଶାସନ ଟିମ୍ ଅଭ୍ୟାସ ଜାରି ରଖିଛନ୍ତି ।

## ସଂକ୍ଷେପରେ

### ଖଣ୍ଡହତା ବନ ମହୋତ୍ସବ ଉଦ୍‌ଯାପିତ

ଯାଜପୁର ରୋଡ୍,୭।୧(ଡି.ଏନ୍.ଏ.) ବ୍ୟାସନଗର ପୌର ପରିଷଦର ଖଣ୍ଡହତା ବଉଳିପୋଖରୀ ବଟବୃକ୍ଷ ମୂଳେ ବନ ମହୋତ୍ସବ-୨୦୨୩ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମଦନମୋହନ ମୂର୍ତ୍ତି ରଖି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବ ପ୍ରାୟ ୧୦୦ ବର୍ଷ ହେବ ପାଳନ ହୋଇ ଆସୁଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବରେ ଖଣ୍ଡହତା ସମେତ ବୀରମଣିପୁର, କୋପଣ୍ଡ, ରାଛିପୁର, ଦାନିଆବର ପ୍ରମୁଖ ଗ୍ରାମର ସଭ୍ୟାସଭ୍ୟ ଯୋଗଦେଇଥିଲେ। ପୂର୍ବତନ କାଉନ୍‌ସିଲର ବିନୋଦ ରାଉତ, ଅଶୋକ ରାଉତ, ଗୋବିନ୍ଦ ରାଉତ, ଶରତ ରାଉତ, କରୁଣାକର ବେହେରା, ଭୁବନି ବେହେରା, ଅନନ୍ତ ଦାସ, ଅଇଁଣ୍ଢୁ ସ୍ୱାଇଁ, ମାଧବ ସ୍ୱାଇଁ, ନୃସିଂହ ବେହେରା, ରାଜେନ୍ଦ୍ର ବେହେରା, ନଟ ବେହେରା, ଅଭୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ବାଘୁଣୀ ରୂପାର ପ୍ରଥମ ଶାବକ ମୃତ

ବାରଙ୍ଗ,୭।୧(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଧଳା ବାଘୁଣୀ ରୂପା ଜନ୍ମଦେଇଥିବା ୩ଶାବକ ମଧ୍ୟରୁ ଗୋଟିକର ଶନିବାର ସକାଳେ ମୃତ୍ୟୁ ହୋଇଛି। ଅନ୍ୟ ୨ ଛୁଆକୁ ରୂପା ପାଖରେ ରଖିବା ସହ ଖାଇବାକୁ କ୍ଷୀର ଦେଉଥିବାର ଦେଖିବାକୁ ମିଳିଛି। ରୂପା ତା' ଛୁଆକୁ ପାଦରେ କୁଦି ଦେଇଥିବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି।

# କାର୍ଯ୍ୟାନୁଷ୍ଠାନ ଦାବିକଲା ଦଳିତ ମହାସଂଘ

**ଈଶ୍ୱର ସେଠୀ ହାଜତ ମୃତ୍ୟୁ ମାମଲା**


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦଳିତ ମହାସଂଘ କର୍ମକର୍ତ୍ତା।

ଚଣ୍ଡିଖୋଲ,୭।୧(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଫାଣ୍ଡିରେ କଟକ ଜିଲା ମାହାଙ୍ଗା ଥାନା ସିନ୍ଧୁପୁର ଗ୍ରାମର ୨୪ବର୍ଷୀୟ ଯୁବକ ଈଶ୍ୱର ସେଠୀଙ୍କ ହାଜତ ମୃତ୍ୟୁକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଶନିବାର ଅଲ୍ ଓଡ଼ିଶା ଏସ୍‌ସି, ଏସଟି ଏବଂ ଓବିସି ମାଇନରିଟି ୟୁନାଇଟେଡ ଫୋରମ ପକ୍ଷରୁ କର୍ମକର୍ତ୍ତା ଯାଜପୁର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଦାବିପତ୍ର ଦେଇଛନ୍ତି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଆସନ୍ତା ୧୩ତାରିଖରେ ଗଣବିକ୍ଷୋଭ ଓ ଜନ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ବଡ଼ଚଣା ଥାନା ଶାସନ ପୁରୁଷୋତ୍ତମପୁର ଗ୍ରାମର ଜଣେ ଯୁବତୀଙ୍କ ସହ ମାହାଙ୍ଗା ଥାନା ସିନ୍ଧୁପୁର୍ ଗ୍ରାମର ଈଶ୍ୱରଙ୍କ ପ୍ରେମ ସମ୍ପର୍କ ଥିଲା। ଯୁବତୀ ବିବାହ ପାଇଁ ରାଜି ନ ହେବାରୁ ଈଶ୍ୱର ତାଙ୍କ ଫୋଟୋ ଭାଇରାଲ ଧମକ ଦେଇଥିଲେ। ଏହାକୁ ନେଇ ଯୁବତୀ ଗତ ୩ ତାରିଖରେ ବଡଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫/୨୩ ରେ ଏକ ମାମଲା ରୁଜୁ କରି ସେହିଦିନ ରାତିରେ ଈଶ୍ୱରଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲା। ରାତିରେ ବଡ଼ଚଣା ଥାନାରେ ରଖି ମାଡ଼ ମାରିବା ପରେ ୪ ତାରିଖ ସକାଳୁ ନେଇ ଧାନ ମଣ୍ଡଳ ଫାଣ୍ଡି ହାଜତରେ ରଖିଥିବା ମୃତ ଈଶ୍ୱରଙ୍କ ଭଉଣୀ ଅଭିଯୋଗ କରିଥିଲେ। ୪ ତାରିଖ ରାତିରେ ମୃତ୍ୟୁ ହୋଇଥିବା ଜଣା ପଡ଼ିବା ପରେ ଈଶ୍ୱରଙ୍କ ବାପା ପଦନ ସେଠୀ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ, ଯେ ତାଙ୍କ ପୁଅକୁ ପୋଲିସ ପିଟି ମାରି ଦେଇଛି। ଏନେଇ ବଡ଼ଚଣା ଥାନାରେ ନଂ.୭/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ପରେ ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଓ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲିଙ୍କ ସମେତ ୧୨ ପୋଲିସ କର୍ମଚାରୀଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଶନିବାର ମହାସଂଘ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ଈଶ୍ୱରଙ୍କୁ ୩ ତାରିଖ ରାତିରେ ପୋଲିସ ମାଡ ମାରିଥିଲା। ପରଦିନ ସକାଳେ ମାଡ଼ ଦେବାରୁ ସେ ବାନ୍ତି କରିଥିଲେ। ମାତ୍ର ତାଙ୍କୁ ଡାକ୍ତରଖାନାକୁ ନ ନେଇ ଏକ ଔଷଧ ଦୋକାନରୁ ବାନ୍ତି ବାଟିକା କିଣି ଖାଇବାକୁ ଦେଇ ଅଧିକାରୀମାନେ ଭୋଜି କରିବାକୁ ପାହାଡ ପାଖକୁ ଚାଲି ଯାଇଥିଲେ। ଭୋଜି ଖାଇ ଆସି ତାଙ୍କୁ ପୁନର୍ବାର ମାଡ଼ ମାରିଥିଲେ। ଯେଉଁଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ଲୁଚାଇବାକୁ ପୋଲିସ ହାଜତ ଭିତରେ ଆମ୍ହତ୍ୟା କରିଥିବା କହିଛି। ମହାସଂଘ ଅଭିଯୋଗ କରିଛିଯେ, ଈଶ୍ୱରଙ୍କ ହାଜତରେ ମୃତ୍ୟୁହୋଇଥିବା ବେଳେ ପୋଲିସ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟବ୍ରତ ପଣ୍ଡାଙ୍କୁ ହାତ କରି ମିଥ୍ୟାର ଆଶ୍ରୟ ନେଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏତେ ଘଟଣା ଘଟି ଯାଇଥିଲେ ମଧ୍ୟ ପରିବାର ଲୋକଙ୍କୁ କୌଣସି ଖବର ଦେଇ ନ ଥିଲେ। କେବଳ ରାତି ୮ଟାରେ ଅସୁସ୍ଥ ଥିବା ଓ କଟକ ମେଡିକାଲରେ ଥିବା ଜଣାଇଥିଲେ। ତୁରନ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଗିରଫ କରିବାକୁ ଦାବି କରିଛନ୍ତି। ଆମ୍ବେଡକର ଲୋହିଆ ବିଚାର ମଞ୍ଚ ରାଜ୍ୟ ନେତା ମନୋରଞ୍ଜନ ଜେନା, ମାନବ ଅଧିକାର କର୍ମୀ ବିଶ୍ୱନାଥ ପାତ୍ର, ଦଳିତ ମହାସଂଘ ସଭାପତି ସହଦେବ ଜେନା, ବସନ୍ତ କୁମାର ଜେନା, ପିନାକୀ ମଲ୍ଲିକ, ବୈରାଗୀ ମଲିକ, ଅକ୍ଷୟ ଜେନା, ଶ୍ରୀଧର ଜେନା ଓ ପ୍ରଫୁଲ୍ଲ ଜେନା ପ୍ରମୁଖ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟି ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଡିଏସ୍‌ପି ତଥା ତଦନ୍ତକାରୀ ମୁଖ୍ୟ ପ୍ରମୋଦ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କୁହନ୍ତି, ତଦନ୍ତ ଭାର ଦିଆ ଯିବା ପରେ ମୁଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହା ଜଣାପଡ଼ିବ।

# ହକି ବିଶ୍ୱକପ୍ ପାଇଁ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

ବରୀ,୭।୧(ଡି.ଏନ.ଏ.):

ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଶନିବାର ବରୀ ବ୍ଲକ୍ ଅଧୀନ ବାଲିବିଲରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କନକ ଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ସରପଞ୍ଚ ମଧୁସ୍ମିତା ସାମଲ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପୁରୁଷ ବିଶ୍ୱ କପ୍ ହକିରେ ଯଦି ଭାରତ ଚାମ୍ପିୟନ ହୁଏ ତେବେ ପଞ୍ଚାୟତରେ ଏହି ବିଜୟ ଉତ୍ସବ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସରପଞ୍ଚ ସାମଲ ମତ ରଖିଥିଲେ। ଏଥିସହିତ ଆଗାମୀ ଖେଳ ପାଇଁ ସେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଲିବିଲ ପଞ୍ଚାୟତର ଡିହସାହି ନୋଡାଲ ସ୍କୁଲ୍, କନକ ଦୁର୍ଗା ବିଦ୍ୟାପୀଠ ଓ ବାଲିବିଲ ନୋଡାଲ ସ୍କୁଲ୍ ସମେତ ଏହି ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରୀଛାତ୍ର ମାନବ ଶୃଙ୍ଖଳ କରି ନିଜ ନିଜ ମଧ୍ୟରେ ସମ୍ପର୍କକୁ ନିବିଡ କରିବାର ବାର୍ତ୍ତା ଦେଇଥିଲେ। ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ କନକ ଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସୂଦନ ଦଳେଇ, ୨୪ ନଂ. ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ସୁଦ୍ଧାଞ୍ଜୟା ସାମଲ, ସରସ୍ୱତୀ ସ୍ୱାଇଁ, ତ୍ରିଲୋଚନ ଭୂୟାଁ, ଲକ୍ଷ୍ମୀଧର ଖୁଣ୍ଟିଆ, ଦୀପ୍ତିମୟୀ ଦାସ, ଜ୍ୟୋତିର୍ମୟୀ ମାଝି, ଗୋପବନ୍ଧୁ ଦାସ, ଗୌତମ ମଲିକ, କ୍ରୀଡ଼ା ଶିକ୍ଷକ ହିମାଂଶୁ ଦାସ, ବିରଞ୍ଚି ମଲିକ, ପଦ୍ମାବତୀ ଜେନା, ପ୍ରତିମା ସାମଲ, ବିଜୟ ସାମଲ, ଯୁବ ସାମାଜିକ କର୍ମୀ ମାନଗୋବିନ୍ଦ ସାମଲ, ପ୍ରସନ୍ନ ଜେନା, ଗଜେନ୍ଦ୍ର ମଲିକ ଓ ବାଦଲ ମିଶ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ୯ ଡାକ୍ତର ପଦବୀ ଖାଲି, ରୋଗୀସେବା ବାଧାପ୍ରାପ୍ତ

**ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଧର୍ମଶାଳା,୭।୧(ଡି.ଏନ.ଏ.):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ଜଣ ଡାକ୍ତରଙ୍କ ବଦଳରେ ୩ ଡାକ୍ତର ରହିଛନ୍ତି। ୯ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଏଠାରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ୨ ମାସ ମଧ୍ୟରେ ୫ଜଣ ଡାକ୍ତର ଡାକ୍ତରଖାନା ଛାଡ଼ିଲେଣି। ସେମାନଙ୍କ ବଦଳରେ ଏଠାରେ ଜଣେ ଡାକ୍ତରଙ୍କୁ ବି ନିଯୁକ୍ତି ଦିଆଯାଇନାହିଁ। ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ୨ ଚୁକ୍ତିଭିତିକ ଜୁନିୟର ଡାକ୍ତରଙ୍କୁ ନେଇ ଡାକ୍ତରଖାନା ପରିଚାଳନା ହେଉଛି। ଡାକ୍ତର ଅଭାବରୁ ସାମାନ୍ୟ ଅସୁସ୍ଥ ରୋଗୀଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପଡୁଛି। ଧର୍ମଶାଳା ଅଞ୍ଚଳର ଏହା ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି ଏତିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅକ୍ଟୋବରରେ ଏଠାକାର ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଧୀର କୁମାର ସାହୁ ମାର୍କଣ୍ଡପୁର ସିଏଚ୍‌ସିକୁ ଡେପୁଟେସନ୍‌ରେ ଯାଇଥିବାବେଳେ ନଭେମ୍ବରରେ ବରିଷ୍ଠ ଡା. ପ୍ରଦୀପ୍ତ କିଶୋର ଜେନାଙ୍କ କଟକ ଜିଲା ମାହାଙ୍ଗା ଡାକ୍ତରଖାନାକୁ ବଦଳି ହୋଇଛି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ସୁଶାନ୍ତ କୁମାର ବେହେରା ଉଚ୍ଚଶିକ୍ଷା(ପିଜି) ପାଇଁ ପୁରୀ ମେଡିକାଲ କଲେଜ୍‌କୁ ଯାଇଛନ୍ତି। ଅନ୍ୟ ୨ ଡାକ୍ତର ଉଚ୍ଚଶିକ୍ଷା ନିମନ୍ତେ ଡାକ୍ତରଖାନା ଛାଡ଼ିଛନ୍ତି। ଡା. ସିଦ୍ଧାର୍ଥ ଶେଖର ମହାପାତ୍ର କଟକ ଏସ୍‌ସିବି ଓ ଡା. ସୁବର୍ଣ୍ଣ ସାହୁ ବ୍ରହ୍ମପୁର ଏମ୍‌କେସିଜିକୁ ଉଚ୍ଚଶିକ୍ଷା(ପିଜି) ପାଇଁ ଯାଇଛନ୍ତି। ଫଳରେ ଏବେ ମାତ୍ର ୩ ଜଣ ଏଠାରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରେ ଡା. ମାନସ ରଞ୍ଜନ ସ୍ୱାଇଁ ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ଅଧିକାଂଶ ସମୟରେ ତାଙ୍କୁ ସିଏଚ୍‌ସିର ବିଭିନ୍ନ ସରକାରୀ ଓ ପ୍ରଶାସନିକ ଦାୟିତ୍ୱ ବୁଝିବାକୁ ପଡୁଥିବାରୁ ରୋଗୀସେବା କରିବା ତାଙ୍କ ଦ୍ୱାରା ସମ୍ଭବ ହୋଇ ନ ଥାଏ। ଜୁନିୟର ଡାକ୍ତର ପଞ୍ଚସିନୀ ନାୟକ ଓ ସ୍ମାରକ ବ୍ରହ୍ମାଙ୍କ ହାତରେ ଏବେ ରୋଗୀସେବା ଦାୟିତ୍ୱ। ଏମାନଙ୍କ ମଧ୍ୟରୁ କିଏ ଛୁଟିରେ ଚାଲିଗଲେ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ। ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଏହି ଡାକ୍ତରଖାନା ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣାରେ ଆହତମାନେ ଏଠାକୁ ଆସିଥାନ୍ତି। ବିଶେଷ କରି ବିଳମ୍ବିତ ରାତି ଓ ସକାଳ ସମୟରେ ଚିକିତ୍ସାସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏଠାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆବଶ୍ୟକ ଡାକ୍ତର ପଦବୀ ପୂରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। ସେ ଯାହାକିଛି ପଦକ୍ଷେପ ନେବେ।

# ୯ରେ ପହଞ୍ଚିବ ହକି ବିଶ୍ୱ କପ୍ ଟ୍ରଫି



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଯାଜପୁର ଜିଲାରେ ସ୍ୱାଗତ ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି**

ଯାଜପୁର ଟାଉନ,୭।୧(ଡି.ଏନ.ଏ.):

ରାଜ୍ୟରେ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ପ୍ରତି ଜିଲାରେ ହକି ବିଶ୍ୱ କପ୍ ଟ୍ରଫି ପରିକ୍ରମା କରୁଛି। ଆସନ୍ତା ୯ ତାରିଖରେ ଏହି ଟ୍ରଫି ଯାଜପୁର ଜିଲାରେ ପହଞ୍ଚିବ। ଏହାର ଭବ୍ୟ ସମ୍ବର୍ଦ୍ଧନା ପାଇଁ ଜିଲା ପ୍ରଶାସନ ତରଫରୁ ଶନିବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ବୈଠକରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ଜିଲାପାଳ କହିଥିଲେ, ୯ ତାରିଖରେ ଭଦ୍ରକ ଜିଲା ପ୍ରଶାସନଠାରୁ ଛତାବରଠାରେ ହକି ବିଶ୍ୱ କପ୍ ଟ୍ରଫି ଗ୍ରହଣ କରାଯାଇ ସେଠାରୁ ବାଳାଶ୍ରମ ପଡିଆକୁ ଅଣାଯିବ। ସେଠାରୁ ସ୍ୱାଗତ ପୂର୍ବକ ଏକ ଭବ୍ୟ ଶୋଭାଯାତ୍ରାରେ ଦେବୀଗଡାଘାଟ, ବଡ଼ବଜାର ଓ ଗାନ୍ଧିଛକଦେଇ କୁସୁମାସ୍ଥିତ କ୍ରିକେଟ ଷ୍ଟାଡିୟମକୁ ନିଆଯିବ। ସେଠାରେ କ୍ରୀଡ଼ାପ୍ରେମୀ ଓ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପ୍ରାୟତଃ ୨ ଘଣ୍ଟା ଟ୍ରଫିକୁ ରଖାଯିବ। ଏହି ସମୟ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୁସୁମାଠାରେ ସ୍ୱାଗତ ଉତ୍ସବ ପରେ ହକି ବିଶ୍ୱ କପ୍ ଟ୍ରଫି ଧର୍ମଶାଳା ବ୍ଲକ୍‌ର ଜାରକା ମହୋତ୍ସବ ପଡ଼ିଆରେ ଅପରାହ୍ନ ୩ଟା୩୦ରେ ପହଞ୍ଚିବ। ସେଠାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାତ୍ରା କରିବ। ଜାନୁୟାରୀ ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ହକି ବିଶ୍ୱ କପ୍ ଟ୍ରଫିର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଓ ଜାନୁୟାରୀ ୧୩ରେ ହେବାକୁ ଥିବା ହକି ବିଶ୍ୱକପ୍ ଉଦ୍‌ଘାଟନୀ ମ୍ୟାଚର ସିଧାପ୍ରସାରଣ ସ୍ଥାନୀୟ ଜିଲା ହକି ଷ୍ଟାଡିୟମରେ ୩ହଜାର ଲୋକ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ଯାଜପୁରର ସମସ୍ତ ଜନସାଧାରଣଙ୍କୁ ଯୋଗଦାନ ପାଇଁ ନିମନ୍ତ୍ରଣ କରାଯାଇଛି।

ଜାନୁୟାରୀ ୨୦ ଓ ୨୧ତାରିଖରେ ଆନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ବ୍ୟାସନଗରଠାରେ ଅନୁଷ୍ଠିତ ହେବ। ଜାନୁୟାରୀ ୨୦, ୨୧ ଓ ୨୨ରେ ଯାଜପୁର ହକି ଫେଷ୍ଟ ଉତ୍ସବ ଓ ପଲ୍ଲିଶ୍ରୀ ମେଳା ବ୍ୟାସନଗର ଚାନ୍ଦମା ପଡିଆରେ କରାଯିବ ବୋଲି ଜିଲାପାଳ କହିଥିଲେ। ହକି ବିଶ୍ୱ କପ୍ ପାଇଁ ସାରା ଜିଲାର ୩୧୧ପଞ୍ଚାୟତରେ ବିଭିନ୍ନ ପ୍ରତିଯୋଗିତା ଜାରି ରହିଛି। ତନ୍ମଧ୍ୟରୁ ଜିଲାସ୍ତରୀୟ ଭଲିବଲ ଓ କବାଡି ପ୍ରତିଯୋଗିତା ଜାନୁୟାରୀ ୨୨ରେ ବ୍ୟାସନଗର ଠାରେ ଅନୁଷ୍ଠିତ ହେବ ବୋଲି ଜିଲାପାଳ ରାଠୋର ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲ୍‌ପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଯାଜପୁର ପୌରାଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତମା ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# କେଡିଏମ୍ କ୍ରିକେଟ: କଣ୍ଟିଗଡ଼ିଆ ବିଜୟୀ

ଧର୍ମଶାଳା/ଚଢ଼େଇଧରା, ୭।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ କଣ୍ଟାମାଳିଆ ଖେଳପଡ଼ିଆରେ ଶନିବାର କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଞ୍ଜିଆ ଟିମ୍‌କୁ ୮୪ ରନରେ ପରାସ୍ତ କରି କଣ୍ଟିଗଡ଼ିଆ ଟିମ ବିଜୟୀ ହୋଇଛି। କଣ୍ଟିଗଡ଼ିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୨୦୭ରନ କରିଥିଲା। ଦଳପକ୍ଷରୁ ଜେ.କେ. ରାୟ ୬୦ ଓ କୈବଲ୍ୟ ଦାସ ୫୦ ରନ କରିଥିଲେ। ତରଞ୍ଜିଆ ଟିମ୍‌ର ନିତ୍ୟାନନ୍ଦ ଦାସ ୩ ଓ ଦୀପ୍ତିରଞ୍ଜନ ବିଶ୍ୱାଳ ୨ ଉଇକେଟ ନେଇଥିଲେ। ଜବାବରେ ତରଞ୍ଜିଆ ଟିମ୍ ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ କରି ପରାଜିତ ହୋଇଥିଲା। ଦଳପକ୍ଷରୁ ଏମ୍.ଜେ. ଚନ୍ଦନ ୨୭ ଓ ପ୍ରଣୟ ସାମଲ ୨୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଟିମ୍‌ର ଶେଖର ଦାସ ୩ ଓ ଅଜିତ କୁମାର ନାୟକ ୨ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ସୁବ୍ରତ ଜେନା ଓ ତ୍ରିଲୋଚନ ଦାସ ପରିଚାଳନା କରିଥିଲେ। କେଡିଏମ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ରବିବାର ଏହି ଖେଳପଡ଼ିଆରେ ୨ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ଗଙ୍ଗାଧରପୁର ଟିମ୍ ଓ ପାଖର ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ କ୍ଷେତ୍ରପାଳ ଓ ହରିଦାସପୁର ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ଛତିଆ ପ୍ରେସ୍ କ୍ଲବ୍ ପକ୍ଷରୁ ବନ୍ଧୁମିଳନ


ବନ୍ଧୁମିଳନରେ ସାମିଲ ହୋଇଥିବା ଖବରଦାତାମାନେ।

ଛତିଆ,୭।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ଛତିଆ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଛତିଆ ପ୍ରେସ୍ କ୍ଲବ ପକ୍ଷରୁ ଛତିଆ ପାନ୍ଥନିବାସ ଠାରେ ଏକ ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖବରଦାତାଙ୍କ ଭିତରେ କିଭଳି ଏକତା ରହିବ ସେ ନେଇ ଆଲୋଚନା ହୋଇଥିଲା। ଭାଇଚାରାରେ କ୍ଲବ ସଭ୍ୟଙ୍କୁ ନେଇ ଆଗକୁ ଅଗ୍ରସର ହେବାକୁ ବରିଷ୍ଠ ଖବରଦାତାମାନେ ମତପ୍ରକାଶ କରିଥିଲେ। କ୍ଲବର ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା ହେବା ସହିତ ତୁରନ୍ତ କ୍ଲବର ପଞ୍ଜୀକରଣ ପାଇଁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ମୋହନ ଖିଲାର, ଜୟକାନ୍ତ ରାଉତ, ଦିଗାମ୍ବର ମହାପାତ୍ର, ହୃଷୀକେଶ ପୃଷ୍ଟି, କାର୍ତ୍ତିକ ରାଉତ, ସୌମ୍ୟରଞ୍ଜନ ସାହୁ, ଚନ୍ଦ୍ରଶେଖର ପୃଷ୍ଟି, କମଳା କାନ୍ତ ପାଲ, ଭଜହରି ପୃଷ୍ଟି, ବ୍ରଜଗୋପାଳ ଦାସ, ଦିଲୀପ ବରାଳ, ଦୀପ୍ତି ରଞ୍ଜନ ସାହୁ, ବେଦ ପ୍ରକାଶ ନାୟକ, ବିଷ୍ଣୁ ଚନ୍ଦ୍ର ସାହୁ ଓ ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶରତ ନାୟକ ଧନ୍ୟବାଦ ଦେଇଥିଲେ।

### ୧୧ରୁ ଧର୍ମଶାଳା ବାଣୀପୀଠ ପ୍ଲାଟିନମ୍ ଜୁବିଲି ଉତ୍ସବ

ଧର୍ମଶାଳା,୭।୧(ଡି.ଏନ.ଏ.):

ଧର୍ମଶାଳା ବାଣୀପୀଠର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୧ତାରିଖରୁ ଦୁଇଦିନ ବ୍ୟାପୀ ପ୍ଲାଟିନମ ଜୁବଲି ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟକ ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗଦେବେ। ୧୧ ତାରିଖ ଅପରାହ୍ନ ୪ଟାରେ ବିଦ୍ୟାଳୟର ଲୋଗୋ ଉଦ୍‌ଘାଟନ ହେବ। ୧୨ ତାରିଖ ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ଓ ଅନ୍ୟ ଅତିଥି ବୃନ୍ଦ ଯୋଗଦେବେ ବୋଲି ପୁରାତନ ଛାତ୍ର ସଂସଦ ତରଫରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଉତ୍ସବରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗ ଦେବା ନିମନ୍ତେ ସଭାପତି ଡା. ବିଜୟ କୁମାର ଶତପଥୀ ନିବେଦନ କରିଛନ୍ତି।

# ପରିବା କ୍ଷେତରେ ନିଆଁ ଲଗାଇଲେ ଦୁର୍ବୃତ୍ତ



କଳିଙ୍ଗନଗର,୭।୧(ଡି.ଏନ.ଏ.):

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଚିଙ୍ଗ୍ରୀ ପଞ୍ଚାୟତର ନୂଆଗାଁ ଗ୍ରାମରେ ପ୍ରାୟ ୯ ଏକର ଜମିରେ ହୋଇଥିବା ବିଭିନ୍ନ କିସମର ପରିବା କ୍ଷେତରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଫଳରେ ସମସ୍ତ ଫସଲ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଫସଲ ଜଳିବା ଦେଖି ସମ୍ପୃକ୍ତ ଚାଷୀ ଓ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏଥିସହିତ ସ୍ଥାନୀୟ ଦମକଳ କେନ୍ଦ୍ର ଓ ଟମକା ପୋଲିସକୁ ଖବର ଦେଇଥିଲେ। ଦମକଳ ବାହାନୀ ପହଞ୍ଚିବାବେଳେକୁ ନିଆଁ ଲିଭି ସାରିଥିଲା। ଏହି ଅଗ୍ନିକାଣ୍ଡରେ ଚାଷୀ ଆତୁଲ ସାହୁ, ସତ୍ୟପ୍ରିୟ ସିଂ, ବ୍ରଜମୋହନ ବାରଜ, ସୁଶାନ୍ତ ସାହୁ, ରାଜା ରାମ ସିଂଙ୍କ ଫସଲ କ୍ଷତି ହୋଇଛି। କ୍ଷତି ହୋଇଥିବା ପରିବାର ମୂଲ୍ୟ ପ୍ରାୟ ୧୦,୦୦୦ ଟଙ୍କା ହେବ ବୋଲି ଚାଷୀମାନେ କହିଛନ୍ତି। ତେଣୁ ଫସଲ ଉଜାଡ଼ିଥିବା ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି। ଟମକା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଏଭଳି ନିଆଁ ଲାଗିବା ଘଟଣା ଦୁଇ ଥର ହେଲାଣି। ତେବେ କିଏ କାହିଁକି ଏପରି ଘଟଣା ଘଟାଇଲେ ତାହାକୁ ନେଇ ପୋଲିସର ଚିନ୍ତା ବଢ଼ିଯାଇଛି।

# ଜାଲ୍ ବିଲ୍‌ରେ ଅର୍ଥ ହରିଲୁଟ

- ପଞ୍ଚାୟତିରାଜ ସଚିବଙ୍କ ନିକଟରେ ଅଭିଯୋଗ
- ଗୋଟିଏ କାର୍ଯ୍ୟାଦେଶରେ ୧୧ ପ୍ରକଳ୍ପ

ଯାଜପୁର ଅଫିସ,୭।୧

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ପୁଣି ଏକ ଦୁର୍ନୀତି ଅଭିଯୋଗ ହୋଇଛି। ବିଭିନ୍ନ ପ୍ରକଳ୍ପ ଶେଷ ହେବା ପରେ ଭେଣ୍ଡରଙ୍କଠାରୁ ସାମଗ୍ରୀ କିଣାଯିବା, ଯନ୍ତ୍ରୀଙ୍କ ଦ୍ୱାରା ବିଲ୍ ପ୍ରସ୍ତୁତ ହେବା ପରେ ସାମଗ୍ରୀ କିଣା ବାବଦ ବିଲ୍ ଦାଖଲ ହେବା, ବିଲ୍‌ରେ ଜିଏସ୍‌ଟି ସମ୍ପର୍କରେ ବିବରଣୀ ନ ଦେବା, ଗୋଟିଏ କାର୍ଯ୍ୟାଦେଶ ନମ୍ବରରେ ୧୧ଟି ପ୍ରକଳ୍ପ ଭଳି ଅନିୟମିତତା କରାଯାଇଛି। ଏହି ବ୍ଲକର ସୟଦପୁର ପଞ୍ଚାୟତରେ ୨୧ଟି ପ୍ରକଳ୍ପରେ ଏପରି ଭାବେ ଜାଲ୍ ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ହରିଲୁଟ ହୋଇଛି। ଏନେଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚ ଅବଦୁଲ କାଦିର ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ତଥ୍ୟ ସଂଗ୍ରହ କରିଛନ୍ତି। ତଦନୁଯାୟୀ ସେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ, ଭିଜିଲାନ୍ସ ନିର୍ଦ୍ଦେଶକ, ଯାଜପୁର ଜିଲାପାଳ, ଜିଲା ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏଭଳି ଭାବେ ହେରଫେର ସାରା ଜିଲାରେ ହେଉଛି ବୋଲି ଅଭିଯୋଗକାରୀ କାଦିର ପ୍ରକାଶ କରିଛନ୍ତି।

ବିଞ୍ଝାରପୁର ବ୍ଲକରେ ୧୯୮୫ଠାରୁ ବର୍ଣ୍ଟନ ହୋଇଥିବା ଆବାସ ଯୋଜନାରେ ୭୦ ପ୍ରତିଶତ ବାସଗୃହ ଗାଏବ ଏବଂ ଜଣେ ଜଣେ ହିତାଧିକାରୀ ଏକାଧିକ ସରକାରୀ ଆବାସ ହାତେଇ ନେଇଥିବା ନେଇ ୨୦୧୭ରେ କାଦିର ଅଭିଯୋଗ କରିଥିଲେ। ଏହାପରେ ଏକ ତଦନ୍ତକାରୀ କମିଟି ଗଠନ କରାଯାଇ ତଦନ୍ତ ହୋଇଥିଲା। ସେତେବେଳେ କେତେକ ମାମଲାକୁ ଚାପି ଦିଆଯାଇଥିବାବେଳେ କେତେଜଣ ହିତାଧିକାରୀ ସରକାରୀ ଅର୍ଥ ଫେରାଇଥିଲେ। ହେଲେ ସମ୍ପୃକ୍ତ ଅଧିକାରୀଙ୍କ ସହ ସଲାସୁତୁରା ଯୋଗୁ ସେମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାର ସୁଯୋଗରେ ଏବେ ଏଫ୍‌ଡିଆର୍(ଫ୍ଲଡ୍ ଡ୍ୟାମେଜ ଆଣ୍ଡ ରେଷ୍ଟୋରେଶନ) ଯୋଜନାରେ ନକଲି ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୟଦପୁର ପଞ୍ଚାୟତ ମୀରମହଲା ଗ୍ରାମ୍ୟ ରାସ୍ତା କଂକ୍ରିଟକରଣ, ଭୋଲା ମହଲା ଗ୍ରାମ୍ୟ ରାସ୍ତା କଂକ୍ରିଟକରଣ, ଅଖୁଣ୍ଡ ମହଲା ଗ୍ରାମ୍ୟରାସ୍ତା, ପୂର୍ତ୍ତ ବିଭାଗ ରାସ୍ତାଠାରୁ ରାଜାହାଉସ୍, ଅଖୁଣ୍ଡ ମହଲା ସଇଦା ଘର ରାସ୍ତା, ପିଏମ୍‌ଜିଏସ୍‌ୱାଇ ରାସ୍ତାଠାରୁ ଭୋଲା ମହଲା, ଫଜିଲା ମହଲା ଗ୍ରାମ୍ୟ ରାସ୍ତା-୧, ଫଜିଲା ମହଲା ଗ୍ରାମ୍ୟରାସ୍ତା -୨, ସର୍ଦାରି ମହଲା ଗ୍ରାମ୍ୟ ରାସ୍ତା, ଅନୱର ଘରଠାରୁ ଚନ୍ଦା ଘର ରାସ୍ତା, ମୀର ମହଲା କୋଟା ଘରଠାରୁ ଜଗୁ ଘର ରାସ୍ତା, ହୁସେନ ମହଲା ରାସ୍ତା, ଅଖୁଣ୍ଡ ସାହି ଗ୍ରାମ୍ୟ ରାସ୍ତା, ପିଏମ୍‌ଜିଏସ୍‌ୱାଇ ରାସ୍ତାଠାରୁ ଅର୍‌ଜୁ ଘର, ନୂର ମହଲା ମଦ୍ରାସା କ୍ଲାସରୁମ୍ ନିର୍ମାଣ, ପଠାନ ମହଲା ମସ୍‌ଜିଦଠାରୁ ସାହାଜାନ ଘର ରାସ୍ତା, ଇଦ୍‌ଗାଠାରୁ ପଠାନ ମୋଲ୍ଲା ଡ୍ରେନ୍ ନିର୍ମାଣ, ଆପାକ ଘରଠାରୁ କାଳିଆ ଘର କଂକ୍ରିଟ ରାସ୍ତା, ଫରୋ ଘରଠାରୁ ଫୁଲଘର ପର୍ଯ୍ୟନ୍ତ ରାସ୍ତା, ସେଣ୍ଟ୍ରାଲ ବ୍ୟାଙ୍କଠାରୁ କବି ବିନ୍ଧାଣି ରାସ୍ତା ନିର୍ମାଣ ସାମଗ୍ରୀ କିଣାରେ ହେରଫେର କରାଯାଇଛି। ପ୍ରକଳ୍ପଗୁଡ଼ିକରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ସମ୍ପୃକ୍ତ ଭେଣ୍ଡରଙ୍କ ଆକାଉଣ୍ଟକୁ ବିଲ୍ ଅନୁଯାୟୀ ସମୁଦାୟ ଟଙ୍କା ପ୍ରଦାନ କରାଯାଇଛି। ସମ୍ପୃକ୍ତ ଯନ୍ତ୍ରୀ ଅଗ୍ରିମ ଭାବେ ବିନା ନିର୍ମାଣ ସାମଗ୍ରୀରେ ରୟାଲ୍‌ଟି ଆକଳନ କରିଛନ୍ତି। ଏହିସବୁ କାରସାଦିରେ ଏକ ର୍‌ୟାକେଟ ସକ୍ରିୟ ଥିବା କାଦିର ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ବିଞ୍ଝାରପୁର ବିଡିଓ ମିନତି ଜଗଦ୍ଦେବଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ କୌଣସି ଅଭିଯୋଗ ସେ ପାଇନାହାନ୍ତି। ଅଭିଯୋଗ ମିଳିଲେ, ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଜନ୍ମେଜୟଙ୍କ ବିଜ୍ଞାନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ**

ଏରସମା,(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ନୂଆଗଡ଼ି ପଞ୍ଚାୟତସ୍ଥିତ ଧୂଆଁସାହି ଗ୍ରାମର ଶାରଳା ଉଚ୍ଚ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ର ଜନ୍ମେଜୟ ଦାସଙ୍କ ବିଜ୍ଞାନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି। ତାଙ୍କ ବିଜ୍ଞାନ ପ୍ରକଳ୍ପ ବ୍ଲକସ୍ତରରୁ ଜିଲା ଓ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛି। ଖୋର୍ଦ୍ଧା ଜିଲାସ୍ଥିତ ବିଜେପି ହାଇ ସ୍କୁଲ ପରିସରରେ ଜାନୁୟାରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଜନ୍ମେଜୟ ପ୍ରଦର୍ଶିତ କରିଥିବା ଟ୍ରାନ୍ସପୋର୍ଟ ଆଣ୍ଡ ଇନୋଭେସନ ଟ୍ରେଡର ସ୍ମାର୍ଟ ବାଇକ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି। ଏନେଇ ଶନିବାର ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଅମ୍ବୁଜ କୁମାର ମହାନ୍ତି,ବିଜ୍ଞାନ ଶିକ୍ଷକ ଶୋବନୀ ସ୍ୱାଇଁ, ବୈଜୟନ୍ତୀ ଦାସ, ପ୍ରଦୀପ୍ତ ସ୍ୱାଇଁ, ପ୍ରଭାତ ବାରିକ, ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ ଜନ୍ମେଜୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ରାଜ୍ୟପାଳଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

**ମାର୍ଶାଘାଇ, ୭।୧ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ । ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ଡ.ନବଘନ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ମଙ୍ଗଳବାର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବେ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଫେସର ବିପିନ ବିହାରୀ ବାରିକ, ଉପସଭାପତି ଅନ୍ନଦା ପ୍ରାସାଦ ତ୍ରିପାଠୀ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ସାମନ୍ତରାୟ, କୋଷାଧ୍ୟକ୍ଷ କୁଳମଣି ବେହେରା, କୃତୀବାସ ସାମଲ, ପ୍ରଧାନ ଶିକ୍ଷକ ନାରାୟଣ ପ୍ରାସାଦ ମନ୍ତ୍ରୀ, ଅନ୍ତର୍ଯ୍ୟାମୀ ନାୟକ, ଶ୍ୟାମ ସୁନ୍ଦର ମିଶ୍ର, ରାମଚନ୍ଦ୍ର ବିଶ୍ୱାଳ ଓ ସୀତାରାମ ମଲ୍ଲିକ ଯୋଗ ଦେଇ ରାଜ୍ୟପାଳଙ୍କ ଗସ୍ତକୁ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

### ମାର୍ଶାଘାଇ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ମାର୍ଶାଘାଇ,୭।୧(ଡି.ଏନ୍.ଏ.):** ଗତ ଦୁଇଦିନ ଧରି ମାର୍ଶାଘାଇ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ବର୍ଗର ଦୌଡ ପ୍ରତିଯୋଗିତା ସହିତ ଉଚ୍ଚ ଡିଆଁ, ଲମ୍ଫ ଡିଆଁ, ବାଧା ଦୌଡ. ଡିସ୍କସ, ସଟ୍‌ପୁଟ ଓ ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର, ଫ୍ୟାନସି ଡ୍ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବାଳକ ବିଭାଗରେ ଧନଞ୍ଜୟ ପ୍ରଧାନ ଓ ବାଳିକା ବିଭାଗରେ ସିଲନ ସାମନ୍ତରାୟ ଚମ୍ପିୟାନ ହୋଇଥିବା ବେଳେ କନିଷ୍ଠ ବାଳକ ବିଭାଗରେ ଜିତେନ୍ଦ୍ର ରାଉତ ଓ ବାଳିକା ବିଭାଗରେ ଲିପ୍ସା ବେହେରା ଚମ୍ପିୟାନ ହୋଇଥିଲେ । ମହାବିଦ୍ୟାଳୟର ଦିବଙ୍ଗତ ଅଧାପକ ପ୍ରହଲ୍ଲାଦ ରାଉତରାୟଙ୍କ ସ୍ମୃତିରେ ଧନଞ୍ଜୟଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶ ଓ ଚରିତ୍ର ଗଠନରେ କ୍ରୀଡ଼ାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । କ୍ରୀଡ଼ା ଶିକ୍ଷକ ଭ୍ରମରବର ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କ୍ରୀଡା ସଂସଦର ଉପଦେଷ୍ଟା ପ୍ରାଧାପକ ବିଜୟ କୁମାର ପାତ୍ର, ନିରୁପମା ରଥ, ବସନ୍ତ କୁମାର ମିଶ୍ର, କାଞ୍ଚନ ସାହୁ, ଖଗେଶ୍ୱର ସାହୁ, ବନିତା ବେହେରା, ଦିଲ୍ଲୀପ କୁମାର ସାହୁ ଓ ଅଧାପକ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଦୋକାନୀଙ୍କ ଦଖଲରେ ଗୋରେଖନାଥ ପୀଠ ରାସ୍ତା

**ରଘୁନାଥପୁର,୭।୧(ଡି.ଏନ୍.ଏ.)**



ଗୋରେଖନାଥ ପୀଠ ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଛି।

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ରାସ୍ତାରେ ଟ୍ରାଫିକ ଜାମ୍ ଉତ୍କଟ ରୂପ ନେଇଛି। ନୂଆବର୍ଷ ଉପଲକ୍ଷେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯାତ୍ରୀଙ୍କ ପୀଠକୁ ଆଗମନ ହେଉଛନ୍ତି। ମାତ୍ର ଦୋକାନୀମାନେ ରାସ୍ତାକୁ ମାଡ଼ିଯାଇଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଛି। ଜଇପୁର ଜଗତ୍‌ସିଂହପୁର ରାସ୍ତାର କେରେକେରା ଛକରୁ ପୀଠର ଦୂରତ୍ୱ ୧ କିମି ଅଟେ। ପୀଠ ପାଚେରିକୁ ଲାଗିଥିବା ରାସ୍ତାର ଅପର ପାର୍ଶ୍ୱରେ କେତେଜଣ ବ୍ୟବସାୟୀ ରାସ୍ତା ଉପରକୁ ମାଡ଼ିଯାଇ ଦୋକାନ ଗୃହ ନିର୍ମାଣ କରିଛନ୍ତି। ଫଳରେ ଅବଶିଷ୍ଟ ରାସ୍ତା ଯାତାୟତ ପାଇଁ ସଂକୀର୍ଣ୍ଣ ହୋଇଯାଇଛି। ଉକ୍ତ ସ୍ଥାନରେ ରାସ୍ତାର ଚଉଡ଼ା ୬୦ କଡ଼ି ଥିବାବେଳେ ପ୍ରାୟ ୨୫ କଡ଼ିରୁ ଉର୍ଦ୍ଧ୍ୱ ସରକାରୀ ରାସ୍ତା ବ୍ୟବସାୟୀଙ୍କ ଜବରଦଖଲରେ ରହିଛି। କିନ୍ତୁ ବ୍ୟବସାୟୀମାନେ ନିଜ ଜାଗାରେ ବ୍ୟବସାୟ କରୁଥିବା କହି ଅଭିଯୋଗକୁ ଏଡ଼ାଇ ଦେଉଛନ୍ତି ବୋଲି ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ଯୁବକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ମାପଚୁପ କରି ସରକାରୀ ରାସ୍ତାକୁ ଉନ୍ମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ଜିଲା ପ୍ରଶାସନ ଓ ତହସିଲଦାରଙ୍କୁ ଅବଗତ କରାଯାଇଛି। ମାତ୍ର ଅଦ୍ୟାବଧି କୌଣସି ସୁଫଳ ମିଳିନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜବରଦଖଲକାରୀ ବ୍ୟକ୍ତି ପୀଠ ସହ ଜଡ଼ିତ ରହୁଥିବାରୁ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଛି ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜାମ୍‌ରେ ଘଣ୍ଟା ଘଣ୍ଟା ଫସି ରହୁଥିବା ଯାତ୍ରୀମାନେ ନିଜର ଅସନ୍ତୋଷ ବ୍ୟକ୍ତକରିବା ସହ ଗମନାଗମନ ବ୍ୟବସ୍ଥାକୁ ସାବଲୀଳ କରିବା ପାଇଁ ପୀଠ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରଦ୍ଧାଳୁଙ୍କ ଗମନାଗମନର ସୁବ୍ୟବସ୍ଥା ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ରମେଶ ମହାନ୍ତି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ରଘୁନାଥପୁର ତହସିଲଦାର ରୂପାଲିକା ଦାଶ କୁହନ୍ତି, ଏହି ରାସ୍ତା ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଛପଡା ସର୍କଲ ଆରଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ।

**ଟ୍ରାଫିକ୍ ଜାମ୍ ଯୋଗୁ ଲୋକେ ଅତିଷ୍ଠ**



ହସ୍ତଶିଳ୍ପ ମେଳାରେ ଏସ୍‌ଏଚ୍‌ଜି ସଦସ୍ୟା ଓ ଅନ୍ୟମାନେ।

## ଇଫ୍‌କୋ ଟାଉନଶିପରେ ଦିନିକିଆ ହସ୍ତଶିଳ୍ପ ମେଳା

**ପାରାଦୀପ,୭।୧(ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ କମ୍ପାନୀ ଟାଉନ୍‌ଶିପରେ ଶନିବାର ସନ୍ଧ୍ୟାରେ ଦିନିକିଆ ହସ୍ତଶିଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ରୁ ଅଧିକ ଷ୍ଟଲରେ ହସ୍ତକଳା ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଇଫକୋର ନିର୍ଦ୍ଦେଶକ କେ.ଜେ. ପଟେଲ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଟେରାକୋଟା, କାଠ ଓ ଏସ୍‌ଏଚଜିମାନଙ୍କ ଦ୍ୱାରା କରାଯାଇଥିବା ଘରକରଣା ସାମଗ୍ରୀ ବିକ୍ରି କରାଯାଇଥିଲା।

## ବେଆଇନ୍ ବାଲି ଉଠାଣକୁ ବିରୋଧ

**କୁଜଙ୍ଗ,୭।୧(ଡି.ଏନ୍.ଏ.)**

କୁଜଙ୍ଗ ତହସିଲ ଅନ୍ତର୍ଗତ କଳଦ୍ୱୀପ ବାଲି ସଇରାତରୁ ପ୍ରତିଦିନ ରାତିରେ ବେଆଇନ୍ ଭାବେ ବାଲି ଚୋରା ଚାଲାଣ ହେଉଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏଥିସହ ବେଆଇନ୍ ନଦୀ ଶଯ୍ୟା ଖନନ ଯୋଗୁ ଚାଷ ଜମି ଓ ଜନବସତି ଉପରେ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବେଆଇନ୍ ବାଲି ଚାଲାଣ ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶନିବାର କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସଙ୍କ ନେତୃତ୍ୱରେ ଦୁଷ୍ମନ୍ତ କୁମାରନାଥ ଶର୍ମା, ଦେବାଶିଷ ମଲ୍ଲିକ, ଦିବ୍ୟସଚୀ ବରାଳ ପ୍ରମୁଖ ଏକ ପ୍ରତିନିଧି ଦଳ ତହସିଲଦାରଙ୍କୁ ଏହି ଦାବିପତ୍ର ଦିଆଯାଇଥିଲା। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆଗାମୀ ଦିନରେ ଯୋରଦାର ଆନ୍ଦୋଳନ କରାଯିବ ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ବଜାର ଏକ ମହିଳା ପରିଶ୍ରାଗାର ନିର୍ମାଣ କରିବାକୁ ଦାବି କରାଯାଇଛି। ଏନେଇ ରାହାମା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ପ୍ରଶନ୍ନ ସ୍ୱାଇଁ ନେତୃତ୍ୱରେ ଅକ୍ଷୟ କୁମାର ଦାସ, ବିଶ୍ୱଜିତ୍ ବେହେରା, ସୂର୍ଯ୍ୟ ନାରାୟଣ ଦାସ, ଚିନ୍ମୟ ପାତ୍ର, ଶଶୀକାନ୍ତ ବରାଳ ପ୍ରମୁଖ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ଦେଇଥିଲେ।

# ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ କ୍ରୀଡ଼ା

**କୁଜଙ୍ଗ,୭।୧ (ଡି.ଏନ୍.ଏ.)**

କ୍ରୀଡ଼ା ମଣିଷକୁ କେବଳ ଶାରିରୀକ ଗଠନରେ ସାହାଯ୍ୟ କରେ ନାହିଁ, ବରଂ ବ୍ୟକ୍ତିତ୍ୱ ପରିପ୍ରକାଶରେ ସହାୟକ ହୁଏ ବୋଲି ଜିଲା ବିଦ୍ୟାଳୟ ସମୁହ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଥିଲେ। ଜଗତ୍‌ସିଂହପୁର ଜିଲା ଶାରିରୀକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନଙ୍କ ଅଧକ୍ଷତାରେ ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ପ୍ରତିଯୋଗୀମାନଙ୍କ ସମାବେଶ ହେବା ସହ ମାର୍ଚ୍ଚ ଫାଷ୍ଟ କରାଯାଇଥିଲା। ମୁଖ୍ୟ ଅତିଥି କ୍ରିଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାପରେ ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ କୁଜଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ପବିତ୍ର କୁମାର କର, ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ସୁଚିତ୍ରା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବ୍ଲକରେ ୩ ଧାନମଣ୍ଡି ଖୋଲିଲା


ତରଜଙ୍ଗା ସମିତିର ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକଙ୍କ ସହ ଅନ୍ୟମାନେ।

**ତିର୍ତ୍ତୋଲ,୭।୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକରେ ପ୍ରଥମ ଦିନରେ ୩ ଧାନମଣ୍ଡି ଖୋଲିଛି। ତିର୍ତ୍ତୋଲ, ତରଜଙ୍ଗା ଓ ବିରିତୋଳ ସେବା ସମବାୟ ସମିତି ପକ୍ଷରୁ ଏହି ମଣ୍ଡି ଖୋଲାଯାଇଛି। ତିର୍ତ୍ତୋଲ କୁମାର ଉତ୍ସବ ସମିତି ପରିସରରେ ଖୋଲିଥିବା ଧାନମଣ୍ଡିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରାଙ୍କ ସମେତ ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ବିଡିଓ ଅଟଳ ବିହାରୀ ସ୍ୱାଇଁ, ସମବାୟ ସମିତି ସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ ସୁଧୀର କୁମାର ଦାସ, କଟକ ସମବାୟ ବ୍ୟାଙ୍କ ପରିଚାଳକ ଫକିର ଚରଣ ସ୍ୱାଇଁ, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ରଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସେହିପରି ତରଜଙ୍ଗା ସେବା ସମବାୟ ସମିତିରେ ଜଗତସିଂହପୁର ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକଙ୍କ ସହ ସମିତି ସଭାପତି ସୁବ୍ରତ ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ସୁଧାଂଶୁ ଶେଖର ପୃଷ୍ଟି, ତପନ ମହାନ୍ତି, ସାରଦା ପ୍ରସନ୍ନ ପୃଷ୍ଟି, ବ୍ଲକ ଅଧକ୍ଷ ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲାପରିଷଦ ଉପାଧକ୍ଷା ମହାନ୍ତି ଓ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ବିରିତୋଳ ସେବା ସମବାୟ ସମିତିରେ ଏମପି ମଲ୍ଲିକଙ୍କ ସମେତ ସମିତି ସଭାପତି ଅଶ୍ୱିନୀ କୁମାର ଦାସ, ଏସ୍‌ସିଓ ସୁଜାତା ମିଶ୍ର, ଯୋଗାଣ ନିରୀକ୍ଷକ ବାବୁଲାଲ ବାରିକ, ସଅଁରା ସରପଞ୍ଚ ବିକ୍ରମ କିଶୋର ସ୍ୱାଇଁ, ବିରିତୋଳର ପୂର୍ବତନ ସମିତିସଭ୍ୟ ବିଜୟ କୁମାର ମହାନ୍ତି, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସକାଳୁ ମେଡିକାଲରେ ପହଞ୍ଚି ସ୍ଥିତି ପରିଖିଲେ ବିଧାୟକ


ବିଧାୟକ ଡାକ୍ତର ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ରାଜନଗର,୭।୧(ଡି.ଏନ.ଏ.)**

ଶନିବାର ସକାଳ ପ୍ରାୟ ୬ ଘଟିକା। ପ୍ରବଳ ଶୀତ ଯୋଗୁ ଦୋକାନ ବଜାର ଖୋଲି ନ ଥିଲା। ରାସ୍ତାଘାଟ ଶୂନଶାନ ଥିଲା। କୁହୁଡି ବି ସକାଳକୁ ଘୋଡାଇ ରଖିଥିଲା। ହେଲେ ହ୍ୟାପ୍‌ପ୍ୟାଣ୍ଟ, ଟିସାର୍ଟ ପିନ୍ଧି ଓ ଚଦର ଘୋଡାଇ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ ରାଜନଗର ବିଧାୟକ ଧ୍ରୁବ ସାହୁ। ତ୍ରିନାଥବଜାରସ୍ଥିତ ପୂର୍ତ୍ତବିଭାଗ ଡାକ ବଙ୍ଗଳାରୁ ଚାଲି ଚାଲି ଆସି ସିଧା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କ ପାଖରେ ପହଁଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଠିକ୍ ଭାବେ ଚିକିତ୍ସା ସେବା ମିଳୁଛି କି ନାହିଁ ପଚାରିଥିଲେ । ବେଡରେ ବେଡସିଟ୍ ଅଛି ନାଁ ନାହିଁ, ମେଡିକାଲ ପରିସର ସଫା ସୁତୁରା ଅଛି କି ନାହିଁ ସେ ସ୍ଥିତି ପରଖିଥିଲେ। ସକାଳୁ ବିଧାୟକ ଆସିଥିବା ଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଅନ୍ୟ ଡାକ୍ତର ଏବଂ କର୍ମଚାରୀମାନେ ବିଧାୟକଙ୍କ ନିକଟରେ ପହଞ୍ଚି ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ୫-ଟି ଉପକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳିବ। ଏଥିପାଇଁ ମେଡିକାଲ ପରିସରରେ କି କାମ ହେବ, ରାସ୍ତା କିପରି ଚଉଡା ହେବ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ସମସ୍ତ ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ କହିଥିଲେ। ବିଧାୟକ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡକାଇ ମେଡିକାଲରେ ଜବରଦଖଲ ଉଚ୍ଛେଦ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ କହିଥିଲେ। ଏହାପରେ ସାନବଡଗୋପାଳପୁର ନିକଟରେ ଓଏସ୍‌ଆରଟିସି ଦ୍ୱାରା ୮କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ବସଷ୍ଟାଣ୍ଡ କାମର ସ୍ଥିତି ପରଖିଥିଲେ। ଏହାପରେ ରାଜନଗର ଜୟଗୁରୁ ମଠ ଠାରୁ ନୂଆ ବାଇପାସ୍ ରୋଡ କାମ କେବେ ସରିବ ଓ ବାଇପାସ୍ ଦେଇ ଗାଡି ଯା'ଆସ କରିବ, ସେ ନେଇ ରାସ୍ତା ବୁଲି ଦେଖିବା ସହ ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିଲେ। ବିଧାୟକ ସହିତ ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ ଓ ରାଜନଗର ସରପଞ୍ଚଙ୍କ ପ୍ରତିନିଧି ରମଣୀ ରଞ୍ଜନ ମହାପାତ୍ର, ବରିଷ୍ଠ ନେତା ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟୁଜିକାଲ ନାଇଟ୍‌ରେ ଝୁମିବେ ଦର୍ଶକ

**ଜଗତ୍‌ସିଂହପୁର ଅଫିସ, ୭।୧**

**ଜିଲା ମହୋତ୍ସବ କଲ୍ଲୋଳ**
■ ଆଧୁନିକ ସାଙ୍ଗକୁ ଗୁଜରାଟୀ, ରାଜସ୍ଥାନୀ, ମଣିପୁରୀ, ପଞ୍ଜାବୀ ନାଚ ଆକର୍ଷଣ ସାଜିବ

କରୋନା ମହାମାରୀ ଯୋଗୁ ୨ ବର୍ଷ କାଳ ଜିଲା ମହୋତ୍ସବ ବନ୍ଦ ରହିଥିଲା। ଏବେ ପରିସ୍ଥିତିରେ ସୁଧାର ଆସିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏହି ମହୋତ୍ସବକୁ ଜାକଜମକରେ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଜାନୁୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ଜିଲା ମହୋତ୍ସବ କଲ୍ଲୋଳ ଆୟୋଜନ କରାଯିବ। ଏହି ଅବସରରେ ହେବାକୁ ଥିବା ମ୍ୟୁଜିକାଲ ନାଇଟ୍‌ରେ ଦର୍ଶକ ଝୁମିବେ। ପ୍ରଥମ ଥର ପାଇଁ ହେଉଥିବା ଏହି ସାଂସ୍କୃତକ କାର୍ଯ୍ୟକ୍ରମରେ ଆଧୁନିକ ସମେତ ଗୁଜରାଟୀ, ରାଜସ୍ଥାନୀ, ମଣିପୁରୀ ପଞ୍ଜାବୀ ଆଦି ରାଜ୍ୟର ନୃତ୍ୟକଳା ପ୍ରଦର୍ଶିତ କରାଯିବ। ଏଥିସହ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା କଳା ପ୍ରଦର୍ଶନୀ ବେଶ୍ ଆକର୍ଷଣ ସୃଷ୍ଟି କରିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ପାରୁଲ ପଟାୱାରୀ ଏହା କହିଛନ୍ତି। ଜିଲାପାଳ କହିଥିଲେ, ମହୋତ୍ସବ ଆସନ୍ତା ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହେବ। ଏଥିସହ ଏକସଙ୍ଗେ ଷ୍ଟାଡିୟମରେ ପୁସ୍ତକ ମେଳା, ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ସୁସ୍ୱାଦୁ ଖାଦ୍ୟମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ଶଙ୍ଖ ଓ ହୁଳହୁଳି ଆଦି ପ୍ରତିଯୋଗିତା କରାଯିବ। ସେଲ୍‌ଫି ଜୋନ ମଧ୍ୟ କରାଯିବ। ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ, ବିଭିନ୍ନ ଜିଲାର ସାଂସ୍କୃତିକ ଦଳଗୁଡିକ ଦ୍ୱାରା ଆଧୁନିକ ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା ଓ ମୟୁରଭଞ୍ଜର ଛଉନୃତ୍ୟ ପରିବେଷିତ ହେବ ଏହାବାଦ୍ ଆନ୍ଧ୍ରପ୍ରଦେଶ, ଆସାମ, ଗୁଜରାଟୀ, ରାଜସ୍ଥାନୀ, ମଣିପୁରୀ, ପଞ୍ଜାବୀମାନଙ୍କ ଲୋକନୃତ୍ୟ ସମେତ କଥକ, ଡ଼ଙ୍ଗରିଆ କନ୍ଧ, ମଣିପୁରୀ, ସମ୍ବଲପୁରୀ, ଗୋଟିପୁଅ, ଲାମ୍ବାଡ଼ି ଓ ପଶୁ ନୃତ୍ୟ ଆଦି ଦେଖିବାକୁ ମିଳିବ । ମ୍ୟୁଜିକାଲ ନାଇଟ୍‌ରେ ଏମ୍‌ଡି ଡ୍ୟାନିସ (ଇଣ୍ଡିଆନ ଆଇଡଲ), ଇଣ୍ଡିଆନ ଆଇଡଲ ରନର୍ସଅପ୍ ଅନନ୍ୟା ଶୀତମ ନନ୍ଦ ଓ ଅମିତ ସାନାଙ୍କ ସମେତ ଅସୀମା ପଣ୍ଡା ଓ ସାଥୀଙ୍କ ପକ୍ଷରୁ ମଧ ସୁମଧୁର ସଙ୍ଗିତ ପରିବେଷିତ ହେବ। ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚନା ଉପସ୍ଥିତ ରହିବେ। କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଦିବସରେ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଶାସନ ସଚିବ, ନିର୍ଦ୍ଦେଶକ ଓ କର୍ପୋରେଟ୍ ହାଉସ ମୁଖ୍ୟମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ କହିଛନ୍ତି ।

# ୧୦ରେ ପୁରୁଷ ହକି ବିଶ୍ୱକପ ଟ୍ରଫିର ଜିଲା ପରିକ୍ରମା

**ଜଗତ୍‌ସିଂହପୁର ଅଫିସ, ୭।୧**

ଜାନୁୟାରୀ ୧୦ରେ ପୁରୁଷ ବିଶ୍ୱକପ ହକି ଟ୍ରଫିର ଜଗତ୍‌ସିଂହପୁର ଜିଲା ପରିକ୍ରମା କରାଯିବ। ଏ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପାରୁଲ ପଟୱାରିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ କ୍ରୀଡା ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ଜିଲାପାଳ କହିଥିଲେ ହକି ଖେଳକୁ ଅଧିକ ଲୋକାଭିମୁଖୀ ତଥା ପ୍ରଚାର ପ୍ରସାର କରିବା ପାଇଁ ବିଶ୍ୱକପ ଟ୍ରଫି ସମଗ୍ର ରାଜ୍ୟର ସବୁ ଜିଲା ପରିକ୍ରମା କରିବାକୁ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ଏହି ଟ୍ରଫି ଜଗତ୍‌ସିଂହପୁର ଜିଲାକୁ ଜାନୁୟାରୀ ୧୦ ଅପରାହ୍ନ ୧ଟାବେଳେ କେନ୍ଦ୍ରାପଡ଼ା ଜିଲାରୁ ଆସିବ। ପ୍ରଥମେ ଭୂତମୁଣ୍ଡେଇଠାରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପାରାଦୀପ, କୁଜଙ୍ଗ ବିଡିଓ ଓ ତହସିଲଦାରଙ୍କ ପକ୍ଷରୁ ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହା ପରେ ତାକୁ ଜଗତ୍‌ସିଂହପୁର ଅଣାଯାଇ ଜଗତ୍‌ସିଂହପୁର ସହରର ଖେରସଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ବାଟରେ ମହିଳା, ବିଦ୍ୟାଳୟ ଛାତ୍ରୀଛାତ୍ର, ଜନସାଧାରଣଙ୍କ ପକ୍ଷରୁ ମାନବ ଶୃଙ୍ଖଳ କରାଯିବ। ଖେରସରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗଣ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ଆଥଲେଟିକ୍ସ, ମହିଳା ସ୍ୱୟଂ ସହାୟକ, ଏନ୍‌ସିସି, ସ୍କାଉଟ ଓ ଗାଇଡ୍, କ୍ରୀଡାବିତ୍, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଯୋଡିଶଙ୍ଖ, ପାଇକ ଆଖଡ଼ା, ଓଲି ଅଂଶଗ୍ରହଣ କରିବେ। ଏହି ଅବସରରେ ଜିଲାପାଳଙ୍କ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଜିଲାର ଖ୍ୟାତିସମ୍ପନ୍ନ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରାଯିବ। ଏହାବାଦ୍ ରଙ୍ଗୋଲି, ବାଲୁକା କଳା, ଏୟାର ବେଲୁନ୍, ଆଲୋକ ସାଜସଜ୍ଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜାନୁୟାରୀ ୧୦ ସକାଳ ୮ଟାରେ କାଦୁଆପଡ଼ାଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୪ବର୍ଷରୁ ଅଧିକ ବର୍ଗର ବାଳକମାନଙ୍କୁ ନେଇ ମିନି ମାରାଥନ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରେ ଟ୍ରଫିକୁ ବିଦାୟ ଦିଆଯିବ। ବିଶ୍ୱକପ ହକିର ଉଦ୍‌ଘାଟନୀ ସନ୍ଧ୍ୟା ଏଲ୍‌ଇଡି ମାଧ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲିଯାତ୍ରା ପଡିଆ, ସମସ୍ତ ପଞ୍ଚାୟତ ଓ ମିଶନ ଶକ୍ତି ଭବନରେ ସିଧା ପ୍ରସାରଣ କରାଯିବ ।


ଖବରଦାତା ସମ୍ମିଳନୀ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟ ଅଧିକାରୀମାନେ।

# ଗୋଡ଼ିପଡ଼ାରେ ଚାଷୀ ମେଳି



ମେଳିରେ ସାମିଲ ହୋଇଥିବା ଚାଷୀ।

- ୧୧ ପଞ୍ଚାୟତର ୧୫ ସୋସାଇଟି ଚାଷୀଙ୍କ ଉଦ୍‌ବେଗ
- ଜିଲାପାଳଙ୍କ ସହ ଫୋନରେ କଥା ହେଲେ
- ମିଲରଙ୍କୁ ଧାନ ବିକ୍ରି ନ କରିବାକୁ ନିଷ୍ପତ୍ତି

**ନୟାଗଡ଼ ଅଫିସ,୭ା୧**

ନୟାଗଡ଼ ଜିଲାରେ ଧାନ କିଣା ଶୁଭାରମ୍ଭର ୧୬ ଦିନ ବିତିବାକୁ ବସିଥିବାବେଳେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରୁନାହାଁନ୍ତି। ସବୁଠାରେ ଗୋଟିଏ ଅଭିଯୋଗ ମିଲରର କଟ୍‌ନୀଛଟ୍‌ନୀ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ୧ କୁଇଣ୍ଟାଲ ଧାନରେ ୮କିଲୋ ୫୦୦ ଗ୍ରାମ ନ କାଟିଲେ ଧାନ କିଣୁନାହାନ୍ତି। ଏହାର ପ୍ରତିବାଦରେ ଗୋଡିପଡ଼ାରେ ଚାଷୀଙ୍କ ମେଳି ଶନିବାର ହୋଇଛି। ଏଥିରେ ଶିଖରପୁର, ବଡ଼ଗୋରଡା, ଆଙ୍ଗିସିଙ୍ଗି, ଡିମିଶର, ଗୋଡିପଡ଼ା, ପଞ୍ଚୁମୁ, ଭାଲିଆଡିହି, ଗୋଲଗାଁ, କଜଳାଇପଲ୍ଲୀ ଆଦି ୧୧ପଞ୍ଚାୟତର ୧୫ ସୋସାଇଟିର ଚାଷୀ ଯୋଗ ଦେଇଥିଲେ। ଚାଷୀମାନେ କହିଥିଲେ ଚଳିତ ବର୍ଷ ଭଲ ଧାନ ହୋଇଛି। ଧାନରେ ବାଲି, ଗୋଡି, ଖରାପ ଧାନ, ପୋକରା, ନ ଥିଲେ ମଧ୍ୟ ୮କେଜି ୫୦୦ ଗ୍ରାମ ଲେଖାଏଁ କାଟିବା ଠିକ୍ ନୁହେଁ। ନିଜର ଲାଭ ପାଇଁ ଚାଷୀ ଉପରେ କଟ୍‌ନୀଛଟ୍‌ନୀର ବୋଝ ଲଦି ଦିଆଯାଇଛି। ଏହାକୁ ନେଇ ମିଲରଙ୍କ ବିରୋଧରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିନ୍ଦା ପ୍ରସ୍ତାବ ଅଣା ଯାଇଛି। ଧାନକିଣାରେ ସ୍ୱଚ୍ଛତା ରକ୍ଷା ପାଇଁ ସମାବେଶସ୍ଥଳରୁ କେତେଜଣ ଚାଷୀ ଜିଲାପାଳଙ୍କ ସହ ଆଲୋଚନା କରି ଧାନକିଣାର ଅବ୍ୟବସ୍ଥା ଓ ମିଲରଙ୍କ ଜୋର୍‌ଜୁଲମର ଉପରେ ଅବଗତ କରାଇଥିଲେ। ଏପରିକି ଚାଷୀ ନେତାମାନେ ଭେଟିବା ପାଇଁ ଜିଲାପାଳଙ୍କୁ ସମୟ ମାଗିଥିଲେ। ୧୦ ତାରିଖ ମଙ୍ଗଳବାର ଚାଷୀମାନଙ୍କୁ ଜିଲାପାଳଙ୍କୁ ଭେଟିବେ ବୋଲି ସମ୍ମତି ଦେଇଛନ୍ତି। ଏନେଇ ଚାଷୀ ପଦ୍ମନାଭ ପୃଷ୍ଟି କୁହନ୍ତି, ଜିଲାପାଳ ଫୋନ ଯୋଗେ କହିଥିଲେ ପ୍ରତି ସମବାୟ ସମିତି ସମ୍ପାଦକ ୨୦୦ କୁଇଣ୍ଟାଲ ଲେଖାଏଁ ଧାନ କିଣନ୍ତୁ। ମିଲର କିପରି ଧାନ ନେବ ସେକଥା ପ୍ରଶାସନ ବୁଝିବ। ଅନ୍ୟପକ୍ଷେ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ୧୧ ପଞ୍ଚାୟତ ସହ ପୁଣି ୯ ପଞ୍ଚାୟତ ସାମିଲ ହୋଇଛନ୍ତି। ଏଥିରେ ରଣପୁର ବ୍ଲକର ଡମସାହି, ରଙ୍କଦେଉଳି, ଶରଣକୁଳ ଜୋନର ଶରଣକୁଳ,ପଞ୍ଚରିଡା ମାନପୁର, ହରିହରପୁର, ଗୋଡିପଲ୍ଲୀ ପରି ପଞ୍ଚାୟତର ଚାଷୀ ସାମିଲ ହୋଇଛନ୍ତି। ୨୦ ପଞ୍ଚାୟତର ସୋସାଇଟିରେ ଆଉ ମିଲରଙ୍କୁ ଧାନ କିଣିବାକୁ ସୁଯୋଗ ଦିଆଯିବନି। ତେବେ ସୋସାଇଟ ଧାନ କିଣିଲେ ବିରୋଧ କରାଯିବନି। ମିଲରଙ୍କୁ ଧାନ କିଣାକୁ ବନ୍ଦ ପାଇଁ ଚାଷୀମାନେ ୨୦ ପଞ୍ଚାୟତ ପରିକ୍ରମା କରି ମିଲରଙ୍କୁ ଧାନ ବିକ୍ରି କରିବାକୁ ମନା କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ମିଲର କଟ୍‌ନୀଛଟ୍‌ନୀର ଜୋର ଜୁଲମ ଇଂରେଜ ଶାସନ ଠାରୁ ବଳି ଯାଇଛି ବୋଲି କହିଛନ୍ତି।

## ଧାନମିଲ୍ ସମ୍ମୁଖରେ ଚାଷୀ କରିବେ ବିକ୍ଷୋଭ

ମିଲର ଧାନ ନ କିଣି ଚାଷୀଙ୍କୁ ଖର୍ଚ୍ଚାନ୍ତ ଓ ହଇରାଣ କରୁଛନ୍ତି । ସେପଟେ ମିଲରଙ୍କୁ ବୁଦ୍ଧି ଶିଖାଇବା ପାଇଁ ଚାଷୀମାନେ ଓଡ଼ଗାଁ ଓ ନୟାଗଡ଼ରେ ୧ଟି ଲେଖାଏ ୨ଟି ଧାନ ମିଲର କାର୍ଯ୍ୟକୁ ବନ୍ଦ କରି ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମିଲର ଧାନ ନ କିଣିଲେ ମିଲରେ ଧାନରୁ ଚାଉଳ କରିବାକୁ ଚାଷୀ ଆଉ ମିଲରଙ୍କୁ ସୁଯୋଗ ଦେବେନି । ଶନିବାର ୨ଟି ଧାନ ମିଲ ସମ୍ମୁଖରେ ବିକ୍ଷୋଭ ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ଧାନ କିଣିବାକୁ ନିଯୁକ୍ତି ପାଇଥିବା ୧୭ଟି ଧାନ ମିଲ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସର ବ୍ଲକ ସଭାପତି ଦିଲ୍ଲୀପ ବିଶୋଇ, ଓଡ଼ଗାଁ ଅଞ୍ଚଳର ଚାଷୀ ଶାନ୍ତନୁ ବିଶୋଇ, ନୟାଗଡ଼ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ରଣଜିତ୍ ଦଳବେହେରା ସୂଚନା ଦେଇଛନ୍ତି । ସେହିପରି କୁରାଳ ପ୍ୟାକ୍ସରେ ମିଲର ଧାନ କିଣିବ କହି ଚାଷୀଙ୍କୁ ୨ ଦିନ ହେଲା ବସାଇ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁରାଳରେ ପହଞ୍ଚି ଚାଷୀଙ୍କ ସହ ଆନ୍ଦୋଳନରେ ସାମିଲ ହୋଇ ଧାନ କିଣିବାକୁ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି ।



ମଣ୍ଡି ସମ୍ମୁଖରେ ଧାନ ଗଦା କରି ଚାଷୀଙ୍କ ବିକ୍ଷୋଭ ।

## ମିଲରଙ୍କୁ ଲଗାମ ପାଇଁ ଡେପ୍ଲୟଡ ହେବେ ୨୦ ମିଲର

ଚାଷୀଙ୍କ ଠାରୁ ଧାନ କିଣିବାକୁ ନୟାଗଡ଼ ଜିଲାରେ ମିଲରଙ୍କ ମନମାନି ବଢୁଥିବାରୁ ରାଜ୍ୟ ସରକାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନୟାଗଡ଼ ଜିଲାରେ ଧାନ କିଣାକୁ ତ୍ୱରାନ୍ୱିତ କରିବାକୁ ୨୦ ଜଣ ମିଲରଙ୍କୁ ନୟାଗଡ଼ ଜିଲାରେ ଡେପ୍ଲୟଡ କରିବାକୁ ସମ୍ବଲପୁର ଜିଲାପାଳଙ୍କୁ ଖାଦ୍ୟ ଯୋଗାଣ ନିଗମ ପରିଚାଳକ ନିର୍ଦ୍ଦେଶକ ଚିଠି ଲେଖିଛନ୍ତି। ଏହାର କପି ନୟାଗଡ଼ ଜିଲା ଯୋଗାଣ ଅଧିକାରୀଙ୍କ ମିଳିଛି। ନୟାଗଡ଼ ଜିଲାର ମିଲରମାନଙ୍କୁ ଲଗାମ ଦେବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏନେଇ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ କୁହନ୍ତି, ରାଜ୍ୟ ସରକାରଙ୍କୁ ପକ୍ଷରୁ ମିଲର ଡେପ୍ଲୟଡ ହେବା ନେଇ ଚିଠି ମିଳିଛି। ଜିଲାରେ ୧୭ ମିଲର ମଧ୍ୟରୁ ୧୫ ମିଲର ଧାନ କିଣିବାକୁ ରାଜି ହୋଇ ଶନିବାର ଠାରୁ ଧାନ କିଣିବା ଆରମ୍ଭ କରିଛନ୍ତି ବୋଲି କହିଛନ୍ତି।

# ଜାନୁୟାରୀରୁ ହେବ କୃଷି ଜନଗଣନା

**ଫୁଲବାଣୀ ଅଫିସ, ୭ା୧**

ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ କୃଷି ଜନଗଣନା ଉପରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପାଟିଲ ଆଶିଷ ଈଶ୍ୱର ଏଥିରେ ଅଧ୍ୟକ୍ଷତା କରିଥିଲେ । କୃଷି ଜନଗଣନା ଦେଶରେ କୃଷି ପରିସଂଖ୍ୟାନ ସଂଗ୍ରହର ବ୍ୟାପକ ବ୍ୟବସ୍ଥାର ଏକ ଅଂଶ । ଦେଶର କୃଷି କ୍ଷେତ୍ରର ଗଠନ ବିଷୟରେ ପରିମାଣିକ ସୂଚନା ସଂଗ୍ରହ ଏବଂ ଉତ୍ପନ୍ନ ପାଇଁ ଏହା ଏକ ବୃହତ୍ ପରିସଂଖ୍ୟାନ କାର୍ଯ୍ୟକ୍ରମ। ଏହାଦ୍ୱାରା ତଳସ୍ତରରୁ କୃଷିର ବିକାଶ ପାଇଁ ନିଷ୍ପତି ନିଆଯାଇପାରିବ। ୨୦୨୧-୨୨ କୃଷି ଗଣନା ପାଇଁ ଆରମ୍ଭ ହୋଇଥିବା ନୂତନ ପଦକ୍ଷେପ ଅନୁସାରେ, ଜାନୁଆରୀରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଏହି ଗଣନା କାର୍ଯ୍ୟରେ ସହଯୋଗ ପାଇଁ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଏଥିରେ ସାମିଲ କରିପାରିବେ ବୋଲି କହିଥିଲେ।

ଯୋଜନା ଉପ ନିର୍ଦ୍ଦେଶକ ଭୀମସେନ ବାର୍ଲା ବୈଠକରେ ଯୋଗଦେଇ ଏହି ଗଣନା କାର୍ଯ୍ୟରେ ଜିଲା ପରିସଂଖ୍ୟାନ ବିଭାଗର କ୍ଷେତ୍ର ସର୍ବେକ୍ଷକ ଓ ନିରୀକ୍ଷକ, ଗ୍ରାମ କୃଷି କର୍ମଚାରୀ ଓ ପରିଦର୍ଶକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ଆଦି କର୍ମଚାରୀମାନେ ସାମିଲ ହେବେ। ସମସ୍ତ ଗଣନାକାରୀଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ପରିସଂଖ୍ୟାନ ବିଭାଗର ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ସୁପରଭାଇଜର୍ ଭାବେ କାର୍ଯ୍ୟ କରିବେ। ଏହି ଗଣନାସମୟରେ ଜମିର ମାଲିକାନା, ଜମିର ଆକାର, ପ୍ରକାର, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ବଡ଼ ଚାଷୀ, ବ୍ୟକ୍ତିଗତ ଜୋତ, ଯୁଗ୍ମ ଯୋତ, ଆନୁଷ୍ଠାନିକ ଯୋତ, କୃଷି ଯନ୍ତ୍ରପାତି ଉପଯୋଗ, ଜୈବିକ ଓ ରାସାୟନିକ ସାର, ଔଷଧ ଆଦିର ବ୍ୟବହାର, ଫସଲ ପ୍ରଣାଳୀ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ ବୋଲି ସୂଚନା ଦେଇଥିଲେ। ଜିଲାର ୨୫୦୪ ଟି ଗ୍ରାମକୁ ସର୍ଭେ କରାଯିବ ଏବଂ ୧୫୬ଜଣ ଗଣନାକାରୀ ଏଥିରେ ନିଯୁକ୍ତ ହେବେ । ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ମଞ୍ଚ ତରଫରୁ କମ୍ବଳ ବଣ୍ଟନ

**ପାରଳାଖେମୁଣ୍ଡି, ୭ା୧ (ଡି.ଏନ୍.ଏ)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଗରିବ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚର ସଭାପତି ଲକ୍ଷ୍ମୀନୃସିଂହ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ରଘୁନାଥ ମହାରଣା, ରାମଚନ୍ଦ୍ର ପାଢ଼ୀ, ଜଗଦୀଶ ଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ପାତ୍ର, ବିଶିକେଶନ ମହାପାତ୍ର, ଲବ ଜେନା, ନିବେଦିତା ରଥ, ବାସନ୍ତୀ ମହାରଣା, ମିନତୀ ନାୟକ ପ୍ରମୁଖ ସଦସ୍ୟ ଓ ସଦସ୍ୟା ସକ୍ରିୟ ଭାବେ ସହଯୋଗ କରିଥିଲେ। ଏମାନେ ସହରର ବିଭିନ୍ନ ସ୍ଥାନ ବୁଲି ଗରିବଙ୍କୁ ଚିହ୍ନଟ କରି ଶୀତ ଦାଉରୁ ରକ୍ଷା ନିମନ୍ତେ କମ୍ବଳ ବଣ୍ଟନ କରିଥିଲେ।




ବରିଷ୍ଠ ନାଗରିକମାନେ କମ୍ବଳ ବଣ୍ଟନ କରୁଛନ୍ତି।

# ବୁଗୁଡ଼ା ବନାଞ୍ଚଳରେ ୧୩ ହାତୀ, ଚିନ୍ତାରେ ଚାଷୀ



ହାତୀ ଉପଦ୍ରବ ଦ୍ୱାରା ନଷ୍ଟ ହୋଇଥିବା ଫସଲ ।

**ବୁଗୁଡା,୭ା୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିନସ୍ଥ ବୁଗୁଡ଼ା ବନାଞ୍ଚଳର ପଞ୍ଚୁଭୁତି ସେକ୍ସନ ଉଦୟପୁର ବିଟ୍ ନିକଟସ୍ଥ କରସିଙ୍ଗି ଗ୍ରାମରେ ଶନିବାର ରାତିରେ ବର୍ଣ୍ଣୁଆ ହାତୀଙ୍କ ଉପଦ୍ରବ ଲାଗି ରହିଥିଲା। ପୂର୍ବରୁ ୭ ଟିକିଆ ହାତୀପଲ ଏହି ଅଞ୍ଚଳର ଚାଷୀଙ୍କର ଅନେକ କ୍ଷୟକ୍ଷତି କରି ଓଡ଼ଗାଁ ବନାଞ୍ଚଳକୁ ଚାଲି ଯାଇଥିଲେ। କିନ୍ତୁ ଗତ ରାତିରେ ଅଚାନକ ୧୩ ଟିକିଆ ହାତୀପଲ ପୁଣି ଥରେ ଫେରି ଆସି କରସିଙ୍ଗି ଗ୍ରାମର ଅନେକ ଚାଷୀଙ୍କ ବିଭିନ୍ନ ପନିପରିବା ସହିତ ଅମଳ ଧାନକୁ ଖାଇ ନଷ୍ଟ କରିଦେଇଛନ୍ତି। ସକାଳୁ ହାତୀଙ୍କ ଉପଦ୍ରବ ଦେଖି ଚାଷୀମାନେ ହତାଶ ହୋଇଯାଇଥିଲେ। ବନପାଳ ପଲ୍ଲବୀ ନନ୍ଦ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ହାତୀଙ୍କ ଉପଦ୍ରବରେ ଗଙ୍ଗାଧର ପ୍ରଧାନଙ୍କ ଖଳାରେ ଥିବା ୩୫ ବସ୍ତା ଧାନକୁ ଖାଇ ନଷ୍ଟ କରିବା ସହ ରମେଶ ଚନ୍ଦ୍ର ବାରିକ, ସମିତା ବାରିକ, ସନ୍ଧ୍ୟା ବାରିକ, ଦେବ ସେଠୀ, ସୁଶାନ୍ତ ସେଠୀଙ୍କ ବ୍ୟାପକ ପନିପରିବା ମଧ୍ୟ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଯଦିଓ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ କିଛି ସହାୟତା ରାଶି ଯୋଗାଉଛନ୍ତି ତାହା ଚାଷୀଙ୍କ ପରିଶ୍ରମ ମୂଲ୍ୟର ସମୁଦ୍ରକୁ ଶଙ୍ଖେ ପାଣି ଭଳି। ଏହି ଅଞ୍ଚଳରେ ବନ୍ୟ ପ୍ରାଣୀଙ୍କ ଦ୍ୱାରା ଚାଷୀଙ୍କ ଅନେକ ପନିପରିବା, ଫସଲ ନଷ୍ଟ ହେଉଥିବା ବେଳେ ବନ ବିଭାଗ ଏହାର ପ୍ରତିକାରରେ ସଫଳ ହୋଇପାରୁନାହିଁ। ବନ ବିଭାଗ ପକ୍ଷରୁ ଜଙ୍ଗଲରେ ରାତ୍ର ପାଟ୍ରୋଲିଂ ଠିକ୍ ଭାବରେ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବୁଗୁଡା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କୁ ପଚାରିବାରେ ଏହାକୁ ଖଣ୍ଡନ କରି ଜଙ୍ଗଲରେ କର୍ମଚାରୀମାନେ ରାତି ପାଟ୍ରୋଲିଂ କରୁଛନ୍ତି। ଗତ ୧୫ ଦିନ ତଳେ ରାତ୍ର ପାଟ୍ରୋଲିଂ କରିବା ସମୟରେ ହାତୀପଲ ହାବୁଡ଼ରେ ପଡ଼ି ବନରକ୍ଷୀ ହୃଷିକେଶ ପାଣିଗ୍ରାହୀ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ବୋଲି ସେ କହିଥିଲେ।

## ଚାଉଳ ବସ୍ତା ବୋହିନେଲେ ହାତୀପଲ

**ଭଞ୍ଜନଗର, ୭ା୧(ଡି.ଏନ୍.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ହାତୀ ଆତଙ୍କ ଦିନକୁଦିନ ବଢିବାରେ ଲାଗିଛି, ଯାହାକୁ ନେଇ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଶୁକ୍ରବାର ରାତିରେ ୧୮ଟି ହାତୀଥିବା ପଲ ନୂଆଗାଁ ଗ୍ରାମର ଚାଷୀ ସୁବଳ ମଲିକଙ୍କ ଘର ଭିତରେ ପଶି ପ୍ରାୟ ୮୦ ବସ୍ତା ଚାଉଳ ବୋହି ନେଇ ଖାଇଦେଇଛନ୍ତି। ଏହି ସମୟରେ ଉକ୍ତ ଘରେ ରହୁଥିବା ଲୋକେ ପ୍ରାଣ ବିକଳରେ ଅନ୍ୟତ୍ର ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। ସେହିଭଳି ଡୁମାକମ୍ପାର ଭାବିନୀ ଶଙ୍କର ପ୍ରସାଦ ମିଶ୍ରଙ୍କ ଅର୍ଦ୍ଧନିର୍ମିତ ଘରକୁ ମଧ୍ୟ ହାତୀପଲ ଭାଙ୍ଗି ଦେଇଛନ୍ତି। ଏହାପୂର୍ବରୁ ଗତ ବୁଧବାର ରାତିରେ କାଳିଆମ୍ବର ଚାଷୀ ମଙ୍ଗୁଳି ନାୟକଙ୍କ ଘର କବାଟ ଭାଙ୍ଗି ହାତୀପଲ ୨୦ ବସ୍ତା ଧାନ ଖାଇ ଦେଇଥିଲେ। ଏଥିସହ ଚାଷୀଙ୍କ ବ୍ୟାପକ ଫସଲ କ୍ଷତି କରୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ କହିଛନ୍ତି କେତେବସ୍ତା ଚାଉଳ ହାତୀ ଖାଇଛନ୍ତି ଚାଷୀ କ୍ଷତିପୂରଣ ଆବେଦନ କଲେ ଜଣାପଡ଼ିବ।



ହାତୀପଲ ଚାଉଳ ଖାଇବା ପରେ ଘର ଦାଣ୍ଡରେ ଫୋପାଡ଼ି ଦେଇଛନ୍ତି।

## ପୋଲିସ କ୍ୱାର୍ଟର୍ସରୁ ଚୋରି ହୋମଗାର୍ଡଙ୍କ ସମେତ ୩ ଗିରଫ

**ଫୁଲବାଣୀ ଅଫିସ, ୭ା୧**

ପୋଲିସ କ୍ୱାର୍ଟର୍ସରୁ ଚୋରି ଅଭିଯୋଗରେ ଜଣେ ହୋମଗାର୍ଡଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆହୁରି ୨ ଜଣଙ୍କ ସମ୍ପୃକ୍ତି ରହିଛି । ଗିରଫ ଯୁବକମାନେ ହେଲେ ସ୍ଥାନୀୟ ନଦୀଖଣ୍ଡି ସାହିର ସାରଙ୍ଗ ମୁଖି (ହୋମ ଗାର୍ଡ), ଶଗଡିଆ ସାହିର ସାମ୍ବା ଓରଫ ସୁବ୍ରତ ମୁଖୀ ଓ ଯୋଗେଶ୍ୱର ନାୟକ । ସନ୍ତୋଷ କୁମାର ପ୍ରଧାନ ଜିଲା ପୋଲିସ କାର୍ଯ୍ୟାଳୟରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଫୁଲବାଣୀରେ କ୍ୱାର୍ଟର୍ସ ପାଇ ରହୁଥିଲେ । ତାଙ୍କ ଭାଇ ମଧ୍ୟ ପୋଲିସରେ ଅଛନ୍ତି ଏବଂ ସେ ବି କ୍ୱାର୍ଟର୍ସରେ ରହୁଛନ୍ତି । ଅଧିକାଂଶ ସମୟରେ ସନ୍ତୋଷ ତାଙ୍କ କ୍ୱାର୍ଟର୍ସ ତାଲା ପକାଇ ଭାଇଙ୍କ ପାଖରେ ରହୁଥିଲେ। ଏହାର ସୁଯୋଗ ନେଇ ସାରଙ୍ଗଙ୍କ ସମେତ ଅନ୍ୟମାନେ ସନ୍ତୋଷଙ୍କ କ୍ୱାର୍ଟର୍ସରୁ ଖଟ, ଫ୍ରିଜ୍, ଟିଭି, ଫ୍ୟାନ, ଆଲେଣା ଆଦି ଚୋରି କରି ନେଇଥିଲେ । ସନ୍ତୋଷ ୫ ତାରିଖରେ କ୍ୱାର୍ଟରକୁ ଆସି ଦେଖିଲା ବେଳକୁ ସବୁ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ଟାଉନ ଥାନାରେ ଏତଲା ଦେବାରୁ ପୋଲିସ ୨/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସାରଙ୍ଗଙ୍କୁ ଧରି ପଚାରାଉଚରା କରିବାରୁ ସବୁ ତଥ୍ୟ ମିଳିଥିଲା। ଏହାପରେ ସୁବ୍ରତ ଏବଂ ଫ୍ରିଜ କିଣିଥିବା ଯୋଗେଶ୍ୱରଙ୍କୁ ଗିରଫ କରାଯାଇଥିଲା ।

## ସଂକ୍ଷେପରେ

### ନିଆଁ ଲାଗି ୧୫ ଏକର ରବି ଫସଲ ନଷ୍ଟ

ପାରଳାଖେମୁଣ୍ଡି, ୭ା୧ (ଡି.ଏନ୍.ଏ): ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ମହାଦେଇପୁର-ଗୋଷାଣି ଗ୍ରାମ ମଧ୍ୟରେ ଥିବା ଚାଷଜମିଗୁଡିକରେ ନିଆଁ ଲାଗି ୧୫ ଏକରରୁ ଉର୍ଦ୍ଧ୍ୱ ରବି ଫସଲ ନଷ୍ଟ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମହାଦେଇପୁର ଗ୍ରାମ ନିକଟରେ ଥିବା ଚାଷ ଜମିରେ ପ୍ରବଳ ନିଆଁ ଲାଗି ଧୂଆଁ ଉଠୁଥିବାର ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଚାଷଜମି ଆଡ଼କୁ ଗଲାବେଳେ ପ୍ରାୟ ୧୫ଏକରରୁ ଉର୍ଦ୍ଧ୍ୱ ଚାଷଜମି ପୋଡିଯାଇଥିବା ଦେଖିବାକୁ ପାଇଥିଲେ। ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଦୁଇଟି ଅଗ୍ନିଶମ ଗାଡି ନିଆଁକୁ ଆୟତ୍ତ କରିବା ପାଇଁ ଆସିଥିଲେ ମଧ୍ୟ ଗୋଟିଏ ମହାଦେଇପୁର-ଗୁରାଣ୍ଡି ଗ୍ରାମ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଟକିଯାଇଥିଲା। ଅନ୍ୟ ଗୋଟିଏ ଦମକଳ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏହି ନିଆଁରେ ବିରି, ମୁଗ, ଛଣି ଚଣା ତଥା ଚଣା ଜାତୀୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାର ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏହା ସହ ବିଭିନ୍ନ ଚାଷ ଜମିରେ ଥିବା ପାଳଗଦା ଏବଂ ଗୋଟିଏ ଚାଷଜମିରେ ଥିବା ଅମଳ ଧାନ ପୋଡ଼ି ପାଉଁଶ ହୋଇଯାଇଛି।

### ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୭ା୧- ଫିରିଙ୍ଗିଆ ଥାନା ପୋଲିସ ଜୋକି ଛକ ନିକଟରେ ଚଢ଼ାଉ କରି ଏକ କାରରୁ ୧୦ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ୫୫୦୦ ଟଙ୍କା ଜବତ କରାଯାଇଛି । ଗିରଫ ଯୁବକମାନେ ହେଲେ ସାରଙ୍ଗଗଡ଼ ଥାନା ଲକେବାଡ଼ିର ସୁନୀଲ ଦିଗାଲ, ସାମୁଏଲ ନାୟକ ଓ ଦିପକ କୁମାର ଦିଗାଲ । ଗଞ୍ଜେଇ ସାରଙ୍ଗଗଡ଼ରୁ ନୟାଗଡ଼ ଚାଲାଣ ହେଉଥିଲା ବୋଲି ଥାନାଧିକାରୀ ତପନ ନାହାକ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ୪/୨୩ରେ ମାମଲା ରୁଜୁ ହୋଇଛି ।

### ନବଜାଗରଣ ବନାମ ଓଡ଼ିଆ ସାହିତ୍ୟ ପାଠଚକ୍ର

ରମ୍ଭା,୭ା୧-ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଏବଂ ପ୍ରାଚୀର ପତ୍ର ଅସ୍ମିତା ଉନ୍ମୋଚିତ ହୋଇଯାଇଛି। ଏଥିସହିତ 'ନବଜାଗରଣ ବନାମ ଓଡ଼ିଆ ସାହିତ୍ୟ' ଶୀର୍ଷକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାରୋହରେ ଅଧକ୍ଷ ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରସାଦ ରାଓ ପୃଷ୍ଟି, ମୁଖ୍ୟବକ୍ତା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ସହକାରୀ ପ୍ରଫେସର ଡ. ପ୍ରଦୋଷ କୁମାର ସ୍ୱାଇଁ, ସମ୍ମାନିତ ବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ରୁଦ୍ର ନାରାୟଣ ମହାପାତ୍ର, ସମୀକ୍ଷକ ପ୍ରାଧାପକ ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା, ଆଲୋଚିକା ଅଧାପିକା ଡ. ଶର୍ମିଷ୍ଠା ମହାପାତ୍ର, ଆଲୋଚକ ଯୁବ ଗବେଷକ କୁନା ଜେନା ପ୍ରମୁଖ ମଞ୍ଚାସିନ ହୋଇ ପାଠଚକ୍ର ନିର୍ବାଚିତ ବିଷୟ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ବିଭାଗୀୟ ଅଧାପିକା ଡ. ସାଗରୀକା ମହାପାତ୍ର, ଅଧାପିକା ମଧୁସ୍ମିତା ମାଝୀ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଭାସ୍କର ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଗୁଣିଗାରେଡ଼ି ଅନ୍ଧବିଶ୍ୱାସ ନେଇ ପୋଲିସର ସଚେତନତା

ପୋଲସରା,୭ା୧(ଡି.ଏନ.ଏ.): ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତର ଆଦିବାସୀ ଅଧୁଷିତ ଅଞ୍ଚଳ ବ୍ରାହ୍ମଣଦେଇ ଗ୍ରାମରେ ଗୁଣିଗାରେଡି ଏବଂ ଅନ୍ଧବିଶ୍ୱାସକୁ ନେଇ କିଛି ବିଶୃଙ୍ଖଳା ସୃଷ୍ଟି ହେଉଥିବା ନେଇ ପୋଲସରା ପୋଲିସ ପାଖରେ ଖବର ପହଞ୍ଚିଥିଲା, ଯାହାକୁ ନେଇ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଶୁକ୍ରବାର ଏକ ସ୍ୱତନ୍ତ୍ର ପୋଲିସ ଟିମ୍‌କୁ ନେଇ ବ୍ରାହ୍ମଣଦେଇ ଗ୍ରାମରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ରୁଘୁନାଥ ଭୂୟାଁ, ଖବରଦାତା ମନୋଜ କୁମାର ଘଡେଇ, ଜ୍ୟୋତିରଞ୍ଜନ ଆଚାରୀ ଓ ଉପସ୍ଥିତ ଥିବା ସମସ୍ତ ମହିଳା ପୁରୁଷମାନଙ୍କୁ ଏକତ୍ରିତ କରି ଏକ ସାଧାରଣ ସଭା ଡକାଇଥିଲେ। ଗୁଣିଗାରେଡି ଏବଂ ଅନ୍ଧବିଶ୍ୱାସ ନେଇ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ଗ୍ରାମ ସଭାରେ ଜଣେ ବୃଦ୍ଧ ବାବନ ଶବର ନିଜର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ହୋଇ ପଡିଥିଲେ। ସରପଞ୍ଚ ରଘୁନାଥ ଭୂୟାଁ ସେହି ବୃଦ୍ଧଙ୍କ ସ୍ୱାସ୍ଥ୍ୟ ସେବାର ସମସ୍ତ ଖର୍ଚ୍ଚ ବହନ କରି ଉତ୍ତମ ଚିକିତ୍ସା ଯୋଗାଇ ଦେବାର ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।



# ରାହା ମାନେ ଖୁସି: ଆଲିଆ

ମୁମ୍ବାଇ

ଝିଅ ରାହାଙ୍କୁ ନେଇ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଖୁବ୍ ରକ୍ଷଣଶୀଳ। ଶନିବାର ଆଲିଆ, ରଣବୀର ଏବଂ ନୀତୁ କପୁର ଗଣମାଧ୍ୟମକୁ ନିଜର ଏକ ସାକ୍ଷାତ୍କାର ଦେଇଥିଲେ। ଏ ଅବସରରେ ଖବରଦାତାଙ୍କୁ ଝିଅ ରାହାଙ୍କ ଫଟୋ ନ ଉଠାଇବାକୁ କହିଥିଲେ ଆଲିଆ। ସ୍ୱାମୀ ରଣବୀର ମଧ୍ୟ ସମାନ ଅନୁରୋଧ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ରଖିଥିଲେ। ଝିଅ ରାହାଙ୍କ ନାଁର ମାନେକୁ ନେଇ ଆଲିଆ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ବଙ୍ଗଳା, ସଂସ୍କୃତ ଏବଂ ଆରବିକ୍‌ରେ ରାହାର ଅର୍ଥ କ'ଣ ତାହା ସେ ନିଜ କ୍ୟାପ୍ସନରେ ଲେଖିଛନ୍ତି। ଫଟୋରେ ରଣବୀରଙ୍କ ସହ ଆଲିଆ ଓ ଝିଅ ରାହା ଥିବାବେଳେ ତିନିଜଣଯାକଙ୍କ ମୁହଁ ବ୍ଲୁର ହୋଇଯାଇଛି। ଏହାଛଡ଼ା ରାହାଙ୍କୁ ଦୁଇ ବର୍ଷ ହେବା ପରେ ତାଙ୍କ ଫଟୋ ପବ୍ଲିକ୍ କରାଯିବ ବୋଲି ଆଲିଆ କହିଛନ୍ତି। ଗତବର୍ଷ ନଭେମ୍ବର ୬ରେ ଆଲିଆ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ।

# ଯାଆଁଳା ଭଉଣୀ: ଜନ୍ମ ବର୍ଷ,ତାରିଖ ଭିନ୍ନ

ୱାଶିଂଟନ



ଯାଆଁଳା ଭଉଣୀ କିନ୍ତୁ ବିଭିନ୍ନ ଦିନ ଏବଂ ବର୍ଷରେ ଜନ୍ମଦିନ, ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏହା ସତ୍ୟ। ବାସ୍ତବରେ, ଆମେରିକାର ଟେକ୍ସାସରେ କାଲୀ ଜୋ ଫ୍ଲାଭଲେନ ନାମକ ଜଣେ ମହିଳା ୩୧ ଡିସେମ୍ବର ୨୦୨୨ ଦିନ ରାତି ୧୧ଟା ୫୫ ରେ ତାଙ୍କର ପ୍ରଥମ କନ୍ୟା ସନ୍ତାନ ଆନି ଜୋଙ୍କୁ ଜନ୍ମ ଦେଇଥିଲେ ଏବଂ ପରେ ୧ ଜାନୁଆରୀ ୨୦୨୩ ମଧ୍ୟରାତ୍ର ୧୨ ଟା ୧ରେ ଦ୍ୱିତୀୟ ଝିଅ ଇଫି ରୋଜଙ୍କୁ ଜନ୍ମ ଦେଇଥିଲେ। ତେବେ ପିଲାମାନେ ଗୋଟିଏ ବର୍ଷରେ ଜନ୍ମ ହେବେ ବୋଲି ଦମ୍ପତି ଭାବିଥିଲେ। ମହିଳା ଜଣକ ଏହି ଖୁସି ଖବର ସହିତ ଫଟୋ ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି। ଟେକ୍ସାସ ହସ୍ପିଟାଲର ଡାକ୍ତରଙ୍କ କହିବାନୁସାରେ, ଏହା ଏକ ଅନନ୍ୟ ଘଟଣା। ପ୍ରାୟ ୨୦ ଲକ୍ଷ ଯାଆଁଳା ଶିଶୁଙ୍କ କ୍ଷେତ୍ରରେ ଏଭଳି ପରିସ୍ଥିତି ଦେଖାଯାଇଥାଏ। ଗତ ବର୍ଷ କାଲିଫର୍ନିଆରେ ମଧ୍ୟ ସମାନ ମାମଲା ସାମ୍ନାକୁ ଆସିଥିଲା। ଫାତିମା ମାଡ୍ରିଗାଲ ୧୫ ମିନିଟର ବ୍ୟବଧାନରେ ଦୁଇଟି ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଜଣଙ୍କର ନାମ ଆଲିନ ଯିଏ ୩୧ ଡିସେମ୍ବର ୨୦୨୧ ରେ ଜନ୍ମ ହୋଇଥିବା ବେଳେ ଅନ୍ୟଜଣଙ୍କ ଚାଉକର ଯିଏ ୧ ଜାନୁୟାରୀ ୨୦୨୩ ରେ ଜନ୍ମ ହୋଇଥିଲେ।

# ଶୁଟିଂବେଳେ ରୋହିତ ଆହତ



**ମୁମ୍ବାଇ:** ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟି ତାଙ୍କ ଅପକମିଂ ୱେବ ସିରିଜ 'ଇଣ୍ଡିଆନ ପୋଲିସ ଫୋର୍ସ'ର ଶୁଟିଂ ସମୟରେ ଆହତ ହୋଇଛନ୍ତି। ତାଙ୍କ ହାତରେ ଆଘାତ ଲାଗିଛି। ସେ ହାଇଦ୍ରାବାଦର କାମିନେନି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେଠାରେ ତାଙ୍କର ମାଇନର ସର୍ଜରୀ ହୋଇଛି, ଏବେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରି ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାମୋଜି ରାଓ ଷ୍ଟୁଡିଓରେ ୱେବ ସିରିଜ ଇଣ୍ଡିଆନ ପୋଲିସ ଫୋର୍ସର ଶୁଟିଂ ଚାଲିଥିଲା । ରୋହିତ ଏକ କାର ଚେଜ ସିକ୍ୱେନ୍ସର ଶୁଟ କରୁଥିଲେ ଏହି ସମୟରେ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ଏହିଖବର ପାଇବା ପରେ ପ୍ରଶଂସକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ, ଇଣ୍ଡିଆନ ପୋଲିସ ଫୋର୍ସ ରୋହିତ ସେଟ୍ଟିଙ୍କ ମୋଷ୍ଟ ଆୱେଟେଡ ସିରିଜ ମଧ୍ୟରୁ ଗୋଟିଏ। ରୋହିତ ସେଟ୍ଟିଙ୍କ ୱେବ ସିରିଜ 'ଇଣ୍ଡିଆନ ପୋଲିସ ଫୋର୍ସ' ଆମାଜନ ପ୍ରାଇମ ଭିଡିଓରେ ରିଲିଜ ହେବ। ଏଥିରେ ସିଦ୍ଧାର୍ଥ ମାଲହୋତ୍ରା ଲିଡ ରୋଲରେ ନଜର ଆସିବେ।

# ଆଗ ଚକ ନ ଥିବା ଟ୍ରକ୍



**ଲକ୍ଷ୍ନୌ:** ଚକାବିହୀନ ଟ୍ରକ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାରିତ ହେବାରେ ଲାଗିଛି। ଆଗଚକା ନ ଥିବା ଏକ ଟ୍ରକ୍ ଜଣେ ଡ୍ରାଇଭର ଖୁବ୍ ଜୋର୍‌ରେ ହାଇୱେରେ ଗଲାଉଥିବା ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଗଚକା ନ ଥିବା ଗାଡ଼ି ଚଲାଇବା ଏକ ପ୍ରକାର ଅସମ୍ଭବ ହୋଇଥିବାବେଳେ ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି ନିଶ୍ଚୟ। ଭାଇରାଲ ହୋଇଥିବା ଭିଡିଓକୁ ଦେଖି ଲୋକେ ଏଣ୍ଟରଟେନ୍ ହେବା ସହ ବହୁ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। ଜଣେ ୟୁଜର ଡ୍ରାଇଭରଙ୍କ ଏ ପ୍ରକାର ଟ୍ୟାଲେଣ୍ଟକୁ ପ୍ରଶଂସା କରିଥିବାବେଳେ ଆଉଜଣେ ଲେଖିଛନ୍ତି ଏ ପ୍ରକାର ଘଟଣା କେବଳ ଭାରତରେ ହିଁ ସମ୍ଭବ। ଭିଡିଓଟିକୁ ୫ ନିୟୁତ ଲୋକ ଦେଖିସାରିବା ସହ ୫ ଲକ୍ଷ ଲୋକ ଲାଇକ୍ କରିଛନ୍ତି।

ନିକଟରେ ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା, ଯେଉଁଥିରେ ଜଣେ ବସ୍ ଡ୍ରାଇଭର୍ ରାସ୍ତା ମଝିରେ ଗାଡ଼ି ରଖି ଚା' ଆଣିବାକୁ ଯାଇଥିଲେ। ଫଳରେ ରାସ୍ତାରେ କିଛି ସମୟ ଟ୍ରାଫିକ୍ ଜାମ୍ ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥିଲା।

# ୱାର୍‌ଗେମ୍ସରେ ମହିଳା ପାଇଲଟ ଅବନୀ



ନୂଆଦିଲ୍ଲୀ

ଜାପାନରେ ଆରମ୍ଭ ହେବାକୁ ଥିବା ଏରିଅଲ୍ ୱାର୍‌ଗେମ୍ସରେ ପ୍ରଥମ କରି ମହିଳା ଆଇଏଏଫ୍ ଫାଇଟର ପାଇଲଟ ଅବନୀ ଚତୁର୍ବେଦୀ ସାମିଲ ହେବାକୁ ଯାଉଛନ୍ତି। ଭାରତର ପ୍ରଥମ ତିନି ମହିଳା ଫାଇଟର ପାଇଲଟ୍‌ଙ୍କ ମଧ୍ୟରେ ଥିବା ଅବନୀ ଶନିବାର ଜାପାନ ଅଭିମୁଖେ ବାହାରିଛନ୍ତି। ସ୍କ୍ୱାଡ୍ରୋନ୍ ଲିଡର୍ ଅବନୀ ସୁ-୩୦ ଏମ୍‌କେଆଇ ପାଇଲଟ୍। ବିଦେଶର ବହୁ ପାଇଲଟ ଏଥିରେ ଯୋଗଦେବାକୁ ଥିବାବେଳେ ଫ୍ରାନ୍ସର ଦୁଇ ମହିଳା ଫାଇଟର ପାଇଲଟ୍ ମଧ୍ୟ ଏହି ୱାର୍‌ଗେମ୍ସରେ ଅଂଶଗ୍ରହଣ କରିବେ। ବୀର ଗାର୍ଡିଆନ୍ ୨୦୨୩ ୱାର୍‌ଗେମ୍ସ ଆସନ୍ତା ୧୬ରୁ ୨୬ ପର୍ଯ୍ୟନ୍ତ ଜାପାନର ହାଇଆକୁରି ଏୟାରବେସ୍, ଓମିତମା ଏୟାରସ୍ପେସ୍ ଏବଂ ଇରୁମା ଏୟାରବେସ୍‌ରେ କରାଯିବ।

# ୧୦୦ ଦିନ ପୂରଣ କଲା 'କାନ୍ତାରା'

**ମୁମ୍ବାଇ:** ୨୦୨୨ରେ ଫିଲ୍ମ 'କାନ୍ତାରା' ଦର୍ଶକଙ୍କ ହୃଦୟକୁ ଛୁଇଁଯାଇଛି। ଫିଲ୍ମଟି ବ୍ଲକବଷ୍ଟର ତାଲିକାରେ ଆଉ ଏକ ଗୌରବ ଯୋଡ଼ିଛି, ଯାହା ଭାରତର ହୃଦୟରୁ 'କାନ୍ତାରା' ଆକର୍ଷଣୀୟ ହୋଇଛି। ଏହି ଫିଲ୍ମଟି ପ୍ରଥମ ଦିନରୁ ହିଁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ୨୦ ସେପ୍ଟେମ୍ବରରେ ରିଲିଜ ହୋଇଥିବା ଏହି ଫିଲ୍ମ ଆଜି ୧୦୦ ଦିନ ପୂରଣ କରିଛି। ହୋମ୍ବେଲ ଫିଲ୍ମସ ପକ୍ଷରୁ ଇତିହାସରେ ଏହି ବିଶେଷ ଦିନ ପାଳନ କରି ସୋସିଆଲ ମିଡିଆରେ ଫିଲ୍ମର ୧୦୦ ଦିନର ପୋଷ୍ଟର ସହିତ ଏକ ନୋଟ ଶେୟାର କରି କ୍ୟାପଶନ ଲେଖାଯାଇଛି, 'ଡିଭାଇନ ବ୍ଲକ୍‌ବଷ୍ଟର 'କାନ୍ତାରା'ର ୧୦୦ ଦିନ ପାଳନ କରିବା, ଏହା ଏମିତି ଏକ ଫିଲ୍ମ;ଯାହାକୁ ଆମେ ସବୁବେଳେ ମନେ ରଖିବୁ, ଯାହା ଆମକୁ ପୁନର୍ବାର ଆମ ମୂଳକୁ ନେଇଗଲା ଏବଂ ଆମ ପରମ୍ପରା ବିଷୟରେ ଆମକୁ ଆଶ୍ଚର୍ଯ୍ୟ କଲା। 'କାନ୍ତାରା' ୨୦୨୨ରେ ଖାଲି ଯେ, ସାଧାରଣ ଦର୍ଶକଙ୍କ ମନୋରଞ୍ଜନ କରିଥିଲା ତାହା ନୁହେଁ, ଏହି ଫିଲ୍ମ କ୍ରିକେଟରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରଣାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଛୁଇଁ ଯାଇଥିଲା। ଫିଲ୍ମକୁ ସମସ୍ତଙ୍କର ସମର୍ଥନ ଥିଲା। ଫିଲ୍ମଟି ଓଟିଟିରେ ରିଲିଜ ହେବା ପରେ ଏବେ ପ୍ରେକ୍ଷାଳୟରେ ଚାଲିଛି। ଯାହାକୁ ଦର୍ଶକେ ଦେଖୁଛନ୍ତି। ମୋଟ ଉପରେ କହିବାକୁ ଗଲେ ଏହି ଫିଲ୍ମର କ୍ରେଜ ଏବେ ବି କମିନାହିଁ।

## TENDER NOTICE

No. MM-402: Sealed tenders are invited from intending purchasers for sale of confiscated vehicles of the following description on "as is where is basis". The vehicles are presently available at the place noted against each. The sealed tenders in prescribed proforma should be submitted in O/o. the D.F.O., Cuttack Forest Division on or before 20.01.2023 upto 05.00 P.M. and will be opened on the same day at 06.00 P.M. in presence of the tenderers or their authorized representatives.
The tender papers alongwith the terms and conditions can be obtained on payment of Rs.50/- (Rupees fifty) only from the O/o. the D.F.O., Cuttack Forest Division on any working day during the office hours (10.00 A.M. to 5.30 P.M.) from the date of publication of the tender notice.
The undersigned reserves all the rights to accept or reject any or all tender papers without assigning any reason thereof.

| Sl. No. | O.R. Case No. & Year | Type of Vehicle | Vehicle Bearing Regd. No. | Campus where the Vehicle is available |
|---|---|---|---|---|
| 1 | 2 | 3 | 4 | 5 |
| 1 | O.R. Case No. 149JR of 2005-06 | TATA 207 DI | Chassis No. 374463 | Forest Rest House Campus, Jajpur Road |
| 2 | O.R. Case No. 209JR of 2009-10 | Mahindra Savari | OR-22C-5743 | Forest Rest House Campus, Jajpur Road |
| 3 | O.R. Case No. 56JR of 2010-11 | TATA Sumo | Chassis No. 385003ASQ400325 | Forest Rest House Campus, Jajpur Road |
| 4 | O.R. Case No. 85JR of 2010-11 | Truck | OR-09H-1081 | Forest Rest House Campus, Jajpur Road |
| 5 | O.R. Case No. 21JR of 2010-11 | Mahindra Pick up | OR-09H-1081 | Forest Rest House Campus, Jajpur Road |
| 6 | O.R. Case No. 38JR of 2012-13 | Truck | OR-09C-6793 | Forest Rest House Campus, Jajpur Road |
| 7 | O.R. Case No. 13JR of 2017-18 | Mahindra Bolero | OD-04F-6764 | Forest Rest House Campus, Jajpur Road |
| 8 | U.D. Case No. 6JR of 2007-08 | Bolero DI Turbo | OR-02AH-2807 | Forest Rest House Campus, Jajpur Road |
| 9 | O.R. Case No. 87JR of 2007-08 | TATA 207 DI | OR-09-E-0924 (Fake Regd. No.) Chassis No. 478011JSZ936131 | Forest Rest House Campus, Jajpur Road |
| 10 | O.R. Case No. 399JR of 2007-08 | Kawasaki Boxer | OR-04C-5681 | Forest Rest House Campus, Jajpur Road |
| 11 | O.R. Case No. 240JR of 2007-08 | TATA ACE | OR-05W-8734 | Forest Rest House Campus, Jajpur Road |
| 12 | O.R. Case No. 24JR of 2009-10 | Bolero | OR-02-AV-0453 (Fake Regd. No.) Engine No. GA74K83584 | Forest Rest House Campus, Jajpur Road |
| 13 | O.R. Case No. 35JR of 2009-10 | Ambassador Car | ORX-7492 | Forest Rest House Campus, Jajpur Road |
| 14 | O.R. Case No. 29JR of 2011-12 | TATA 407 Mini Truck | OR-04-9328 | Forest Rest House Campus, Jajpur Road |
| 15 | O.R. Case No. 59JR of 2011-12 | TATA 407 Turbo | ORY-4742 | Forest Rest House Campus, Jajpur Road |
| 16 | O.R. Case No. 61JR of 2011-12 | TATA 407 Mini Truck | OR-09B-2143 | Forest Rest House Campus, Jajpur Road |
| 17 | O.R. Case No. 63JR of 2011-12 | Ambassador Car | OSX-5605 | Forest Rest House Campus, Jajpur Road |
| 18 | O.R. Case No. 26JR of 2013-14 | Mahindra Maximo | OD-04-3894 | Forest Rest House Campus, Jajpur Road |

**Sd./- Conservator of Forests**
**I/c Cuttack Forest Division**
**OIPR-08025/11/0011/2223**

GOVERNMENT OF ODISHA No. A-987
## DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### DEO HEAD WORKS DIVISION, KARANJIA
At/P.O.: Karanjia, Dist.: Mayurbhanj - 757037, e-mail: eedhwd@gmail.com
**"e" Procurement Notice No. 04/SEDHWD of 2022-23**
**Bid Identification No. 04/SEDHWD of 2022-23**

Type of Work : Building, Drain and CC Road
Total No. of Packages : 03 (Three) Nos. of Individual Work
Estimated Cost of Package : Rs.61.46 lakh, 71.66 lakh, 60.91 lakh
Period of Completion : 03 (Three) Calendar Months
Class of Contractor : "B" Class
Other Details :

| Procurement Officer | Bid-Identification No. | Availability of Tender Online for Bidding | | Date & Time of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Deo Head Works Division, Karanjia | 04/SEDHWD of 2022-23 (Online) | 10.01.2023 at 10.00 A.M. | 24.01.2023 upto 05.00 P.M. | 25.01.2023 at 11.30 A.M. |

Further details can be seen from the Govt. website **www.tendersorissa.gov.in**.
Any addendum/corrigendum/cancellation of tender can also be seen in the said website.
**Sd./- Superintending Engineer**
**OIPR-32248/11/0005/2223 Deo Head Works Division, Karanjia**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
**(ZILLA SWASTHYA SAMITI, KEONJHAR)**
**Advt. Lt. No.: 142** **Date: 06.01.2023**
## OBJECTIONS INVITED
No. E-808: With reference to this office Advt. Letter No. 12112 Dt.13.10.2022 which was published in Odia daily Newspaper i.e. "Dharitri" & "Sambad" on Dtd.15.10.2022, the details list of candidates applied for the post of Accountant-cum-DEO, Data Assistant-cum-Accountant, Social Worker-DEIC & Clinical Psychologist under NHM of Keonjhar district is available in the district NIC website i.e. **www.kendujhar.nic.in** in Recruitment page. Candidates are requested to verify the database of their candidature relating to the database only and requested to submit objections relating to the database if any for the above post and the objection must be reached in the Office of CDM & PHO-cum-DMD, Keonjhar - 758001 by Dtd. 17.01.2023 till 5.00 P.M. The objections shall be sent through Speed Post/Regd. Post/Courier only in a closed envelope (superscribing top of the envelope **"Objection for the post of .......................... under NHM, Keonjhar"**). No further objections shall not be entertained after the due date.
**Sd./- Chief District Medical &**
**Public Health Officer, Keonjhar**
**OIPR-10033/11/0030/2223**

## ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା
### ପ୍ରବେଶ ପରୀକ୍ଷା ବିଜ୍ଞାପନ
୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶ ପରୀକ୍ଷା ୨୯।୦୪।୨୦୨୩ ତାରିଖରେ ବ୍ଲକ ସ୍ତରରେ ଅନୁଷ୍ଠିତ ହେବ। ୫ମ ଶ୍ରେଣୀରେ ପଢୁଥିବା ପ୍ରାର୍ଥୀମାନେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହାୟତାରେ ଆବେଦନ ପତ୍ର ପୂରଣ କରିପାରିବେ। ଆବେଦନ କରିବାର ଶେଷ ତାରିଖ: ୩୧।୦୧।୨୦୨୩। ଏହି ଲିଙ୍କ **https://cbseitms.rcil.gov.in/nvs/Index/Registration** ମାଧ୍ୟମରେ ଆବେଦନ କରନ୍ତୁ।
**ସ୍ୱା./- ଅଧ୍ୟକ୍ଷ**
**ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୪୩୩ ତା:୩୧।୧୨।୨୨
### ବିଜ୍ଞାପନ
No. CAD-4397: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପର୍ଯ୍ୟାୟ-୬ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଭି.ଆଇ.ଏମ୍-୬୨୩ (VIM-623) ଟିକୁ ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ପିତା: ୰ଲକ୍ଷ୍ମୀଧର ଷଡ଼ଙ୍ଗୀ, ସା: ଯୋହଳ, ପୋ.: ପାହାଳ, ଥା.: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ କ୍ଷିତିଶ୍ ରଞ୍ଜନ ଷଡ଼ଙ୍ଗୀ, ପିତା: ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ସା: ଯୋହଳ, ପୋ: ପାହାଳ, ଥା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**OIPR-13030/11/0520/2223** **ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୪୩୧ ତା:୩୦।୧୨।୨୨
### ବିଜ୍ଞାପନ
No. CAD-4393: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏଚ୍.ଆଇ.ଜି.-୧-୧୭ (HIG-1-17) ଟିକୁ ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ, ପିତା: ମୃତ୍ୟୁଞ୍ଜୟ ସାମନ୍ତରାୟ, ସା: ଗୁଡ଼ିଆପଲ୍ଲୀ, ପୋ.: ବୁଧମ୍ବା, ଥା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଜେନା ବ୍ରଦର୍ସ ଇନ୍‌ଫ୍ରାଷ୍ଟ୍ରକଚର ପ୍ରା.ଲି଼ଃ.ଙ୍କ ତରଫରୁ ପ୍ରତିନିଧି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଜେନା, ପିତା: ଭଜନି ଜେନା, ସା: ଏମ୍.ଆଇ.ଜି.-୨-୩୨୦, ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭ, ଆଇଗିଣିଆ, ପୋ: ଆଇଗିଣିଆ, ଥା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**OIPR-13030/11/0516/2223** **ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

No.i-320
## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶପଲ୍ଲା
### ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:-

| କ୍ର. ନଂ. | ଗ୍ରା.ପ.ର ନାମ | PMAY - G (9 Days) | | MGNREGS (7 Days) | | ଗ୍ରାମସଭା ତାରିଖ | ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୦୧ | ବାଣିଗୋଛା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୨ | ଡିହଗାଁ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୩ | ମଧ୍ୟଖଣ୍ଡ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୪ | ଖମାରସାହି | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୫ | ସରିଗଣ୍ଡା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୬ | ନୂଆଗାଁ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୭ | କୁଜାମେଣ୍ଢି | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୮ | କଳସାଖମଣ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୯ | ଟାକରା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୦ | କୁଲୁରୁକୁମ୍ପା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୧ | ନଛିପୁର | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୨ | ଚଢ଼େୟାପଲ୍ଲୀ | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୩ | ତେଣ୍ତାବାଡ଼ି | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୪ | ଘୁଗୁଡ଼ିପଡ଼ା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୫ | ପୋଖରୀଗୋଛା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୬ | ଡୁମାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୭ | ଶିମିଳିସାହି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୮ | ଦୁଢ଼ା | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୯ | ଘୋଳାହାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୨୦ | ଭୋଗବାଡ଼ି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |

OIPR-19119/11/0004/2223 **ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶପଲ୍ଲା**



# ନବଦିଗନ୍ତ


ଅଭିଲାଷ


ରାକେଶ



**ନୂଆବର୍ଷ ଆରମ୍ଭ ସହିତ ମନରେ ବି ଅସୁମାରି ସ୍ୱପ୍ନ। ସଫଳ କ୍ୟାରିୟର ଗଢ଼ି ନିଜକୁ ରୋଜଗାରକ୍ଷମ କରିବାକୁ ଏକ ନୂଆ ସଂକଳ୍ପ। ଆଉ ଏହା ସେହିମାନଙ୍କ କ୍ଷେତ୍ରରେ ସାକାର ହୁଏ ଯାହା ପାଖରେ ଥାଏ ଗଭୀର ନିଷ୍ଠା, ଦୃଢ଼ ମନୋବଳ ଓ ଅବିରତ ପ୍ରଚେଷ୍ଟା। ତେବେ ନିଜ ଉଦ୍ୟମ ବଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଯୁବସମାଜ ପାଇଁ ପ୍ରେରଣା ସାଜିଥିବା କେତେଜଣ ଯୁବ ଉଦ୍ୟୋଗୀଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...**

ରୋଜଗାରକ୍ଷମ ହେବାକୁ କିଏବା ନ ଚାହେଁ! ହେଲେ ଅଧିକ ପାଠ ପଢ଼ି ଭଲ ଚାକିରି କରିବା ହିଁ ଯୁବପିଢ଼ିଙ୍କ ପାଇଁ ରୋଜଗାର କରିବାର ଏକମାତ୍ର ବଳିଷ୍ଠ ମାଧ୍ୟମ ; ଏହାକୁ ନେଇ ଅନେକଙ୍କ ମନରେ ଥିବା ଭାବନାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି ସେମାନେ। ଆଉ ନିଜ ଉଦ୍ୟମ ବଳରେ ରୁଚି ରଖୁଥିବା ବିଭିନ୍ନ ଦିଗରେ ସଫଳତା ସାଉଁଟି ସେମାନେ ସାଜିଛନ୍ତି ଯୁବସମାଜ ପାଇଁ ପ୍ରେରଣା। ଖାଲି ଏତିକି ନୁହେଁ, ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ ହେବାର ଦେଇଛନ୍ତି ସୁଯୋଗ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ...

## ଉଦ୍ୟମ ହିଁ ସଫଳତାର ଚାବିକାଠି

ସୁନ୍ଦର ତଥା ଆକର୍ଷଣୀୟ ହୋମ୍ ଡିଜାଇନ୍ କରିବାରେ ରହିଛି ତାଙ୍କର ବିଶେଷ ଦକ୍ଷତା। ଯେଉଁଥିପାଇଁ ସେ ଖୁବ୍ କମ୍ ବୟସରୁ ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ହୋଇପାରିଛନ୍ତି ସକ୍ଷମ। ସେ ହେଉଛନ୍ତି କଟକ ବାସିନ୍ଦା ରଞ୍ଜିତା ମହାପାତ୍ର ଏବଂ ବରୁଣ କୁମାର ପତିଙ୍କ ପୁଅ ଅଭିଲାଷ। ମାତ୍ର ୧୫ ବର୍ଷ ବୟସରୁ ସେ ନିଜ ଫ୍ୟାମିଲି ବିଜନେସ୍‌ରେ ଯୋଗଦେବାକୁ ମନ ବଳାଇଥିଲେ। ଗ୍ରାଜୁଏଶନ୍ ପଢ଼ା ପରେ ସେ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ହେଲେ ନିଜର ନୂଆ ଘର ତିଆରି ହେବା ବେଳେ ସେ ଏହାର ଉଭୟ ଆଉଟର ଏବଂ ଇଣ୍ଟେରିଅର ଡିଜାଇନ୍ ପ୍ରସ୍ତୁତ କରିଥିଲେ, ଯାହାକି ସମ୍ପୂର୍ଣ୍ଣ ହେବା ପରେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସଭିଙ୍କ ପ୍ରଶଂସା ତାଙ୍କୁ ଏକ ନୂଆ ଦିଗ ଆଡ଼କୁ ମୁହାଁଇଥିଲା। ଦୃଢ଼ ଇଚ୍ଛା ଓ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ବିଶ୍ୱାସ ରଖୁଥିବା ଅଭିଲାଷ କାହା ଅଧୀନରେ କାର୍ଯ୍ୟ ନ କରି ନିଜସ୍ୱ ଏକ ସଂସ୍ଥା ଆରମ୍ଭ କରିବାକୁ ମନସ୍ଥ କଲେ। ଆଉ ୨୦୧୭ରେ ପ୍ରତିଷ୍ଠା କଲେ ଇଣ୍ଟେରୋ ହବ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ। ମାତ୍ର ୧୨ ହଜାର ଟଙ୍କା ରେଜିଷ୍ଟ୍ରେଶନ୍ ଫି ଦେଇ ଆରମ୍ଭ କରିଥିବା ତାଙ୍କର ଏହି ସଂସ୍ଥାରେ ବର୍ତ୍ତମାନ ବାର୍ଷିକ ଆୟ ପ୍ରାୟ ୨.୫ କୋଟିରେ ପହଞ୍ଚିପାରିଛି। ନିଜ ସଂସ୍ଥା ମାଧ୍ୟମରେ ସେ ବର୍ତ୍ତମାନ ସୁଦ୍ଧା ୬ ଜଣ ସହଯୋଗୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତ କରିପାରିଛନ୍ତି। ଆଗକୁ ସେ ନିଜ ସଂସ୍ଥାରେ ଆହୁରି ଅନେକ କର୍ମଚାରୀଙ୍କୁ ରୋଜଗାରର ମାଧ୍ୟମ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଭୁବନେଶ୍ୱରରେ ତାଙ୍କର ଅଫିସ ଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ଲାଟେଷ୍ଟ ଇଣ୍ଟେରିଅର ଡିଜାଇନ୍, ହୋମ୍ ପ୍ଲାନ୍ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତେବେ ନିଜ ସମସ୍ତ ସଫଳତା ପଛରେ ଅଭିଭାବକଙ୍କ ପ୍ରୋତ୍ସାହନ ସହ ପତ୍ନୀ ତଥା ନିଜ କମ୍ପାନୀର କୋ–ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବା ଇଶାନୀ ପତିଙ୍କ ସହଯୋଗ ରହିଥିବା ପ୍ରକାଶ କରନ୍ତି।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ଲକ୍ଷ୍ୟ

ନୂଆ ନୂଆ ସ୍ଥାନ ବୁଲିବା ତାଙ୍କର ରୁଚି। କୌଣସି ଭଲ ସ୍ଥାନ ଦେଖିଲେ, କ'ଣ ସବୁ ସୁବିଧା ଉପଲବ୍ଧ ରହିଲେ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବାକୁ ଆକୃଷ୍ଟ ହେବେ ସେ ଯୋଜନା ତାଙ୍କ ମନକୁ ବାରମ୍ବାର ଆସେ। ବାସ୍ ଏହି ଭାବନାକୁ ସେ ନିଜସ୍ୱ ଉଦ୍ୟମରେ ଜୀବନ୍ତ ରୂପ ଦେଇ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସେ ହେଉଛନ୍ତି ଓ୍ୱଣ୍ଡର ଲଷ୍ଟର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଓଡ଼ିଶାଭିତ୍ତିକ ପର୍ଯ୍ୟଟନ କମ୍ପାନୀର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ସୌରଭ ସ୍ୱପ୍ନିଲ ଦତ୍ତ। ପାଠପଢ଼ା ସମୟରୁ ପାହାଡ଼ ଚଢ଼ିବା, ନଈରେ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ତାଙ୍କୁ ମିଳେ ଆନନ୍ଦ। ବୟସ ବଢ଼ିବା ସହ ଧୀରେ ଧୀରେ ଏହା ତାଙ୍କର ନିଶା ପାଲଟିଗଲା ଏବଂ ମାତ୍ର ୧୮ ବର୍ଷ ବୟସରେ ହିଁ ସେ ଏକ ସଂସ୍ଥା ଆରମ୍ଭ କଲେ। ଆଉ ଏହା ସାହାଯ୍ୟରେ କେବଳ ନିଜେ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେବାକୁ ଅଣ୍ଟା ଭିଡ଼ିଲେ। ନିଜର ନିଆରା ରୁଚିକୁ ପୂରଣ କରିବା ସହ ନିଜ ସଂସ୍ଥାର ଅଧିକ ଉନ୍ନତି ଲାଗି ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟରେ ଟୁରିଜମ୍ ମ୍ୟାନେଜମେଣ୍ଟ ସମାପ୍ତ କଲେ। ଏହାପରେ ୨୦୨୦ରେ ନିଜସ୍ୱ କମ୍ପାନୀ ପ୍ରତିଷ୍ଠା କଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଶାର ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀକୁ ଲୋକଲୋଚନକୁ ଆଣିବା ଏବଂ ସେଠାରେ ପର୍ଯ୍ୟଟକ ଓ ଯୁବଗୋଷ୍ଠୀଙ୍କ ବଜେଟକୁ ସୁହାଇଲା ଭଳି ସମସ୍ତ ସେବା ଉପଲବ୍ଧ କରାଇବା। ସେଥିପାଇଁ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଓ ପୁରୀ ଜିଲାର ରାମଚଣ୍ଡୀଠାରେ ସେ ୨ଟି କ୍ୟାମ୍ପସ୍ ସାଇଟ୍ ପରିଚାଳନା କରୁଛନ୍ତି। ଜନଗହଳିଠାରୁ ଦୂରରେ ଏହି ୨ଟି କ୍ୟାମ୍ପସ୍ ସାଇଟ୍ ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟତର କରିବା ସଙ୍ଗେ ସଙ୍ଗେ ଟେଣ୍ଟରେ ରହିବା, ବର୍ନ ଫାୟାରର ମଜା ନେବା ଏବଂ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ପ୍ରକୃତିକୁ ଉପଭୋଗ କରିବାରେ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି। ନିଜ ମା'ବାପା (ସୌଭାଗ୍ୟଲକ୍ଷ୍ମୀ ଏବଂ ସରୋଜ କୁମାର ଦତ୍ତ)ଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସୌରଭ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନ୍‌କୁ ଯଥାର୍ଥ କରି ଆମେ ଆମର କ୍ୟାମ୍ପସ୍ ସାଇଟ୍‌ରେ ସ୍ଥାନୀୟ ଶିକ୍ଷିତ ଏବଂ କୁଶଳୀ ଯୁବତୀ ଯୁବକମାନଙ୍କୁ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିଛନ୍ତି। ସ୍ଥାୟୀ ରୂପେ ୬ଜଣ ଯୁବକ ଏବଂ ଚୁକ୍ତିଭିତ୍ତିରେ ୬ଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ଅନୁସୂଚିତ ଜନଜାତିର ଅଟନ୍ତି। ଏହାଛଡ଼ା ସେ ସ୍ଥାନୀୟ କ୍ଷୁଦ୍ରଚାଷୀମାନଙ୍କୁ ନେଇ ଜୈବିକ ପ୍ରଣାଳୀରେ ପ୍ରସିଦ୍ଧ କନ୍ଧମାଳ ହଳଦୀ ଓ ଅନ୍ୟାନ୍ୟ ଋତୁଭିତ୍ତିକ ପନିପରିବା ଚାଷ କରାଉଛନ୍ତି। ଏହାଦ୍ୱାରା କ୍ଷୁଦ୍ର ଚାଷୀମାନେ ଉପକୃତ ହେବା ସହ ଜୈବ ଉତ୍ପାଦମାନଙ୍କର ଚାହିଦା ବୃଦ୍ଧି ହେଉଛି। ସ୍ଥାନୀୟ ନୃତ୍ୟ, ସଙ୍ଗୀତ ଏବଂ କଳାକୁ ମଧ୍ୟ ସେ ପ୍ରୋତ୍ସାହିତ କରିଆସୁଛନ୍ତି ; ଯାହାକି ଏହି କଳାକୁ ଉଜ୍ଜୀବିତ ରଖିବା ସହ କଳାକାରମାନଙ୍କୁ କିଛି ମାତ୍ରାରେ ଜୀବିକା ନିର୍ବାହରେ ସହାୟକ ହୋଇପାରୁଛି।




ସୌରଭ

## ଅନ୍ୟକୁ ରୋଜଗାର ଯୋଗାଇବାର ଆନନ୍ଦ ନିଆରା

ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇ ଦେବାକୁ ସର୍ବଦା ପ୍ରଚେଷ୍ଟା କରି ଆସିଛନ୍ତି ସେ। ଆଉ ଅହରହ ଉଦ୍ୟମ ବଳରେ ଆଜି ନିଜର ଏହି ସ୍ୱପ୍ନକୁ ସଫଳ କରାଇ ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି କଟକ ଚୌଦ୍ୱାର ଅଞ୍ଚଳରେ ରହୁଥିବା ଶାନ୍ତିଲତା ଏବଂ ନନ୍ଦକିଶୋର ସାହୁଙ୍କ ପୁଅ ରାକେଶ କୁମାର। ଆଜିର ବ୍ୟସ୍ତବହୁଳ ସମୟରେ ସୁସ୍ଥ ରହିବା ଲାଗି ଏକ୍ସରସାଇଜ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିପାଇଁ ଅନେକେ ଜିମ୍ ଉପରେ ନିର୍ଭର କରୁଛନ୍ତି। ତେଣୁ ଦିନକୁ ଦିନ ପ୍ରତିଟି ଛୋଟ ବଡ଼ ସହରରେ ଜିମ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଆଖିଆଗରେ ରଖି ୨୦୧୨ରେ ରାକେଶ ପ୍ରତିଷ୍ଠା କଲେ ମହାବୀର ଜିମ୍ ଇଣ୍ଡଷ୍ଟ୍ରୀ ; ଯେଉଁଥିରେ ସେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଜିମ୍‌ରେ ବ୍ୟବହୃତ ଉପକରଣ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ତାଙ୍କ ଉପକରଣଗୁଡ଼ିକ କେବଳ କଟକ, ଭୁବନେଶ୍ୱର କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନ ବ୍ୟତୀତ ପଞ୍ଜାବ, ଛତିଶଗଡ଼, ରାଞ୍ଚି ଏବଂ ବାଂଲାଦେଶରେ ମଧ୍ୟ ବିକ୍ରି ହେବାକୁ ଯାଉଛି। ତେବେ ମାତ୍ର ୧ ଲକ୍ଷ ଟଙ୍କା ବ୍ୟୟ କରି ଆରମ୍ଭ କରିଥିବା ତାଙ୍କର ଏହି ଇଣ୍ଡଷ୍ଟ୍ରୀ ବର୍ତ୍ତମାନ ୩୦ କୋଟିରେ ପହଞ୍ଚିପାରିଛି। ନିଜ ଇଣ୍ଡଷ୍ଟ୍ରୀରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ରୋଜଗାରର ପନ୍ଥା ଯୋଗାଇ ପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ଲାଭ କରିଥିବା ପ୍ରକାଶ କରନ୍ତି ରାକେଶ।

– ପୌର୍ଣ୍ଣମାସୀ

ୟୁଥ୍ କ୍ଲବ୍

# ସମାଜଧର୍ମୀ କାର୍ଯ୍ୟ ଦେଉଛି ଆତ୍ମସନ୍ତୋଷ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ର ୨୦ ଜଣ ଯୁବକ ସ୍ଥାନୀୟ ଅଞ୍ଚଳର ସାମାଜିକ ବିକାଶ ସହ ଉନ୍ନତି ଲକ୍ଷ୍ୟରେ ୨୦୧୭ ମସିହାରେ ଗଠନ କରିଥିଲେ 'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'। ସେବେଠୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିଭିନ୍ନ ଅଞ୍ଚଳକୁ ସଫାସୁତୁରା କରିବା, ସେଠାରେ ଅନୁଷ୍ଠିତ ଅନେକ ଯାନିଯାତ୍ରାରେ ଜନଗହଳିକୁ ଦୃଷ୍ଟି ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବ୍ୟାପକ ବୃକ୍ଷରୋପଣ, ଜଳ ସଂରକ୍ଷଣ ଉପରେ ସେମିନାର, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିଆସୁଛି। ସଦସ୍ୟମାନଙ୍କ ଏଭଳି ସମାଜଧର୍ମୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନେକ ଯୁବତୀଯୁବକ ଏଥିରେ ଯୋଗଦେବାକୁ ଆଗେଇ ଆସିଛନ୍ତି। ତେବେ ୧୦ଜଣ ସଦସ୍ୟଙ୍କୁ ନେଇ ଅନୁଷ୍ଠାନର ପରିଚାଳନା କମିଟି ଗଠନ ହୋଇଥିବା ବେଳେ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୩୫ରେ ପହଞ୍ଚିଛି। ଇତିମଧ୍ୟରେ ଅନୁଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା, ରାଣୀପଡ଼ା, ଢୋଲମରା ପଞ୍ଚାୟତର ବରପଲ୍ଲୀ, ବାଣପୁର ପଞ୍ଚାୟତର ଚୈତନ୍ୟପୁର, ବାଇଗୁଣିଆ ଆଦି ଅଞ୍ଚଳରେ ୧୬ଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇସାରିଛି। ଗତ ବିଶ୍ୱ ମହିଳା ଦିବସ ଅବସରରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜବ୍ ଆଶାୟୀ ପ୍ରାର୍ଥୀଙ୍କୁ ବିଭିନ୍ନ ସହଯୋଗ ଯୋଗାଇ ଦିଆଯାଇଥିଲା। ଏହା ବ୍ୟତୀତ ଅନେକ ସମୟରେ କୁଇଜ୍ ପ୍ରତିଯୋଗିତା, ଫୁଟ୍‌ବଲ ଓ ଭଲି ଟୁର୍ନାମେଣ୍ଟ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଉଛି। ଗତ ୧୬ ତାରିଖରେ ପଠାଣି ସାମନ୍ତ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସହର ପରିକ୍ରମା କରାଯାଇ ବିଭିନ୍ନ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଭାପତି ଜୟରାମ ଦାସ କୁହନ୍ତି, ''ଆରମ୍ଭରୁ କୌଣସି ସରକାରୀ ଅନୁଦାନ ନ ମିଳିଥିଲେ ହେଁ ସଦସ୍ୟମାନେ ନିଜ ନିଜ ମଧ୍ୟରେ ଚାନ୍ଦା ସଂଗ୍ରହ କରି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଆସୁଛୁ। ଆମ ଦ୍ୱାରା ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ମଙ୍ଗଳ ହୋଇ ପାରୁଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।'' ତେବେ ପ୍ରଥମଥର ପାଇଁ ଅନୁଷ୍ଠାନକୁ ସ୍ପୋର୍ଟ୍ସ ଆକ୍ଟିଭିଟି ଏବଂ କ୍ୟାରିୟର ମେଳା ପାଇଁ ଗତ ବର୍ଷ ୧୮ ହଜାର ଓ ୧୫ ହଜାର ଟଙ୍କା ମିଳିଥିବାରୁ ଆମେ ବେଶ୍ ଖୁସୀ ଏବଂ ଏହା ଆମକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ ବୋଲି ସମ୍ପାଦକ ମହେନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଅନୁଷ୍ଠାନକୁ ବୃଦ୍ଧି କରାଇବା ସହ ଅଧିକରୁ ଅଧିକ ସମାଜଧର୍ମୀ କାର୍ଯ୍ୟ କରି ଜନସାଧାରଣଙ୍କ ସହାୟତା କରିବା ଅନୁଷ୍ଠାନର ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।


'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'ର ସଦସ୍ୟମାନେ।

– ଅଜୟ କୁମାର ମହାରଣା

## ଏ ସପ୍ତାହର ପ୍ରଶ୍ନ

୧– ଭାରତ–ଆମେରିକା ଜଏଣ୍ଟ ମିଲିଟାରୀ ଏକ୍ସରସାଇଜ୍ 'ଯୁଦ୍ଧ ଅଭ୍ୟାସ–୨୦୨୨' .......... ରାଜ୍ୟରେ ଅନୁଷ୍ଠିତ ହେବ ?
୨– ସେଣ୍ଟର ଫର୍ ପଲିସି ଆନାଲିସିସ୍ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗ୍ଲୋବାଲ୍ ମାଇନରିଟି ଇଣ୍ଡେକ୍ସରେ ପ୍ରଥମ ସ୍ଥାନରେ ଥିବା ଦେଶ .......... ?
୩– ସେଣ୍ଟ୍ରାଲ୍ ଆଡପ୍‌ସନ ରିସୋର୍ସ ଅଥରିଟି ଦ୍ୱାରା ................ ମାସକୁ ଆଡପ୍‌ସନ ଆୱାରନେସ୍ ମନ୍ଥ ଭାବେ ପାଳନ କରାଯାଉଛି ?
୪– ମନିଷା ରାମଦାସ ଜଣେ ଜଣାଶୁଣା ........... ଖେଳାଳି ?
୫– ଏ ପ୍ଲେସ୍ କଲ୍‌ଡ ହୋମ୍ ପୁସ୍ତକ ........... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ୟୁନାଇଟେଡ୍ ନେଶନ୍ସ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍
୨ ମାଡ୍ରାସ୍
୩ କ୍ରିକେଟ
୪ ନାସା
୫ ଅତୁଲ କୁମାର ଗୁପ୍ତା

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ଭୁବନାନନ୍ଦ ରାଉତ, କଟକ

## ଟପ୍ ୧୦

### ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ




| | |
|---|---|
| ୧– ଚାଇନା | ୧୯.୫ ବିଲିଅନ୍ ଡଲାର |
| ୨– ଜର୍ମାନୀ | ୯.୯ ବିଲିଅନ୍ ଡଲାର |
| ୩– ଆମେରିକା | ୭.୨ ବିଲିଅନ୍ ଡଲାର |
| ୪– ଇଟାଲୀ | ୩.୩ ବିଲିଅନ୍ ଡଲାର |
| ୫– ଫ୍ରାନ୍ସ | ୩ ବିଲିଅନ୍ ଡଲାର |
| ୬– ପୋଲାଣ୍ଡ | ୨.୩ ବିଲିଅନ୍ ଡଲାର |
| ୭– ନେଦରଲାଣ୍ଡ | ୨.୨ ବିଲିଅନ୍ ଡଲାର |
| ୮– ଜାପାନ | ୨.୨ ବିଲିଅନ୍ ଡଲାର |
| ୯– ଜେକ୍ ରିପବ୍ଲିକ୍ | ୨ ବିଲିଅନ୍ ଡଲାର |
| ୧୦– ମେକ୍ସିକୋ | ୨ ବିଲିଅନ୍ ଡଲାର |

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଆଲର୍ଟ

# ଓଜନ କମାଉଥିଲେ

**ମୋଟା ଫିଗର ଯେମିତି ପର୍ସନାଲିଟିରେ ଆଞ୍ଚ ଆଣିଥାଏ। ଯେଉଁଥିପାଇଁ ଓଜନ କମାଇବା ଲାଗି ଅନେକେ ବିଭିନ୍ନ ଉପାୟ ଆପଣାଉଛନ୍ତି। ହେଲେ କେହିକେହି ସୁଫଳ ପାଇବା ବଦଳରେ ଏହାର ନକାରାତ୍ମକ ପ୍ରଭାବର ଶିକାର ମଧ୍ୟ ହେଉଛନ୍ତି। ତେଣୁ ଓଜନ କମାଉଥିଲେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବେ, ଜାଣିରଖନ୍ତୁ ସେ ସମ୍ପର୍କରେ ...**



➤ଅନେକେ ଭାବନ୍ତି ଅଧିକ ମୋଟା ଲାଗୁଥିବା ଶରୀରର କୌଣସି ନିର୍ଦ୍ଦିଷ୍ଟ ଭାଗ ଯେମିତିକି ପେଟ, ଅଣ୍ଟା, ଜଙ୍ଘ ଆଦି ପତଳା ହୋଇଗଲେ ଓଜନ ହ୍ରାସ ହୋଇଯିବ। ଆଉ ଏଥିପାଇଁ ସେମାନେ କେବଳ ସେହି ନିର୍ଦ୍ଦିଷ୍ଟ ଭାଗ ଲାଗି ଏକ୍ସରସାଇଜ୍ କରିଥାଆନ୍ତି। ହେଲେ ସ୍ଲିମ୍ ଫିଟ୍ ରଖିବା ଲାଗି ଏକ୍ସପର୍ଟଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ଶରୀର ଲାଗି ବ୍ୟାୟାମ ଆବଶ୍ୟକ।

➤ବର୍ତ୍ତମାନ ଓଜନ କମାଇବା ଲାଗି ଅଧିକାଂଶ ବ୍ରେକ୍‌ଫାଷ୍ଟ ବଦଳରେ ବିଭିନ୍ନ ଫୁଡ୍ ସପ୍ଲିମେଣ୍ଟ କିମ୍ବା ଡ୍ରିଙ୍କ୍ସ ଉପରେ ନିର୍ଭର କରୁଛନ୍ତି, ଯାହାକି ଇନ୍‌ଷ୍ଟାଣ୍ଟ ରେଜଲ୍ଟ ମଧ୍ୟ ଦେଉଛି। ହେଲେ ପରବର୍ତ୍ତୀ ସମୟରେ ଏହାଦ୍ୱାରା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ଫ୍ୟାଟ୍ କଟର ଭାବେ ବିକ୍ରି ହେଉଥିବା ଏହି ପ୍ରୋଟିନ୍ ପାଉଡର ବି କେବେ କେବେ ଓଜନ ବୃଦ୍ଧି କରିଥାଏ। ତେଣୁ ଏସବୁ ବଦଳରେ ଖାଦ୍ୟପେୟରେ ନିୟନ୍ତ୍ରଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ମନେରଖନ୍ତୁ, ଓଜନ କମାଇବା ଲାଗି ମନଇଚ୍ଛା କୌଣସି ଖାଦ୍ୟ କମାଇବା ପରିବର୍ତ୍ତେ ଡାଏଟିଂ କରୁଥିଲେ କୌଣସି ଏକ୍ସପର୍ଟ, ଡାଏଟିସିଆନ୍ କିମ୍ବା ନ୍ୟୁଟ୍ରେସନିଷ୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।

➤ଖାଲି ପେଟରେ ଅଧିକ ସମୟ ରହିଲେ ଓଜନ କମିଥାଏ ବୋଲି ଅନେକେ ଭାବନ୍ତି। ହେଲେ ଏହାଦ୍ୱାରା ଓଜନ ହ୍ରାସ ହେବା ପରିବର୍ତ୍ତେ ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଉପୁଜିଥାଏ। ତା'ଛଡ଼ା ମେଟାବଲିଜମ୍ ସ୍ତର କମିବା ସହ କ୍ୟାଲୋରି ବର୍ନ ଲାଗି ଶରୀରକୁ ଆବଶ୍ୟକ ଶକ୍ତି ମଧ୍ୟ ମିଳିପାରେ ନାହିଁ। ଫଳରେ ଦୁର୍ବଳ ଲାଗିଥାଏ। ତେବେ ଏହାର ଆଉ ଏକ ଅସୁବିଧା ହେଉଛି ଗୋଟିଏ ସମୟର ଖାଦ୍ୟ ନ ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଭୋକ ଲାଗିବାରୁ ଆବଶ୍ୟକତାଠାରୁ ଅଧିକ ଖାଇ ହୋଇଯାଏ, ଯାହାକି ଓଜନ ବୃଦ୍ଧିର କାରଣ ସାଜିଥାଏ।

➤ଓଜନ କମାଇବା ଲାଗି ସଠିକ ଖାଦ୍ୟ ଖାଇବା ସହ ପ୍ରତିଦିନ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଖାଦ୍ୟରେ ଯେତିକି ପରିମାଣରେ କ୍ୟାଲୋରି ଶରୀରକୁ ଯାଉଛି, ତା'ଠାରୁ ଅଧିକ କ୍ୟାଲୋରି ବର୍ନ ପାଇଁ ଏକ୍ସରସାଇଜ୍ କରନ୍ତୁ। ଜିମ୍‌ରେ ହେଉ ଅବା ଘରେ ଏକ୍ସରସାଇଜ୍ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।



ହକି ବିଶ୍ୱକପ୍ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।

# ତୃତୀୟ ଟାଇଟଲ ଲକ୍ଷ୍ୟରେ ଜର୍ମାନୀ

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର-ରାଉରକେଲାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୨୩ରେ ଅଂଶଗ୍ରହଣ କରିବା ପାଇଁ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନ ଜର୍ମାନୀ। ଓଡ଼ିଶାରେ ଖେଳାଯାଇଥିବା ପୂର୍ବ ସଂସ୍କରଣରେ ଜର୍ମାନୀ ୫ମ ସ୍ଥାନରେ ରହିଥିଲା। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଜର୍ମାନୀ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପୁଲ୍ ବି'ରେ ଜାପାନ, ବେଲଜିୟମ ଏବଂ କୋରିଆ ସହିତ ଜର୍ମାନୀ ସ୍ଥାନ ପାଇଛି। ଜାନୁୟାରୀ ୧୪ ତାରିଖରେ ଜାପାନ ବିପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଦଳ ନିଜର ଅଭିଯାନ ଆରମ୍ଭ କରିବ। ଦଳ ୨୦୦୨ ଓ ୨୦୦୬ରେ କ୍ରମାଗତ ଦୁଇଥର ଚାମ୍ପିୟନ ହୋଇଥିବା ବେଳେ ପୁନର୍ବାର ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବ।

## ଓଡ଼ିଶାରେ ଖେଳିବା ପାଇଁ ଉତ୍ସାହୀ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍‌କୁ ନେଇ ଖେଳାଳିମାନେ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ଜର୍ମାନୀ ଦଳର ଅଧିନାୟକ ମ୍ୟାଟ୍ସ ଗ୍ରାମ୍ବଶ୍। ୨୦୨୦ ପରେ ଦଳ ନୂତନ କୋଚ ଆଣ୍ଡ୍ରେ ହେନିଙ୍ଗ୍ସଙ୍କ ଅଧୀନରେ କଡା ପରିଶ୍ରମ କରିଛି। ବିଗତ ୮ ମାସ ମଧ୍ୟରେ ନୂଆ କୋଚଙ୍କ ଅଧୀନରେ ଦଳ ୧୮ ମ୍ୟାଚ ଖେଳିଥିବା ବେଳେ ଏଥିରୁ ୧୩ଟିରେ ବିଜୟୀ ହୋଇଛି। ବିଶ୍ୱକପ୍‌ରେ ମଧ୍ୟ ଦଳ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ୨୦୧୮ ସଂସ୍କରଣରେ ଦଳ ପଞ୍ଚମ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ବେଳେ ଚଳିତ ବର୍ଷ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ହକି ଖେଳିବା ସର୍ବଦା ଚ୍ୟାଲେଞ୍ଜପୂର୍ଣ୍ଣ ରହିଥାଏ। ବିଶ୍ୱକପ୍ ପାଇଁ ଦଳର ପ୍ରସ୍ତୁତି ଚମତ୍କାର ରହିଛି। ନିକଟରେ ସ୍ପେନ୍‌ରେ ଅନୁଷ୍ଠିତ ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା ବୋଲି କହିଛନ୍ତି ଗ୍ରାମ୍ବଶ୍। ଦଳ ନିଜ ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆଣିବା ସହିତ ତୃତୀୟ ବିଶ୍ୱକପ୍ ହାସଲ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

**ହକି ବିଶ୍ୱକପ୍**



**ଆଉ ୫ ଦିନ**

## ଡିଫେନ୍ସ ଅଧିକ ସଶକ୍ତ

ଏହି ବୃହତ୍ ଟୁର୍ନାମେଣ୍ଟ ପୂର୍ବରୁ ଜର୍ମାନୀ ଦଳ ଏହାର ପ୍ରସ୍ତୁତି ଜୋରଦାର କରିଛି ବୋଲି କହିଛନ୍ତି କୋଚ୍ ଆଣ୍ଡ୍ରେ ହେନିଙ୍ଗ୍ସ। ପ୍ରସ୍ତୁତି ଶିବିରରେ ରକ୍ଷଣଭାଗ ଖେଳାଳି ସର୍ବାଧିକ ପରିଶ୍ରମ କରିଥିବା ବେଳେ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ଟେକ୍‌ନିକ୍ ଦୃଷ୍ଟିରୁ ସମସ୍ତ ଖେଳାଳି ମଧ୍ୟ ବେଶ୍ ସଶକ୍ତ ବୋଲି ହେନିଙ୍ଗ୍ସ କହିଛନ୍ତି। ଦଳର ଖେଳାଳିଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିଥିବା ବେଳେ ଆମେ ପ୍ରାରମ୍ଭିକ ଭାବରେ ସେମିଫାଇନାଲ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

# ଓଡ଼ିଶା ଦଳ ପାଇଁ ଚୟନ ଶିବିର ୧୧ରେ

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

**ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ**

ଦ୍ୱାଦଶ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍-୨୦୨୩ ଜାନୁୟାରୀ ୨୭ରୁ ୨୯ ପର୍ଯ୍ୟନ୍ତ ଗୁଜରାଟର ନାଡ଼ିଆଡରେ ଅନୁଷ୍ଠିତ ହେବ। ୧୯ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ଶିବିର ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବ। ପୁରୀ ଜିଲା ସାକ୍ଷୀଗୋପାଳର ୟୁଜିସିଏମ୍ ଗ୍ରାଉଣ୍ଡରେ ଜୁନିୟର ଓ ସବ୍‌ଜୁନିୟର ବୟସ ବର୍ଗର ଖେଳାଳିଙ୍କ ଚୟନ ପ୍ରକ୍ରିୟା କରାଯିବ। ଚୟନ ଶିବିର ପ୍ରଦର୍ଶନ ଆଧାରରେ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଚୟନ କରାଯିବ। ଏଥିରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି ଯଥା (ଚକ୍ଷୁର ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ, ଗୋଡ ଭିନ୍ନକ୍ଷମ, ହାତ ଭିନ୍ନକ୍ଷମ ଓ କମ୍ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମ) ଖେଳାଳି ଭାଗନେଇ ପାରିବେ।ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

# ହକି ବିଶ୍ୱକପ୍ ପାଇଁ ସାଇକେଲ ରାଲି, ପଦଯାତ୍ରା



ହକି ବିଶ୍ୱକପ୍ ପାଇଁ ପଦଯାତ୍ରା।

ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ଏକାମ୍ର ମହାବିଦ୍ୟାଳୟର ଛାତ୍ରୀ ଓ ଛାତ୍ରମାନଙ୍କ ଦ୍ୱାରା ସାଇକେଲ ରାଲି ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ସାଇକେଲ ରାଲିରେ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ରାଲି ପୁନାମାଗେଟ୍‌ଠାରୁ ଆରମ୍ଭ ହୋଇ ଓଭରବ୍ରିଜ ପର୍ଯ୍ୟନ୍ତ ଯାଇଥିଲା। ଶନିବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ମହାବିଦ୍ୟାଳୟ ପରିସରରୁ ବାହାରି ପୋଖରୀପୁଟ୍ ବିଡିଏ କଲୋନୀ ପର୍ଯ୍ୟନ୍ତ ଯାଇ ଫେରିଥିଲା। ଏଥିରେ ବିଶ୍ୱକପ୍ ହକିରେ ଭାରତର ବିଜୟ ପାଇଁ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ପଦଯାତ୍ରାର ନେତୃତ୍ୱ ନେଇଥିଲେ ଅଧ୍ୟକ୍ଷା ତଥା ପ୍ରଫେସନର କ୍ରିଷ୍ଣା ମହାନ୍ତି।

# ଅଷ୍ଟ୍ରେଲିଆର ଆଶା ଉଜ୍ଜୀବିତ



କ୍ଲାସେନଙ୍କ ଉଇକେଟ ନେବାପରେ ପ୍ୟାଟ୍ କୁମିନ୍ସ।

ସିଡ୍‌ନୀ, ୭।୧(ଏପି)

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ ଆଶା ଉଜ୍ଜୀବିତ ହୋଇଛି। ଶନିବାର ଥିଲା ଦୁଇ ଦେଶ ମଧ୍ୟରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ୍ ୪୭୫/୪ ସ୍କୋରରେ ଘୋଷଣା କରିଛି। ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ୬ ଉଇକେଟ ବିନିମୟରେ ୧୪୯ ରନ୍ କରିଛି। ଦଳ ଅଷ୍ଟ୍ରେଲିଆଠାରୁ ଆହୁରି ୩୨୬ ରନ୍ ପଛରେ ରହିଛି। ଏହି ମ୍ୟାଚ୍‌ରେ ଜିତିବାକୁ ହେଲେ ରବିବାର ଅନ୍ତିମ ଦିବସର ତିନୋଟିଯାକ ସେସନରେ ଅଷ୍ଟ୍ରେଲିଆକୁ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସର ଅବଶିଷ୍ଟ ୪ ଉଇକେଟ ଶୀଘ୍ର ଦଖଲ କରିବା ସହ ଫଲୋଅନ ଦେଇ ଦ୍ୱିତୀୟଥର ଅଲ୍‌ଆଉଟ କରିବାକୁ ହେବ। ଏଠାରେ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିପାରିଲେ ଇଂଲଣ୍ଡର ଲର୍ଡ୍‌ସଠାରେ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବ। ବର୍ଷା ଯୋଗୁ ଶୁକ୍ରବାର ଆଦୌ ଖେଳ ସମ୍ଭବ ହୋଇ ନ ଥିଲା। ଶନିବାର ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ମଧ ଖେଳ ହୋଇପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଇନିଂସ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ। ଫଳରେ ଉସ୍‌ମାନ ଖ୍ୱାଜା ୧୯୫ ରନ୍ କରି ଅପରାଜିତ ରହିଥିଲେ ଏବଂ ସେ ଅଳ୍ପକେ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୫/୪ରେ ଘୋଷଣା (ଉସ୍‌ମାନ ଖ୍ୱାଜା-୧୯୫*, ଷ୍ଟିଭେନ ସ୍ମିଥ୍-୧୦୪, ମାର୍ନସ ଲାବୁସେନ୍- ୭୯, ଟ୍ରାଭିସ୍ ହେଡ୍-୭୦ ; ଏନ୍‌ରିଚ୍ ନୋର୍ଜେ-୨/୫୫, କେଶବ ମହାରାଜ-୧/୧୦୮, କାଗିସୋ ରାବାଡା-୧/୧୧୯)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୯ ଓଭରରେ ୧୪୯/୬ (ଖାୟା ଜୋଣ୍ଡୋ-୩୯, ଟେମ୍ବା ବଭୁମା-୩୫ ; ପ୍ୟାଟ କୁମିନ୍ସ-୩/୨୯, ଜୋସ୍ ହାଜ୍‌ଲେଉଡ୍-୨/୨୯)।

# କେନ୍ଦ୍ରାଞ୍ଚଳରୁ ସ୍ଥାନ ପାଇଲେ ଶିବସୁନ୍ଦର

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି ନୂତନ ଚୟନ କମିଟି। ଚେତନ ଶର୍ମାଙ୍କୁ ଦ୍ୱିତୀୟ ଥର ପାଇଁ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଶିବସୁନ୍ଦର ଦାସଙ୍କୁ କେନ୍ଦ୍ରାଞ୍ଚଳରୁ ଏହି କମିଟିରେ ସାମିଲ କରାଯାଇଛି। ବିଦର୍ଭ ପକ୍ଷରୁ କ୍ୟାରିୟରର ଅନ୍ତିମ ସିଜନ ଖେଳିଥିବା କାରଣରୁ ଶିବସୁନ୍ଦର କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିଛନ୍ତି। ଏହା ପୂର୍ବରୁ ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ମଧ୍ୟ ଚୟନ କମିଟିର ସଦସ୍ୟ ରହିଥିଲେ। ଟି୨୦ ବିଶ୍ୱକପ୍ ବିଫଳତା ପରେ ଚୟନ କମିଟିକୁ ବରଖାସ୍ତ କରାଯିବା ସହିତ ନୂତନ ଚୟନ କମିଟି ପାଇଁ ଆବେଦନ ଗ୍ରହଣ କରାଯାଇଥିଲା। ୬୦୦ରୁ ଅଧିକ ଆବେଦନ ଆସିଥିବା ବେଳେ ବିସିସିଆଇର କ୍ରିକେଟ୍ ଉପଦେଷ୍ଟା କମିଟି ପକ୍ଷରୁ ଏହି ୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ସୁଲକ୍ଷଣା ନାଏକ, ଅଶୋକ ମାଲହୋତ୍ରା ଓ ଯତୀନ ପରାଞ୍ଜପେ ଏହି କମିଟିର ସଦସ୍ୟ ରହିଛନ୍ତି। ୧୧ ଜଣ ଖେଳାଳିଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ମନୋନୀତ କରାଯାଇଥିବା ବେଳେ ଏହି ଖେଳାଳିଙ୍କୁ ଚୟନ କରାଯାଇଛି। ପୂର୍ବତନ ଚୟନ କମିଟି ମୁଖ୍ୟ ରହିଥିବା ଚେତନ ଶର୍ମାଙ୍କୁ ଚୟନ କମିଟି ମୁଖ୍ୟର ଗୁରୁଦାୟିତ୍ୱ ପୁନର୍ବାର ପ୍ରଦାନ କରାଯାଇଥିବା ବେଳେ ପୂର୍ବାଞ୍ଚଳରୁ ସୁବ୍ରତୋ ବାନାର୍ଜୀ, ପଶ୍ଚିମାଞ୍ଚଳରୁ ସଲିଲ ଅଙ୍କୋଲା ଓ ଦକ୍ଷିଣାଞ୍ଚଳରୁ ସିଦ୍ଧାର୍ଥ ଶରଥଙ୍କୁ ମନୋନୀତ କରାଯାଇଛି। ବର୍ତ୍ତମାନର ଚୟନ କମିଟି ନିକଟରେ ୪୮ ଟେଷ୍ଟ ଓ ୯୫ ଦିନିକିଆ ଖେଳିବାର ଅଭିଜ୍ଞତା ରହିଛି। ଚେତନ ଶର୍ମା ଓ ଶିବସୁନ୍ଦର ଦାସ ୨୩ଟି ଲେଖାଏ ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ସଲିଲ ଅଙ୍କୋଲା ଓ ସୁବ୍ରତୋ ବାନାର୍ଜୀ ଗୋଟିଏ ଲେଖାଏ ଟେଷ୍ଟ ଖେଳିଛନ୍ତି। ଚେତନ ଶର୍ମା ୬୫ ଦିନିକିଆରେ ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ଶିବସୁନ୍ଦର ଦାସ ଯଥାକ୍ରମେ ୨୦, ୬ ଓ ୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ସିଦ୍ଧାର୍ଥ ଶରଥ ୧୩୯ ପ୍ରଥମ ଶ୍ରେଣୀ ମ୍ୟାଚରୁ ୫୧ ଆଭରେଜ ସହିତ ୮୭୦୦ ରନ୍ କରିଥିବା ବେଳେ ଗୋଟିଏ ବି ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରୁ ଏକମାତ୍ର ଖେଳାଳି ଭାବରେ ଶିବସୁନ୍ଦର ଦାସ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ଶିବସୁନ୍ଦର ଭାରତ ପାଇଁ ୨୩ଟି ଟେଷ୍ଟ ଓ ୪ଟି ଦିନିକିଆ ମ୍ୟାଚ ଖେଳିଥିବା ବେଳେ ୧୮୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଓ ୮୧ଟି ଲିଷ୍ଟ ଏ' ମ୍ୟାଚ ଖେଳିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେସେ ୩୦୦*ର ସର୍ବୋଚ୍ଚ ସ୍କୋର ସହିତ ୧୦୯୦୮ ରନ୍ ଓ ଲିଷ୍ଟ ଏ'ରେ ୨୪୨୧ ରନ୍ କରିଛନ୍ତି।

**ଚେତନ ଶର୍ମାଙ୍କ ନେତୃତ୍ୱରେ ଚୟନ କମିଟି**


ଚେତନ ଶର୍ମା, ସିଦ୍ଧାର୍ଥ ଶରଥ, ଶିବସୁନ୍ଦର ଦାସ ଓ ସଲିଲ ଅଙ୍କୋଲା।

**ସଂକ୍ଷେପରେ ଶିବସୁନ୍ଦରଙ୍କ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ୍ | ଶତକ | ଅର୍ଦ୍ଧଶତକ | ସର୍ବୋଚ୍ଚ ସ୍କୋର |
|---|---|---|---|---|---|
| ଟେଷ୍ଟ | ୨୩ | ୧୩୨୬ | ୨ | ୯ | ୧୧୦ |
| ଦିନିକିଆ | ୪ | ୩୯ | ୦ | ୦ | ୩୦ |
| ପ୍ରଥମ ଶ୍ରେଣୀ | ୧୮୦ | ୧୦୯୦୮ | ୨୪ | ୫୨ | ୩୦୦* |
| ଲିଷ୍ଟ ଏ | ୮୧ | ୨୪୨୧ | ୪ | ୧୩ | ୧୩୩ |


ହକି ବିଶ୍ୱକପ୍ ୨୦୨୩ ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତ ବାରବାଟୀ ଷ୍ଟାଡିୟମ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ Bhubaneswar, Sunday, January 8/ 2023



ହକି ବିଶ୍ୱକପ୍ ୨୦୨୩ ପାଇଁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଦଳ।

# ରାଉରକେଲାରେ ପହଞ୍ଚିଲା ନ୍ୟୁଜିଲାଣ୍ଡ, ମାଲେସିଆ ହକି ଦଳ

**ରାଉରକେଲା ଅଫିସ,୭।୧**

ପୁରୁଷ ହକି ବିଶ୍ୱକପ୍‌କୁ ଆଉ ୫ଦିନ ବାକି ଥିବାବେଳେ ରାଉରକେଲାରେ କେବଳ ଭାରତୀୟ ହକି ଦଳର ଖେଳାଳିମାନେ ପହଞ୍ଚି ବିର୍ସାମୁଣ୍ଡା ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛନ୍ତି। ଶନିବାର ଦୁଇଟି ଚାର୍ଟାର୍ଡ୍ ପ୍ଲେନ ଯୋଗେ ନ୍ୟୁଜିଲାଣ୍ଡ ଓ ମ୍ୟାଲେସିଆ ଦଳର ଖେଳାଳିମାନେ ରାଉରକେଲାରେ ପହଞ୍ଚିଥିଲେ। ପ୍ରଥମେ ଅପରାହ୍ନ ୧ଟା ୧୦ରେ ନ୍ୟୁଜିଲାଣ୍ଡ ଦଳ ପହଞ୍ଚିଥିଲା। କୋଚ୍ ଗ୍ରେଗ୍ ନିକୋଲ ଓ ଅଧିନାୟକ କେୟାର ଟରାଣ୍ଟୋଙ୍କ ସହ ଦଳର ଅନ୍ୟ ଖେଳାଳିମାନେ ପହଞ୍ଚିବା ପରେ ନିବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ମିଳିଥିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଏଠାରେ ଖେଳିବାକୁ ନେଇ ଉଭୟ ବେଶ୍ ଉତ୍କଣ୍ଠା ପ୍ରକାଶ କରିଥିଲେ। ଜିଲାରେ ହକିପ୍ରେମୀଙ୍କ ସମର୍ଥନ ଓ ପାଗ ଅନୁକୂଳ ଥିବାରୁ ଏଠାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ନିକୋଲ ମତପ୍ରକାଶ କରିଥିଲେ। ପରେ ଦଳର ସମସ୍ତ ଖେଳାଳି ଭଲ୍‌ଭୋ ବସ୍ ଯୋଗେ ବିର୍ସାମୁଣ୍ଡା ଷ୍ଟାଡିୟମର ହକି ଭିଲେଜରେ ଥିବା 'ଏ' ବ୍ଲକ ହୋଟେଲ ପରିସରକୁ ଯାଇଥିଲେ। ସେହିପରି ମ୍ୟାଲେସିଆ ଦଳ ଅପରାହ୍ନ ୩ଟା ୩୦ରେ ବିମାନବନ୍ଦରରେ ପହଞ୍ଚିଥିଲା। ଦଳର ସମସ୍ତ ଖେଳାଳିଙ୍କୁ ଜିଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବଳୟରେ ଷ୍ଟାଡିୟମ ପରିସରକୁ ନିଆଯାଇଥିଲା।

# ଟି୨୦ ସିରିଜ୍ ଜିତିଲା ଭାରତ

## ସୂର୍ଯ୍ୟକୁମାରଙ୍କ ଶତକ

**ରାଜକୋଟ,୭।୧ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ଶତକ ବଳରେ ଶ୍ରୀଲଙ୍କା ବିପକ୍ଷ ୩ୟ ଟି ୨୦ କ୍ରିକେଟ ମ୍ୟାଚ୍‌କୁ ଭାରତ ୯୧ରେ ଜିତି ୨-୧ରେ ସିରଜ୍ ବିଜୟୀ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଶତକ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୨୯ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ମୁକାବିଲା କରି ନ ପାରି ୧୬.୪ ଓଭରରେ ୧୩୭ ରନରେ ଅଲଆଉଟ ହୋଇଥିଲା। ଟି୨୦ରେ ନମ୍ବରଓ୍ୱାନ୍ ସୂର୍ଯ୍ୟକୁମାର ନିଜ କ୍ୟାରିୟରର ୪୫ତମ ଟି୨୦ ମ୍ୟାଚରେ ତୃତୀୟ ଅନ୍ତର୍ଜାତୀୟ ଶତକ ହାସଲ କରିବା ସହ ଖେଳିଥିଲେ ୧୧୨ ରନର ଇନିଂସ। ରାଜକୋଟରେ ଖେଳାଯାଇଥିବା ଏହି ମ୍ୟାଚରେ ଇଶାନ କିଶନ୍(୨) ପ୍ରଥମ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ରାହୁଲ୍ ତ୍ରିପାଠୀ(୩୫) ଓ ଶୁବମନ୍ ଗିଲ୍(୪୬) ଦ୍ୱିତୀୟ ଉଇକେଟରେ ୪୯ ରନ୍ ଯୋଡିଥିଲେ। କ୍ୟାରିୟରର ଦ୍ୱିତୀୟ ଟି୨୦ ଖେଳୁଥିବା ତ୍ରିପାଠୀ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିବା ବେଳେ ଗିଲ୍ ୩୬ ବଲ୍ ଖେଳି ୨ଚୌକା ଓ ୩ ଛକା ମାରିଥିଲେ। ଗିଲ୍‌ଙ୍କ ସହିତ ତୃତୀୟ ଉଇକେଟରେ ୧୧୧ ରନ୍ ଯୋଡି ସୂର୍ଯ୍ୟକୁମାର ଭାରତକୁ ବୃହତ୍ ସ୍କୋର ଆଡ଼କୁ ଅଗ୍ରସର କରାଇଥିଲେ। ଦୀପକ ହୁଡା ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ୪ ରନ୍ ଲେଖାଏ କରି ପ୍ୟାଭିଲିୟନ୍ ଫେରିଥିଲେ। ଅକ୍ଷର ପଟେଲ କିନ୍ତୁ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ମାତ୍ର ୯ ବଲ ଖେଳି ୨୧ ରନ୍ କରିବା ସହିତ ସୂର୍ଯ୍ୟକୁମାରଙ୍କ ସହିତ ଯୋଡିଥିଲେ ଅବିଭାଜିତ ୪୦ ରନ୍। ଶେଷ ଯାଏ ଅପରାଜିତ ରହିଥିବା ସୂର୍ଯ୍ୟକୁମାର ୫୧ ବଲ୍‌ରୁ ୧୧୨ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶଙ୍କା ୨ ଉଇକେଟ ନେଇଥିବା ବେଳେ କସୁନ୍ ରଜିଥା, ଚାମିକା କରୁଣରତ୍ନେ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ମିଳିଥିଲା ଗୋଟିଏ ଲେଖାଏ ଉଇକେଟ। ୨୩୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୧୩୭ ରନରେ ସୀମିତ ରହିଥିଲା। ଦୁଇ ଓପନର ପାଥୁମ୍ ନିଶଙ୍କା(୧୫) ଓ କୁଶାଲ ମେଣ୍ଡିସ୍(୨୩) ପ୍ରଥମ ଉଇକେଟରେ ୪୪ ରନ୍ ଯୋଡିଥିଲେ। ତେବେ ୪ ବଲ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ। ମଧ୍ୟକ୍ରମରେ ଧନଞ୍ଜୟ ଡି ସିଲ୍‌ଭା(୨୨), ଚରିଥ୍ ଅସଲଙ୍କା(୧୯) ଓ ଦଶୁନ୍ ସନକା(୨୩) ଭଲ ଆରମ୍ଭ କରିଥିଲେ ହେଁ ଲମ୍ବା ଇନିଂସ୍ ଖେଳିପାରି ନ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ୩, ଯୁଜବେନ୍ଦ୍ର ଚହଲ, ଉମ୍ରାନ୍ ମଲିକ୍ ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିବା ବେଳେ ଅକ୍ଷର ପଟେଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।



ଶତକୀୟ ଇନିଂସ ଅବସରରେ ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୯/୫ (ସୂର୍ଯ୍ୟକୁମାର ଯାଦବ-୧୧୨*, ଶୁବମାନ ଗିଲ୍-୪୬, ରାହୁଲ ତ୍ରିପାଠୀ-୩୫, ଅକ୍ଷର ପଟେଲ-୨୧*, ଦିଲଶାନ ମଦୁଶଙ୍କା-୨/୫୫, କସୁନ୍ ରଜିଥା-୧/୩୫, ୱାନିନ୍ଦୁ ହସରଙ୍ଗା-୧/୩୬)। ଶ୍ରୀଲଙ୍କା ୧୬.୪ ଓଭରରେ ୧୩୭/୧୦ ( ଦାସୁନ ଶନକା-୨୩, କୁଶାଲ ମେଣ୍ଡିସ୍-୨୩, ଅଭିଷ୍କା ଫର୍ନାଣ୍ଡୋ-୨୨, ଅର୍ଶଦୀପ ସିଂ-୩/୨୦, ଯୁଜବେନ୍ଦ୍ର ଚହଲ -୨/୩୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୨/୩୦)।

## ୨୦୨୬ ଯାଏ ବଢ଼ିଲା ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ



**ପ୍ୟାରିସ୍,୭।୧(ପି.ଟି.)**

ଫ୍ରାନ୍ସ ଜାତୀୟ ଫୁଟବଲ ଦଳର ମୁଖ୍ୟ କୋଚ ରହିଥିବା ଡିଡିଏର ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ଶନିବାର ବୃଦ୍ଧିକରାଯାଇଛି। ଆସନ୍ତା ବିଶ୍ୱକପ୍ ଯାଏ ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ନେଇ ଫ୍ରେଞ୍ଚ ଫୁଟବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ୧୯୯୮ରେ ବିଶ୍ୱକପ୍ ବିଜୟୀ ଫ୍ରାନ୍ସ ଦଳର ସେ ଅଧିନାୟକ ରହିଥିବା ବେଳେ ୨୦୧୨ ପରଠାରୁ ସେ ଫ୍ରାନ୍ସ ଜାତୀୟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୮ରେ ଫ୍ରାନ୍ସ ଦଳ କ୍ରୋଏସିଆକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣରେ ଆର୍ଜେଣ୍ଟିନା ନିକଟରୁ ହାରି ଦଳ ରନର୍ସଅପ୍ ରହିଥିଲା। ବିଶ୍ୱକପ୍ ଫାଇନାଲରେ ପରାଜୟ ପରେ ଡେଶ୍ଚାମ୍ପଙ୍କ ବିଦା ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ରେ ରହିବା ପରେ ପେନାଲ୍ଟି ଶୁଟଆଉଟରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

# ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର



**ନୂଆଦିଲ୍ଲୀ, ୭।୧(ପି.ଟି.)**

ଲିଗାମେଣ୍ଟ ଇଞ୍ଜୁରୀ ପାଇଁ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଭାରତୀୟ ଉଇକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଏହା ଜଣାପଡ଼ିଛି। ଗତ ସପ୍ତାହରେ ଏକ ଭୟଙ୍କର କାର୍ ଦୁର୍ଘଟଣାରେ ପନ୍ତ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ। ବର୍ତ୍ତମାନ ସେ ପର୍ଯ୍ୟବେକ୍ଷଣରେ ରହିବେ। ଡାକ୍ତର ଦିନ୍‌ଶ ପାର୍ଡିଓ୍ୱାଲାଙ୍କ ପରାମର୍ଶ କ୍ରମେ ରିଷଭଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖବର ଅନୁସାରେ ଅନ୍ଧେରୀ ୱେଷ୍ଟସ୍ଥିତ କୋକିଳବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଡାକ୍ତର ପାର୍ଡିଓ୍ୱାଲାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ପନ୍ତଙ୍କ ପକ୍ଷେ କମର୍ସିଆଲ ଏୟାରଲାଇନ୍‌ରେ ଯାତ୍ରା ସମ୍ଭବ ନ ଥିବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଡେରାଡୁନ୍‌ରୁ ମୁମ୍ବାଇ ଅଣାଯାଇଥିଲା। ସୂଚନାଯୋଗ୍ୟ, ୨୫ ବର୍ଷୀୟ ପନ୍ତ ତାଙ୍କ ପରିବାରକୁ ସରପ୍ରାଇଜ୍ ଦେବା ଲାଗି ଡିସେମ୍ବର ୩୦ ପ୍ରତ୍ୟୁଷରେ ନିଜ କାର୍‌ରେ ଦିଲ୍ଲୀରୁ ରୁର୍କି ଯାତ୍ରା କରୁଥିଲେ। ଦ୍ରୁତ ଗତିରେ ଯାଉଥିବା ତାଙ୍କ କାର୍‌ଟି ଡିଭାଇଡ଼ରରେ ବାଜି ସେଥିରେ ନିଆଁ ଲାଗିଯାଇଥିଲା। ପନ୍ତଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା।




# ଅବସର ନେବେ ସାନିଆ ମିର୍ଜା



**ନୂଆଦିଲ୍ଲୀ, ୭।୧ (ପି.ଟି.)**

ଭାରତର ଭେଟେରାନ୍ ଟେନିସ୍ ଖେଳାଳି ସାନିଆ ମିର୍ଜା ଅବସର ନେବେ। ଆସନ୍ତା ମାସରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ତାଙ୍କର ଶେଷ ଟୁର୍ନାମେଣ୍ଟ ହେବ। ପୂର୍ବତନ ଡବଲ୍ସ ନମ୍ବର ୱାନ୍ ଖେଳାଳି ଡବ୍ଲ୍ୟୁଟିଏ (ଓମେନ୍ସ ଟେନିସ୍ ଆସୋସିଏଶନ)କୁ ତାଙ୍କର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ସାନିଆ ଗତ ସିଜନରେ ଟେନିସ୍ ଛାଡ଼ିବେ ବୋଲି ମନସ୍ଥ କରିଥିଲେ। କିନ୍ତୁ କହୁଣିରେ ଆଘାତ ଲାଗିବାରୁ ସେ ୟୁଏସ୍ ଓପନ ଖେଳିପାରି ନ ଥିଲେ। ଡବ୍ଲ୍ୟୁଟିଏ ଫାଇନାଲ୍ସ ଖେଳିସାରିବା ପରେ ଅବସର ନେବା ତାଙ୍କ ପାଇଁ ପ୍ରକୃଷ୍ଟ ସମୟ ହେବ ବୋଲି ସେ ବିଚାର କରିଥିଲେ। ମାତ୍ର ତାହା ମଧ୍ୟ ହୋଇପାରି ନ ଥିଲା। ଫଳରେ ସେ ୨୦୨୩ରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ପରେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୬ ବର୍ଷୀୟା ସାନିଆ ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କୁ ବିବାହ କରିବା ପରେ ଦଶନ୍ଧି ହେବ ଦୁବାଇରେ ଅବସ୍ଥାନ କରି ଆସୁଛନ୍ତି। ସାନିଆ ତାଙ୍କ କ୍ୟାରିୟରରେ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତନ୍ମଧ୍ୟରେ ୩ଟି ଡବଲ୍ସ ଓ ୩ଟି ମିକ୍ସଡ ଡବଲ୍ସ ଟାଇଟଲ ରହିଛି। ଚଳିତ ମାସରେ ସେ କାଜାଖସ୍ତାନର ଆନ୍ନା ଡାନିଲିନାଙ୍କୁ ସାଥି କରି ଅଷ୍ଟ୍ରେଲିଆନ ଓପନ୍ ଖେଳିବେ। ସାନିଆ କହିଛନ୍ତି, ବହୁ ଦିନ ହେଲା ତାଙ୍କ ପେଣ୍ଡା ମାଂସପେଶୀରେ ସମସ୍ୟା ରହିଛି। ତାଙ୍କ ଫେୟାରୱେଲ ଯୋଜନାରେ ଏହା ବାଧା ସୃଷ୍ଟି କରିବ ନାହିଁ ବୋଲି ଆଶା ପ୍ରକାଶ କରିଛନ୍ତି। ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ହେଉଛି ଏକ ଡବ୍ଲ୍ୟୁଟିଏ ୧୦୦୦ ଇଭେଣ୍ଟ। ଏହା ଫେବୃୟାରୀ ୧୯ରେ ଆରମ୍ଭ ହେବ।

### ସଂକ୍ଷେପରେ ସାନିଆଙ୍କ କ୍ୟାରିୟର

- ସିଙ୍ଗଲ୍ସ ଟାଇଟଲ -୧
- ଡବଲ୍ସ/ମିକ୍ସଡ ଡବଲ୍ସ-୪୩
- ସିଙ୍ଗଲ୍ସ ବିଜୟ ପରାଜୟ-୨୭୧-୧୬୧(୬୨.୭%)
- ଡବଲ୍ସ/ମିକ୍ସଡ ଡବଲ୍ସ ବିଜୟ ପରାଜୟ-୫୪୩-୨୪୨(୬୮.୭%)
- ଶ୍ରେଷ୍ଠ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ-୨୭
- ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ-୧
- କ୍ୟାରିୟର ଗ୍ରାଣ୍ଡସ୍ଲାମ-୬
- ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୱିମ୍ବେଲଡନ (୨୦୧୫), ୟୁଏସ୍ ଓପନ୍ (୨୦୧୫), ଅଷ୍ଟ୍ରେଲିଆନ ଓପନ (୨୦୧୬)
- ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୟୁଏସ୍ ଓପନ୍ (୨୦୧୪), ଅଷ୍ଟ୍ରେଲିଆନ ଓପନ (୨୦୦୯), ଫ୍ରେଞ୍ଚ ଓପନ (୨୦୧୨)
- କ୍ୟାରିୟର ପୁରସ୍କାର ରାଶି-୭୨,୧୫,୯୮୪ ଡଲାର

# ୨୬ ଜଣିଆ ଭାରତୀୟ ଦଳ ମନୋନୀତ

## ଏସିଆନ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୭।୧(ପି.ଟି.)**

ଫେବୃୟାରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦ମ ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ କାଜାଖସ୍ତାନର ଅଷ୍ଟାନାରେ ହେବ। ଏଥିପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଶନିବାର ୨୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ୧୩ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୨୦ ଟୋକିଓ ଅଲିମ୍ପିଆନ ତେଜିନ୍ଦରପାଲ୍ ସିଂ ତୁର୍ ଓ ମହିଳା ୧୦୦ମିଟର ହର୍ଡଲ୍ସ ଜାତୀୟ ରେକର୍ଡ ଅଧିକାରିଣୀ ଜ୍ୟୋତି ୟାରାଜୀ ଅଛନ୍ତି। ୩୬ତମ ନ୍ୟାଶନାଲ ଗେମ୍ସ ଓ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ପ୍ରଦର୍ଶନକୁ ଭିତ୍ତି କରି ଏହି ଆଥଲେଟ୍‌ମାନଙ୍କୁ ମନୋନୀତ କରାଯାଇଥିବା ଏଏଫ୍‌ଆଇ ସଭାପତି ଆଦିଲ ସୁମାରିଓ୍ୱାଲ ପ୍ରକାଶ କରିଛନ୍ତି। ଗତ ସଂସ୍କରଣରେ ଭାରତ ୪ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସମେତ ୬ ପଦକ ଜିତିପାରିଥିଲା।

**ଭାରତୀୟ ଦଳ ( ପୁରୁଷ):** ଏଲାକିୟା ଦସନ (୬୦ମିଟର), ଅମ୍ଲାନ ବର୍ଗୋହେନ୍ (୬୦ମିଟର), ତେଜାସ ଶୀର୍ଷେ (୬୦ମିଟର ହର୍ଡଲ୍ସ), ସର୍ବେଶ ଅନିଲ କୁଶାରେ (ହାଇଜମ୍ପ), ଅରୋମାଲ ଟି' (ହାଇଜମ୍ପ), ଶିବ ସୁବ୍ରମଣ୍ୟମ (ପୋଲ୍‌ଭଲ୍ଟ), ପ୍ରଶାନ୍ତ ସିଂ କନ୍ହେୟା (ପୋଲ୍ ଭଲ୍ଟ), ଜେସ୍ୱିନ ଆଲ୍‌ଡ୍ରିନ୍ (ଲଙ୍ଗଜମ୍ପ), ମହମ୍ମଦ ଆନିସ ୟାହିୟା (ଲଙ୍ଗ୍‌ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ତ୍ରିପଲ ଜମ୍ପ), ଅରୁଣ ଏବି (ତ୍ରିପଲ ଜମ୍ପ), ତେଜିନ୍ଦର ପାଲ୍ ସିଂ ତୁର୍ (ଶଟ୍‌ପୁଟ୍), କର୍ଣ୍ଣବୀର ସିଂ (ଶଟ୍‌ପୁଟ୍)।

**ମହିଳା ଦଳ:** ଜ୍ୟୋତି ୟାରାଜୀ (୬୦ମିଟର ଓ ୬୦ ମିଟର ହର୍ଡଲ୍ସ), ଅର୍ଚ୍ଚନା ସୁସିନ୍‌ଦ୍ରାନ୍ (୬୦ମିଟର), ସପ୍ନା କୁମାରୀ (୬୦ମିଟର ହର୍ଡଲ୍ସ), ଅଭିନୟା ଶେଟ୍ଟି (ହାଇଜମ୍ପ), ରୋଜି ମୀନା ପଲ୍‌ରାଜ (ପୋଲ୍‌ଭଲ୍ଟ), ପବିତ୍ରା ଭେଙ୍କଟେଶ (ପୋଲ୍‌ଭଲ୍ଟ), ଶୈଳୀ ସିଂ (ଲଙ୍ଗଜମ୍ପ), ନୟନା ଜେମ୍ସ (ଲଙ୍ଗଜମ୍ପ), ଶିନା ଏନ୍‌ଭି (ତ୍ରିପଲ ଜମ୍ପ), ପୂର୍ବା ହିତେଶ ସାୱନ୍ତ (ତ୍ରିପଲ ଜମ୍ପ), ଆଭା ଖଟୁଆ (ଶଟ୍‌ପୁଟ୍), ସ୍ୱପ୍ନା ବର୍ମନ (ପେଣ୍ଟାଥଲନ), ସୌମ୍ୟା ମୁରୁଗାନ୍ (ପେଣ୍ଟାଥଲନ)।

# ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୩-୧ ଗୋଲ୍‌ରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ହରାଇ ଦେଇଛି। ଦଳ ପକ୍ଷରୁ ଡିଏଗୋ ମରିସିଓ ଦୁଇଟି ଗୋଲ୍ ୨୨ତମ ଓ ୫୩ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ନନ୍ଦ କୁମାର (୪୫+୨) ଗୋଟିଏ ଗୋଲ୍ ଦେଇଥିଲେ। ଇଷ୍ଟ ବେଙ୍ଗଲ ତରଫରୁ କ୍ଲିଟନ ସିଲ୍‌ଭା ୧୦ମ ମିନିଟରେ ଏକମାତ୍ର ସ୍କୋର କରିଥିଲେ। ଏହି ବିଜୟ ପରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୩ଟି ମ୍ୟାଚ୍‌ରୁ ୭ ବିଜୟ, ୫ ପରାଜୟ ଏବଂ ଗୋଟିଏ ଡ୍ର ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଷ୍ଟ ବେଙ୍ଗଲ ଖେଳିସାରିଥିବା ୧୨ଟି ମ୍ୟାଚରୁ ୪ ବିଜୟ ଓ ୮ ପରାଜୟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ଅଛି। ଶନିବାର ଜାମ୍‌ସେଦ୍‌ପୁରଠାରେ ଚେନ୍ନାଇନ୍ ଏଫ୍‌ସି ଓ ଜାମ୍‌ସେଦ୍‌ପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି।



ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ମାଲେସିଆ ହକି ଦଳ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ